ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୨/୨୦୨୫ (୧୮ ପୃଷ୍ଠା) | Bhubaneswar, Thursday, June 12/2025 | Page 18 | ₹ 7.00 | DHENKANAL
୫୧ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 197 | ମୂଲ୍ୟ ₹୭/-

DADLS-29



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ

## କଥାଦେଇ କଥା ରଖିଲେ ଲୋକଙ୍କ ସରକାର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ଲୋକଙ୍କ ପାଇଁ, ଲୋକଙ୍କ ସରକାର
କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଲୋକଙ୍କ ପାଖରେ ପହଞ୍ଚିଲା ସରକାର, ସମ୍ବଲପୁରରେ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୮୫% ଅଭିଯୋଗ ସମାଧାନ

ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ୫ଲକ୍ଷରୁ ଅଧିକ ଅଭିଯୋଗ ସମାଧାନ

### ମହିଳା ସଶକ୍ତିକରଣ
ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ

୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରର ଝିଅମାନଙ୍କୁ ସ୍ଥାନୀୟ ପରମ୍ପରା ଅନୁସାରେ ଗଣ ବିବାହ

### କୃଷି ଓ କୃଷକ ସଶକ୍ତିକରଣ
ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା MSP ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା

ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ

### ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା
AB-PMJAY ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୯ ହଜାରରୁ ଅଧିକ ଚିକିତ୍ସାଳୟରେ ନଗଦବିହୀନ ଚିକିତ୍ସା ସୁବିଧା

ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଉନ୍ନତ ଚିକିତ୍ସା ସୁବିଧା

ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ଓ ତଦୁର୍ଦ୍ଧ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା

### ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ
ଜାତୀୟ ଶିକ୍ଷା ନୀତି – ୨୦୨୦ କାର୍ଯ୍ୟକାରୀ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଶତାୟୁ ବିଦ୍ୟାଳୟଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

### ଗ୍ରାମୀଣ ଭିତ୍ତିଭୂମି ବିକାଶ
ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା

୩ ଲକ୍ଷ ୬୫୮ ଘରୋଇ ଟ୍ୟାପ ସଂଯୋଗୀକୃତ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୨.୬୭ ଲକ୍ଷ ଘର ନିର୍ମିତ ଓ ୩୬ ଲକ୍ଷ ନୂତନ ହିତାଧିକାରୀ ଚିହ୍ନଟ

ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ ଘର ମଞ୍ଜୁର

### ଜନଜାତି ବିକାଶ
ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୧,୭୨,୩୫୬ ଜଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ

ଆବାସିକ ବିଦ୍ୟାଳୟଗୁଡ଼ିକ ପାଇଁ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା

ଜନଜାତି ଶିଶୁମାନଙ୍କ ଶିକ୍ଷା ଏବଂ ଜ୍ଞାନାତ୍ମକ ବିକାଶ ଉଦ୍ଦେଶ୍ୟରେ "ଆମେ ପଢ଼ିବା ଆମ ଭାଷାରେ" ଅଭିଯାନ କାର୍ଯ୍ୟକାରୀ

### ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ
ଅଦ୍ୟାବଧି ୨୭,୩୮୨ ମୂଳ ସରକାରୀ ପଦବୀ ପୂରଣ

ସରକାରୀ ଚାକିରୀ ବୟସ ସୀମା ୪୨ କୁ ବୃଦ୍ଧି

ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ

### ସମୃଦ୍ଧ ଓଡ଼ିଶା ପାଇଁ ଶିଳ୍ପାୟନ
ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ, ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ଲକ୍ଷ୍ୟ, ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି

କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ସମୁଦାୟ ୨୦ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ; ଶୁଭ ଉଦ୍‌ଘାଟନ; ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି

ଖୋର୍ଦ୍ଧାରେ ୫,୭୭୦ କୋଟି ଟଙ୍କାର ୧୪ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ; ଭିତ୍ତି ପ୍ରସ୍ତର ସ୍ଥାପନ; ୩୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି




OIPR-15001/13/0683/2526

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଚଞ୍ଚକତାକରି କମ୍ପାନୀରୁ ୪୧.୩୧ ଲକ୍ଷ ହଡ଼ପ

## ମ୍ୟାନେଜର ଗିରଫ



ଭୁବନେଶ୍ୱର,୧୧।୬ (ସତ୍ୟଜିତ୍ ରାଉତ)

ଚଞ୍ଚକତା କରି କମ୍ପାନୀରୁ ୪୧.୩୧ ଲକ୍ଷ ହଡ଼ପ କରିବା ଅଭିଯୋଗରେ ସମ୍ପୃକ୍ତ ମ୍ୟାନେଜରଙ୍କୁ ଶ୍ରୀଲିଙ୍ଗରାଜ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତିନଗରର ଗୌରୀଶଙ୍କର ସ୍ୱାଇଁ (୫୫)। ତାଙ୍କଠାରୁ ଗୋଟିଏ ଲାପ୍‌ଟପ୍, ଗୋଟିଏ ମୋବାଇଲ ଫୋନ୍, ଦୁଇ ସିମ୍‌କାର୍ଡ, ଜାଲ୍ ଦସ୍ତାବିଜ୍ ଆଦି ଜବତ ହୋଇଛି। କୋର୍ଟଚାଲାଣ ପରେ ଗୌରୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସାମନ୍ତରାପୁର ଅଞ୍ଚଳରେ ଥିବା ଜେନିସିସ୍ ଇନ୍‌ଫୋଟେକ୍ କମ୍ପାନୀର ମାଲିକ ଅଶୋକ କୁମାର ସାମଲଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଗୌରୀ ପ୍ରାୟ ୩ବର୍ଷ ହେବ ଅଶୋକଙ୍କ କମ୍ପାନୀରେ ମ୍ୟାନେଜର ଭାବେ କାମ କରୁଥିଲେ। କମ୍ପାନୀ ଦ୍ୱାରା ଅଶୋକ ବିଭିନ୍ନ ସଂସ୍ଥାରୁ ଟେଣ୍ଡର ଆଣି ସିସିଟିଭି ଲଗାନ୍ତି। ଅଶୋକଙ୍କ ଅଜାଣତରେ ତାଙ୍କ ଫାର୍ମ ନାଁରେ ଗୌରୀ ଠକେଇ କରିଥିଲେ। ଅଭିଯୁକ୍ତ ଗୌରୀଙ୍କର ପୂର୍ବରୁ ସିଦ୍ଧାର୍ଥ ଇନ୍‌ଫୋସିସ୍ ନାଁରେ ଏକ କମ୍ପାନୀ ଥିଲା, ଯାହା ପରବର୍ତ୍ତୀ ସମୟରେ ବନ୍ଦ ହୋଇଯାଇଥିଲା। ତେବେ ଜେନିସସ୍‌ରେ ଚାକିରି ବେଳେ ଗୌରୀ ଆପରାଧିକ ଯୋଜନା କରିଥିଲେ। ପୂର୍ବ କମ୍ପାନୀ ସିଦ୍ଧାର୍ଥ ଇନ୍‌ଫୋସିସ୍‌ରେ ସେ ଜେନିସିସ୍ ଇନଫୋଟେକ୍ ନାଁରେ ଏକ କମ୍ପାନୀ କରି ଆଡିଶନ୍ କରିଦେବା ସହ ଏକ ଆକାଉଣ୍ଟ ମଧ୍ୟ ଖୋଲିଥିଲେ। ଅଶୋକ ତାଙ୍କ କ୍ଲାଏଣ୍ଟଙ୍କୁ ଗୌରୀଙ୍କ ଦ୍ୱାରା ବିଲ୍‌ଇନ୍‌ଭେଏସ୍ ପଠାଉଥିଲେ। ହେଲେ ଗୌରୀ ଫେକ୍ ଇନଭଏସ୍ କରି ନିଜ ଆକାଉଣ୍ଟ ନମ୍ବରକୁ ସେଥିରେ ଯୋଡିଥିଲେ। ଜିଏମ୍‌ଆର୍ କମଲାଙ୍ଗ ଏନର୍ଜି ଲିଃ, ଜିଏମ୍‌ଆର୍ ହାଇଦ୍ରାବାଦ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ ଲିଃ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ଓଡ଼ିଶା ମାଇନିଂ କର୍ପୋରେଶନ୍ ଲିଃ ଆଦି କ୍ଲାଏଣ୍ଟ ପଠାଇଥିବା ଟଙ୍କା ଗୌରୀଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଗୌରୀ ଏଭଳି ମୋଟ୍ ୪୧ ଲକ୍ଷ ୩୧ ହଜାର ୪୬୦ ଟଙ୍କା ହଡ଼ପ କରିଥିବା ଜଣାପଡିବା ପରେ ମାଲିକ ଅଶୋକ ଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ। ଜୁନ ୮ରେ ପୋଲିସ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଓଡ଼ିଶା ରାଜ୍ୟ ପ୍ରବରଣ ମଣ୍ଡଳୀ ଅଧ୍ୟାପକଙ୍କୁ ନ୍ୟାୟ, ସମ୍ମାନ ପ୍ରଦାନ କରିବାକୁ ଦାବି

ଭୁବନେଶ୍ୱର,୧୧।୬ (ସୁଚିସ୍ମିତା ସାହୁ)

ଓଡ଼ିଶା ରାଜ୍ୟ ପ୍ରବରଣ ମଣ୍ଡଳୀ ଅଧ୍ୟାପକ ସଂଘ (ଓସ୍ଲା) ପକ୍ଷରୁ ସ୍ୱତନ୍ତ୍ର ଆଲୋଚନାଚକ୍ର ବୁଧବାର ଆଚାର୍ଯ୍ୟ ବିହାରସ୍ଥିତ ଯାନ୍ତ୍ରିକ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର ଯୋଗଦେଇ ଏସ୍‌ଏସ୍‌ବି ଅଧ୍ୟାପିକା ଅଧ୍ୟାପକଙ୍କ ବହୁବିଧ ମୌଳିକ ସମସ୍ୟା ସମ୍ପର୍କରେ କହିଥିଲେ। ଏହି ଅବସରରେ ୨୦୧୬ ମସିହାରେ ଉନ୍ମୁକ୍ତ ଚୟନଭିତ୍ତିକ ପ୍ରକ୍ରିୟାରେ ଉଚ୍ଚଶିକ୍ଷା ବିଭାଗରେ ଯୋଗଦେଇଥିବା ଏସ୍‌ଏସ୍‌ବି ଅଧ୍ୟାପକ ମଣ୍ଡଳୀର ମୌଳିକ ବେତନ ହାରକୁ ଅନ୍ୟାୟ ଭାବେ କମ୍ କରାଯାଇଥିଲା। ସେହି ବେତନରେ ରାଜ୍ୟର ଅନୁଦାନପ୍ରାପ୍ତ 'କ' ବର୍ଗର ୪୮୮ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରାଗଲା। ଡ଼ିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ନିଯୁକ୍ତି ଦିଆଗଲେ ମଧ୍ୟ ବେତନ ହାର ପିଜିଟି ବା କନିଷ୍ଠ ଅଧ୍ୟାପକଙ୍କ ବେତନ ସହ ସମାନ କରାଗଲା, ଯାହାକି ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକଙ୍କ ପାଇଁ ଏକ ଅପମାନଜନକ ଓ ଅନ୍ୟାୟ କରାଯାଇଛି। ସଂପ୍ରତି ଉଚ୍ଚଶିକ୍ଷା ବିଭାଗର ୪୮୮ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଶତକଡା ୮୦ ଭାଗ ଶିକ୍ଷାଦାନ କରୁଥିବା ଅଧ୍ୟାପକଙ୍କ ପ୍ରତି ଏକ ଉପହାସ ସଦୃଶ। ୟୁଜିସି ମାନଦଣ୍ଡକୁ ଆଧାର କରି ସର୍ବୋଚ୍ଚ ଯୋଗ୍ୟତା ଧାରୀ ଅଧ୍ୟାପକ ଗଣ ଆର୍ଥିକ ଶୋଷଣର ସମ୍ମୁଖୀନ ହୋଇ ଦୀର୍ଘ ୯ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଶୃଙ୍ଖଳିତ ଭାବେ ମୂଲ୍ୟବୋଧଭିତ୍ତିକ ଶିକ୍ଷାଦାନ ପାଇଁ କାର୍ଯ୍ୟ ନିର୍ବାହ କରୁଛନ୍ତି। ରାଜ୍ୟରେ ପ୍ରବରଣ ମଣ୍ଡଳୀ ଦ୍ୱାରା ନିଯୁକ୍ତ ଅଧ୍ୟାପକଙ୍କୁ ତୁରନ୍ତ ସରକାରୀ ଅଧ୍ୟାପକର ମାନ୍ୟତା ଓ ପଦ ମାର୍ଯ୍ୟତା ପ୍ରଦାନ ପୂର୍ବକ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯାଉ। ଉଚ୍ଚଶିକ୍ଷାରେ ଅଧ୍ୟାପନାକୁ ଉତ୍କର୍ଷ ଓ ଆଦର୍ଶ କରିବା ପାଇଁ ଓସ୍ଲା ତରଫରୁ ସରକାରଙ୍କୁ ଦୃଢ଼ ଦାବି ଜଣାଇଛନ୍ତି।

# ନୀଳାଚଳ ହସ୍ପିଟାଲର ୨୨.୨୮ ଲକ୍ଷ ହଡ଼ପ: ପୂର୍ବତନ ଆକାଉଣ୍ଟସ ମ୍ୟାନେଜର ଗିରଫ

ଭୁବନେଶ୍ୱର,୧୧।୬ (ସତ୍ୟଜିତ୍ ରାଉତ)

ନୀଳାଚଳ ହସ୍ପିଟାଲର ୨୨.୨୮ ଲକ୍ଷ ଟଙ୍କା ହଡ଼ପ ମାମଲାରେ ସମ୍ପୃକ୍ତ ପୂର୍ବତନ ଆକାଉଣ୍ଟସ ମ୍ୟାନେଜରଙ୍କୁ ଖାରବେଳନଗର ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଢ଼େଙ୍କାନାଳ ଜିଲା ଟାଉନ ଥାନା ଅଞ୍ଚଳର ସତ୍ୟରଞ୍ଜନ ସ୍ୱାଇଁ (୪୫)। କୋର୍ଟଚାଲାଣ ପରେ ସତ୍ୟରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ସତ୍ୟରଞ୍ଜନ ୨୦୧୧ରୁ ନୀଳାଚଳ ହସ୍ପିଟାଲରେ ଚାକିରି କରୁଥିଲେ। ତାଙ୍କୁ ହସ୍ପିଟାଲର ଦେୟ ପ୍ରକ୍ରିୟାକରଣ ଏବଂ ନଗଦ ବହି ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଗତ ଡିସେମ୍ବର ୧୧ରେ ଫାର୍ମାସି ଯୋଗାଣକାରୀଙ୍କୁ ଦେୟ ବାବଦକୁ ୮ ଲକ୍ଷ ୭୯ ହଜାର ୫୯୩ ଟଙ୍କା ମଞ୍ଜୁର କରାଯାଇଥିଲା। ସେ ପେମେଣ୍ଟ ଟେମ୍ପଲେଟ୍‌ରେ ହିତାଧିକାରୀଙ୍କ ବିବରଣୀକୁ ବଦଳାଇ ନିଜ ବ୍ୟାଙ୍କ ଆକାଉଣ୍ଟକୁ ୨୨.୨୮ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରି ନେଇଥିଲେ। ଏହା ଜଣାପଡିବା ପରେ ସତ୍ୟରଞ୍ଜନଙ୍କୁ ଟଙ୍କା ମଗାଯାଇଥିଲା। ହେଲେ ସେ ଚାକିରି ଛାଡି ଫେରାର ହୋଇଯାଇଥିଲେ।

# ୭ ଦିନ ବର୍ଷିବ, ଆଜିଠୁ ତାତି କମିବ

ଭୁବନେଶ୍ୱର,୧୧।୬ (ଅନୁରାଧା ମହାରଣା)

ରାଜ୍ୟରେ କିଛିଦିନ ହେବ ଖରା, ଗୁଳୁଗୁଳି ସହ ବର୍ଷା ହେଉଛି। ହେଲେ ଗୁରୁବାରଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ତା'ସହ ଗୁଳୁଗୁଳି ବି କମିବ। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହିତ ବର୍ଷା ହେବାକୁ ଥିବା ବେଳେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗୁରୁବାର ସକାଳ ସୁଦ୍ଧା ସବୁ ଜିଲାରେ ବିଜୁଳି, ଘଡ଼ଘଡ଼ି ଓ ପବନ ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୧୩ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଘଡ଼ଘଡ଼ି, ବିଜୁଳି ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୧୪ ତାରିଖରେ ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୧୫ ତାରିଖରେ ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ଗଜପତି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷାହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୬ ତାରିଖରେ ମାଲକାନଗିରି ଓ କୋରାପୁଟ ଏବଂ ୧୭ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଥିବାରୁ ଏସବୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଶେଷରଜ ସୋମବାର ଖୋଲାରହିବ ନନ୍ଦନକାନନ

ବାରଙ୍ଗ,୧୧।୬(ଲିଙ୍ଗରାଜ ରାଉତ)

ସାଧାରଣତଃ ରଜ ୩ ଦିନ ପାଳନ ହେଉଥିବାବେଳେ ଏଥର ଶେଷରଜ ସୋମବାର ପଡୁଛି। ନନ୍ଦନକାନନ ସୋମବାର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହୁଥିବାବେଳେ ଚଳିତ ବର୍ଷ ଶେଷରଜ ଅର୍ଥାତ୍ ୧୬ ତାରିଖରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ଖୋଲା ରହିବ। ଏହା ପରିବର୍ତ୍ତେ ପରଦିନ ଅର୍ଥାତ୍ ମଙ୍ଗଳବାର ନନ୍ଦନକାନନ ବନ୍ଦ ରହିବ ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ସଞ୍ଜିତ କୁମାର ନାରାୟଣ ସୂଚନା ଦେଇଛନ୍ତି। ସରକାରୀ ନିର୍ଦ୍ଦେଶନାମା ୩୮୧୨/୨୨.୨.୯୧ ଆଧାରରେ ପିସିସିଏଫ୍‌ଙ୍କ ଚିଠି ନଂ. ୫୨୨୦/୪.୩.୯୧ ଓ ନିର୍ଦ୍ଦେଶକଙ୍କ ଚିଠି ନଂ. ୧୨୯୫/୬.୩.୯୧ ଅନୁଯାୟୀ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ବଡ଼ଦିନ, ନୂଆବର୍ଷ, ଦଶହରା, ରଜ ସୋମବାର ପଡୁଥିଲେ, ସେହିଦିନ ଖୋଲାରହି ପରଦିନ ଅର୍ଥାତ୍ ମଙ୍ଗଳବାର ବନ୍ଦ ରହିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।








ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୨/୨୦୨୫ | Bhubaneswar, Thursday, June 12/2025 | ପୃଷ୍ଠା-୧

DADLS-30
ବର୍ଷ ଏକ ଉପଲବ୍ଧି ଅନେକ
# ଖାଦ୍ୟ ସୁରକ୍ଷା ଆମ ପ୍ରାଥମିକତା
- ୨୦୨୪-୨୫ ଖରିଫ ଋତୁରେ ଚାଷୀଙ୍କ ଠାରୁ ରେକର୍ଡ଼ ପରିମାଣର ୭୩.୪୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅତିରିକ୍ତ ୮୦୦ ଟଙ୍କାର ଇନପୁଟ ସହାୟତା
- ୬ ଲକ୍ଷ ନୂତନ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ମଞ୍ଜୁରୀ

OIPR-15001/13/0689/2526





ପୁରୀ ଶ୍ରୀମନ୍ଦିର ସ୍ନାନମଣ୍ଡପରେ ବୁଧବାର ସ୍ନାନବେଶରେ ଦାରୁଦିଅଁ। ମହାପ୍ରଭୁଙ୍କ ସ୍ନାନ ପାଇଁ ସେବାୟତମାନେ ସୁନାକୂଅରୁ ଜଳ ନେଇ ଆସୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଯାଜପୁରରେ ଝାଡ଼ାବାନ୍ତି ଅଣାୟତ୍ତ, ଆଉ ୬ ମୃତ

- ମୃତକଙ୍କ ସଂଖ୍ୟା ୮ ହେଲା
- ପୁଣି ୫୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଯାଜପୁର,୧୧।୬ (ହର୍ଷବର୍ଦ୍ଧନ ବେହେରା)

ଯାଜପୁରରେ ସୋମବାର ରାତିରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ସଂକ୍ରମଣ ଅଣାୟତ୍ତ ହେବାରେ ଲାଗିଛି । ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ମଙ୍ଗଳବାର ରାତିରୁ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ପୁଣି ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । କୋରେଇ, ଧର୍ମଶାଳା, ରସୁଲପୁର, ଦାନଗଦି, ବଡ଼ଚଣା ବ୍ଲକ୍ ସହିତ ବ୍ୟାସନଗର ପୌରାଞ୍ଚଳରେ ରୋଗୀ ସଂଖ୍ୟା ବଢ଼ି ଚାଲିଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୮ରେ ପହଞ୍ଚିଛି। ମଙ୍ଗଳବାର ଦାନଗଦି ବ୍ଲକର ସନାତନ ପାତ୍ର, ବ୍ୟାସନଗର ପୌରାଞ୍ଚଳ ମାରୱାଡ଼ିପଡ଼ାର ତୋଳାରାମ ଶର୍ମାଙ୍କ ମୃତ୍ୟୁ ଘଟିଥିଲା। ବୁଧବାର କୋରେଇ ବ୍ଲକ ସୁନ୍ଦରପୋଖରୀ ଗ୍ରାମର ଅଞ୍ଜନା ଜେନା, ଜଳନ୍ଦା ଗ୍ରାମର ଜାନକୀ ମଲିକ, ବଡ଼ଚଣା ବ୍ଲକ ସମିଆ ପଞ୍ଚାୟତ କଳକଳା ଗ୍ରାମର ମଦନମୋହନ ମଲିକ ଓ ଶାଳପଡ଼ା ପଞ୍ଚାୟତ ତିଳପଦା ଗ୍ରାମର ଦିଲୀପ ମଲିକ, ଦାନଗଦି ବ୍ଲକ୍ ତରେଇଲୋ ଗ୍ରାମର ସୁଦର୍ଶନ ପାତ୍ର ଓ ଦାନଗଦି ବ୍ଲକ୍ ତରେଇଲୋ ଗ୍ରାମର ବସନ୍ତ ପାତ୍ରଙ୍କ ମୃତ୍ୟୁ ଘଟିଛି । ସୁଦର୍ଶନଙ୍କ ଆନନ୍ଦପୁର ସିଏଚ୍‌ସିରେ ଓ ବସନ୍ତଙ୍କ କଟକ ବଡ଼ ଡାକ୍ତରଖାନରେ ମୃତ୍ୟୁ ଘଟିଛି । ତେବେ ସରକାରୀ ଭାବେ ତୋଳାରାମ ଏବଂ ସନାତନଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ଦର୍ଶାଯାଉଛି। ଅଞ୍ଜନା ଏବଂ ଜାନକୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସରକାରୀ ଭାବେ ସୂଚନା ମିଳିଛି। ତେବେ ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ଝାଡ଼ବାନ୍ତିରେ ଆକ୍ରାନ୍ତ ହୋଇ ଉଭୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅନ୍ୟପକ୍ଷେ ଅନ୍ୟ ମୃତକଙ୍କ ସଂକ୍ରାନ୍ତରେ ସରକାରୀ ଭାବେ କୌଣସି ସୂଚନା ମିଳିନାହିଁ। ଧର୍ମଶାଳା ବ୍ଲକ ☞ପୃଷ୍ଠା-୨

# ସ୍ନାନଯାତ୍ରା ଦିନ ସେବାୟତଙ୍କୁ ହତ୍ୟା

**ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୁରୀରେ ବୁଧବାର ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂରା ସହର ପୋଲିସ ଛାଉଣୀ ପାଲଟିଥିଲା। ଏଭଳିସ୍ଥଳେ ସ୍ପଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଶ୍ରୀମନ୍ଦିରର ବରିଷ୍ଠ ସୂପକାର ସେବାୟତ ଜଗନ୍ନାଥ ଦୀକ୍ଷିତ (୮୦)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଜଗନ୍ନାଥଙ୍କ ଘର ପୁରୀ ଟାଉନ ଥାନା ଅନ୍ତର୍ଗତ ମହାସୁଆର ସାହିରେ ହୋଇଥିବାବେଳେ ସ୍ଥାନୀୟ ଗୁଡ଼ିଆ ସାହିର ରାବେଣି ଚଉରା ନିକଟରେ ତାଙ୍କୁ ହତ୍ୟା କରାଯାଇଛି। ପୂର୍ବ ଶତ୍ରୁତା ଓ ଟଙ୍କା କାରବାର ଏହି ଘଟଣା ପଛର କାରଣ ବୋଲି ସନ୍ଦେହ କରାଯାଉଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଥିବାବେଳେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

ପୁରୀ,୧୧।୬ (ଅଜିତ କୁମାର ମହାନ୍ତି)

ହତ୍ୟାକାଣ୍ଡର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବାବେଳେ ଘଟଣାରେ ସମ୍ପୃକ୍ତ ଥିବା ଗୁଡ଼ିଆ ସାହିର ନାରାୟଣ ପାଟଯୋଶୀଙ୍କୁ ପୋଲିସ ଚିହ୍ନଟ କରିଛି। ସେ ଫେରାର ହୋଇଯାଇଥିବାବେଳେ ତାଙ୍କୁ ରାତି ପ୍ରାୟ ୮ଟାରେ ତାଙ୍କ ଶ୍ୱଶୁର ଘର ତଥା ପୁରୀ ସଦର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁର ଗ୍ରାମରୁ ଗିରଫ କରାଯାଇଛି। ନାରାୟଣ ଓ ଜଗନ୍ନାଥ ସମ୍ପର୍କୀୟ ହେବେ ବୋଲି ଜଣାପଡ଼ିଛି। ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ହତ୍ୟାର ପ୍ରକୃତ କାରଣ ଖୋଜୁଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟାରୁ ୨ଟା ୩୦ ମଧ୍ୟରେ ଏହି ଘଟଣା ଘଟିଛି। ଖବର ପାଇ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ

**ପୁରୀରେ ଚାଞ୍ଚଲ୍ୟ**

ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିଛି। ତେବେ ନାରାୟଣ ନିଜ ଘର ଆଗରେ ଜଗନ୍ନାଥଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପକାଉଥିବାର ଦୃଶ୍ୟ ନିକଟସ୍ଥ ସିସିଟିଭିରେ କଏଦ ହୋଇଛି। ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିବା କୁହାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାକୁ ନେଇ ମୃତକଙ୍କ ପୁତୁରା ଭୀମସେନ ଦୀକ୍ଷିତ କହିଛନ୍ତି, ବୁଧବାର ପୂର୍ବାହ୍ନରେ ଜଗନ୍ନାଥ ସ୍ନାନଯାତ୍ରାରେ ତାଙ୍କର ସେବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ସେବା ସାରି ଫେରିବାବେଳକୁ ଏହି ଘଟଣା ଘଟିଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛନ୍ତି ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ବ୍ୟକ୍ତିଗତ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ଆଗକୁ ଅଧିକ ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ।

# ଆମ ପ୍ରତିଶ୍ରୁତି ପଥରରେ ଅଙ୍କା ଅଲିଭାଗାର: ମୁଖ୍ୟମନ୍ତ୍ରୀ

**ରାଜ୍ୟସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ**

ଭୁବନେଶ୍ୱର, ୧୧।୬(ସୁନିତ୍ ମିଶ୍ର)

ବର୍ଷକ ତଳେ ରାଜ୍ୟବାସୀ ଯେଉଁ ଆଶା ଆକାଂକ୍ଷା ନେଇ ଶାସନରେ ପରିବର୍ତ୍ତନ ଆଣିଥିଲେ ଓ ଆମକୁ ଦାୟିତ୍ୱ ଭାର ଦେଇଥିଲେ,ତାହା ପୂରଣ କରିବା ଲାଗି ଦୃଢ଼ ପ୍ରତିବଦ୍ଧତାର ସହ କାର୍ଯ୍ୟ ଜାରି ରଖିଛୁ। ଏହି ସମୟ ମଧ୍ୟରେ ଆମେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ ଏବଂ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ବାସ୍ତବତାରେ ପରିଣତ କରିଛୁ। ଆମ ପ୍ରତିଶ୍ରୁତି ପାଣିର ଗାର ନୁହେଁ, ପଥରରେ ଅଙ୍କା ଯାଇଥିବା ଅଲିଭାଗାର, କଥା ଦେଇଥିଲୁ କଥା ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସରକାରଙ୍କ ୧ ବର୍ଷପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ବିକାଶ ମେଳା ୨୦୨୫ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ହସ୍ତତନ୍ତ, ହସ୍ତଶିଳ୍ପ ଓ ସ୍ଥାନୀୟ ଉତ୍ପାଦ ସମ୍ପର୍କିତ ପ୍ରଦର୍ଶନୀ ଏବଂ ଫୁଡ୍ କୋର୍ଟର ଶୁଭାରମ୍ଭ କରିବା ସହ ବୁଲି ଦେଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଣତନ୍ତ୍ରରେ ଲୋକଙ୍କ କଥା ହେଉଛି ଭଗବାନଙ୍କ ସ୍ୱର। ଯଦି ଲୋକେ ସେମାନଙ୍କ ନିର୍ବାଚିତ ସରକାରଙ୍କୁ ନିଜର କଥା, ନିଜର ବ୍ୟଥା କହିପାରିବେନାହିଁ, ସେ ପ୍ରକାର ଗଣତନ୍ତ୍ର ଆତ୍ମାହୀନ। ସରକାର ଆସିବା ପରେ ବ୍ୟକ୍ତିଗତ ଭାବେ ଲୋକଙ୍କୁ ଭେଟି ଛୋଟବଡ ସମସ୍ୟା ଅନ୍ ଦି ସ୍ପଟ୍ ସମାଧାନ କରିବା ପାଇଁ ମନସ୍ଥ କଲି। ଗତ ବର୍ଷେ ମଧ୍ୟରେ ଓଡ଼ିଶାର ସବୁ ଜିଲା ଗସ୍ତକରି ଲୋକଙ୍କ ସହ କଥାବାର୍ତ୍ତା କରିଛି। ବିଭିନ୍ନ ☞ପୃଷ୍ଠା-୨



ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ବିକାଶ ମେଳାକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ।

# ଆଧାର ନ ଥିଲେ ତତ୍କାଳ ଟିକେଟ ମନା

ନୂଆଦିଲ୍ଲୀ,୧୧।୬

ଆଧାର କାର୍ଡ ନ ଥିଲେ ଯାତ୍ରୀମାନେ ଟ୍ରେନ୍‌ରେ ତତ୍କାଳ ଟିକେଟ ପାଇପାରିବେ ନାହିଁ। ଆସନ୍ତା ଜୁଲାଇ ୧ରୁ କେବଳ ଆଧାର ପ୍ରମାଣୀକୃତ ୟୁଜର୍ସ ହିଁ ତତ୍କାଳ ଟିକେଟ ପାଇବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି।

ଜୁନ୍ ୧୦ରେ ଜାରି ଏକ ବିଜ୍ଞପ୍ତିରେ ରେଳ ମନ୍ତ୍ରଣାଳୟ ସମସ୍ତ ଜୋନ୍‌କୁ ଏନେଇ ଜଣାଇଦେଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ତତ୍କାଳ ସ୍କିମ୍‌ର ଏହି ସୁବିଧା ସାଧାରଣ ୟୁଜର୍ସଙ୍କୁ ପ୍ରଦାନ କରିବା ନେଇ ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୨୦୨୫ ଜୁଲାଇ ୧ରୁ ତତ୍କାଳ ସ୍କିମ୍ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ବୌଦ୍ଧ କାହାଣୀରେ ଭିନ୍ନତା

LOVELY PROFESSIONAL UNIVERSITY
Transforming Education Transforming India
NAAC GRADE A++



Be a part of LPU's Edu-Revolution!
New-Age Computer Science and Engineering (CSE) Programmes
Artificial Intelligence | Machine Learning | Blockchain | Cloud Computing | Cyber Security
- Industry-aligned curriculum co-designed with Google, IBM, and more ensuring future-ready skills.
- Hands-on learning via Centers of Excellence in AI, Cloud, and Cyber Security.
- Gamified, project-based training with expert mentoring for real-world impact.



LPU'S B.TECH. FINAL YEAR STUDENT GETS ₹2.5 CRORE PACKAGE
Sri Vishnu - B.Tech. in Robotics & Automation Batch 2025
1700+ LPU students selected at packages of ₹10 Lakh-₹2.5 Crore*
Scan QR code for all details of students placed at different packages

Programmes with Industry Collaboration
B.Tech. (Hons.)
Computer Science & Engineering (CSE)
- Data Science & Data Engineering (in tie-up with TransOrg)
- Cyber Security & Blockchain (in tie-up with CompTIA)
- Full Stack Software Development (in tie-up with GeeksforGeeks)
- Applied AI (in tie-up with KALVIUM)

B.Tech.
Computer Science & Engineering (CSE)
- Artificial Intelligence & Machine Learning
- Cloud Computing & Gen AI (in tie-up with Google Cloud)
- DevOps (Software Development & IT Operations) (in tie-up with Xebia)
- Data Science with ML (in tie-up with upGrad
- Big Data and AI Analytics (in tie-up with IBM)
- User Experience (UX)/ User Interface (UI) (in tie-up with ImaginXP)
- Cybersecurity, Compliance and Risk (In tie-up with Futurense Technologies)
- Robotics and AI
- Generative AI [Gen AI] (in tie-up with Microsoft)
- Computer Science and Business Systems
- Internet of Things and AI Analytics (in tie-up with Intel-Fice)

Work Integrated Programmes
B.Tech.
Computer Science & Engineering (CSE)
- Software Product Engineering (in tie-up with Kalvium)
- Artificial Intelligence and Data Analytics (in tie-up with Quantiphi)
- AI and Data Engineering (in tie-up with Futurense Technologies)

International Credit Transfer Programmes
B.Tech.
2+2 with International Credit Transfer to USA, Canada, UK universities (ECE, CSE, ME, ME-Mechatronics, CE, Biotechnology, AE)

Other Specialisations
B.Tech.
CSE, ECE, IT, Aerospace Engineering, Robotics & Automation, ME - Mechatronics, ME, AE, CE, EE, EEE, BT+, Food Technology+, Biomedical Engg. (BE)+, CHE)

#in 2021 - 2025 batches | + Medical students can also apply

APPLY NOW by scanning the QR Code
For the complete list of programmes, visit our university website www.lpu.in
Apply for LPUNEST 2025
Scholarships of upto ₹8.84 Lakh on the basis of merit
How to Apply: Applicants can apply online at www.lpu.in
For last date and other details, refer university website www.lpu.in

MEET OUR COUNSELLORS
SAMBALPUR (12 - 21 June) Hotel Sheela Towers, Veer Surendra Sai Marg, Sakhipara Ph: 9888598769
BHUBANESWAR (12 - 30 June) The Presidency, 1471/A, NH16, Near ISKCON Temple, Nayapalli. | Ph: 6239206005
ROURKELA (22 - 30 June) Regency Inn, Bisra Road, Behind World of Titan Showroom, Udit Nagar | Ph: 9888598769

LOVELY PROFESSIONAL UNIVERSITY (LPU) Jalandhar-Delhi G.T. Road, Phagwara, Punjab admissions@lpu.co.in | www.lpu.in
Contact us: 01824-405517
Think BIG

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶାଖାପାଟଣା ଷ୍ଟିଲ ପ୍ଲାଣ୍ଟ ଶ୍ରମିକଙ୍କ ଧର୍ମଘଟକୁ ସମର୍ଥନ ଜଣାଇ ଅଲ୍ ଷ୍ଟେଟ କାଉନସିଲ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଟକ
- ଶିକ୍ଷା ବିକାଶ ସମିତି, ଓଡ଼ିଶାର ପ୍ରାଦେଶିକ ସମ୍ପାଦକ ଓ ପ୍ରଧାନଆଚାର୍ଯ୍ୟଙ୍କ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ଗତିରାଉତ ପାଟଣା, କେଶବଧାମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କବି ନନ୍ଦକିଶୋର ସାମଲଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ବାଗଦେବୀ ବିଦ୍ୟା ମନ୍ଦିର ସଭାଗୃହ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ବିକାଶ ବାହନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ
- ବିକାଶ ବାହାନ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ସକାଳ ୭ଟା୧୫।
- ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସାଳନ୍ଦୀ ଓ ବୈତରଣୀ ବଞ୍ଚାଅ ଅଭିଯାନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ବିକାଶ ବାହାନ ରଥର ଶୁଭରାମ୍ଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ବାରିପଦା, ସମୟ: ସକାଳ ୭ଟା।
- ଶିଶୁ ଶ୍ରମ ନିରାକରଣ ସଚେତନତା ରଥର ଶୁଭାରମ୍ଭ ଓ ରାଲି, ସ୍ଥାନ: ଶ୍ରମିକ କାର୍ଯ୍ୟାଳୟ ପରିସର, ପାଲବଣି ,ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ମୟୂର କଳା ଭୂମି ପକ୍ଷରୁ ଡ୍ୟାନ୍ସ ତାଲିମ ଶିବିର, ସ୍ଥାନ:ତୁଳସୀ ମଣ୍ଡପ, ଡାରଗାଡାହି ଗୋଲେଇ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବିଜୁଜନତା ଦଳ ପକ୍ଷରୁ କଳାଦିବସ ପାଳନ, ସ୍ଥାନ: ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ପ୍ରସାଦ ସେବନ, ସ୍ଥାନ: ଚିତ୍ରଡ଼ା ମାର୍କେଟ ସାହି, ମୋରଡ଼ା, ସମୟ:ଅପରାହ୍ନ ୧ଟା।
- ଡିଆର୍‌କେ କ୍ଲବ୍ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।
- ସ୍ୱରତାଲ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ନିଚୁଆପଦା ଛଉ ପଡ଼ିଆ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀନଗର ଛାୟା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ
- ବିକାଶ ବାହନ ରଥ ପରିକ୍ରମା ଶୁଭାରମ୍ଭ, ସ୍ଥାନ : ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ସକାଳ ୭ଟା ୩୦।
- ବିକାଶ ବାହନ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ଗଞ୍ଜାମ ଜିଲାପାଳ ଅଫିସ ପରିସର, ସମୟ: ସକାଳ ୮ ଟା।
- ଅଧ୍ୟାତ୍ମିକ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ: ସରସତୀ ଶିଶୁ ବିଦ୍ୟାମନ୍ଦିର ବୁଗୁଡ଼ା, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ
- ବିକାଶ ବାହାନ ଯାତ୍ରା, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ବାଲିଗୁଡ଼ା, ସମୟ: ସକାଳ ୭. ୩୦।
- ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସରେ ସଭା ଓ ଶୋଭାଯାତ୍ରା, ସ୍ଥାନ : ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳ. ସମୟ : ସକାଳ ୮ଟା ୩୦ ।

## ଅନୁଗୋଳ
- ପି.ଏମ୍. ଆବାସ ଯୋଜନାରେ କାର୍ଯ୍ୟାଦେଶ ଲାଗୁ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ କଲ୍ୟାଣମଣ୍ଡପ, ସମୟ: ସକାଳ ୮ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀବଳଦେବଜୀଉଙ୍କ ପଟି ଦିଅଁ ଦର୍ଶନ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଶ୍ରୀ ଦଧିବାମନଜୀଉଙ୍କ ପଟି ଦିଅଁ ଦର୍ଶନ, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ଶ୍ରୀ ଦଧିବାମନଜୀଉଙ୍କ ପଟି ଦିଅଁ ଦର୍ଶନ, ସ୍ଥାନ: ଡେରାବିଶ, ସମୟ: ସକାଳ ୯ଟା।
- ଇସ୍କନ ରାଜନଗର ପକ୍ଷରୁ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ସକାଳ ୯ଟା।
- ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ, ସ୍ଥାନ: ପଞ୍ଚାୟତ ସମିତି ଗୃହ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ମାଉସୀ ମାଆ ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ମା'ପାଟଦେଇ ମଙ୍ଗଳାଙ୍କ ପୀଠରେ ନାମ ଯଜ୍ଞ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ବିକଶିତ କୃଷି ସଙ୍କଳ୍ପ ଅଭିଯାନ,ସ୍ଥାନ : ବିଞ୍ଝାରପୁର ବ୍ଲକ ଅନୁରି ପଞ୍ଚାୟତ କରପଡା, କୁଆଁରପୁର ଓ ବଳଭଦ୍ରପୁର ଗ୍ରାମ, ପ୍ରୀତିପୁର ପଞ୍ଚାୟତର ପ୍ରୀତିପୁର ଓ ଅଳକୁଣ୍ଡ ଗ୍ରାମ, ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼
- ନୟାଗଡ ମ୍ୟୁନିସିପାଲିଟି ପକ୍ଷରୁ ବିକାଶ ଯାତ୍ରା ପାଇଁ ରଥର ଶୁଭାରମ୍ଭ, ସ୍ଥାନ: ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ବିକାଶ ବାହନ ପରିକ୍ରମା, ସ୍ଥାନ: ବିଷମ କଟକ, ସମୟ: ସକାଳ ୭ଟା ୩୦ ।
- ବିକାଶ ବାହନ ଶୁଭାରମ୍ଭ, ସ୍ଥାନ: ରାଗଡା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା ।
- ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ଜିସିଡି ଖେଳ ପଡିଆ, ରାୟଗଡା, ସମୟ: ଅପରାହ୍ନ ୫ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡି ଖେଳ ପଡିଆ,ରାୟଗଡା, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର
- ସେବା ଓ ବିକାଶ ର ଜୟଯାତ୍ରା ରଥ ଶୁଭାରମ୍ଭ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହାନ ଶୁଭାରମ୍ଭ, ସ୍ଥାନ: ମଣ୍ଡେଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ଶିଶୁ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ପୋଲିସ ପଡ଼ିଆ, ସମୟ: ସକାଳ ୯ ଟା।
- ଜିଲାସ୍ତରୀୟ କୁଇ (କନ୍ଧ) ସମ୍ମିଳନୀ, ସ୍ଥାନ: ଲକ୍ଷ୍ମୀପୁର ବାସନ୍ତୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ : କୋରାପୁଟ ପୋଲିସ ପଡ଼ିଆ, ସମୟ : ସନ୍ଧ୍ୟା ୭ଟା।

## ମାଲକାନଗିରି
- ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ:ଡିଏନ୍‌କେ ଖେଳ ପଡିଆ, ମାଲକାନଗିରି,ସମୟ: ପୂର୍ବାହ୍ନ ୧୦ଟା୩୦ ।
- କେନ୍ଦ୍ର ସରକାରଙ୍କ ୧୨ ବର୍ଷ, ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବୁଦ୍ଧିଜୀବୀ ସମ୍ମିଳନୀ ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ମାଲକାନଗିରି, ସମୟ: ଅପରାହ୍ନ ୩ ଟା ।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୬ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ ଅନାମିକା କ୍ଲବ ବନାମ ସହଯୋଗ କ୍ଲବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ଜିଲାସ୍ତରୀୟ ଫୁଟବଲ ମ୍ୟାଚ ଇଷ୍ଟ କୋଷ୍ଟ ରେଲୱେ ଦଳ ଫୋରସି ପ୍ରତିଭା, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ ଗୁଲୁଣ୍ଡା ଗ୍ରାମ, ସମୟ : ସନ୍ଧ୍ୟା ୫ଟା ୩୦।
- ବ୍ରହ୍ମପୁରା ଠାକୁରଙ୍କ ଅଣସର ନୀତି ଓ ପଟ୍ଟ ଦିଅଁ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମପୁରା ମନ୍ଦିର, ସମୟ : ସନ୍ଧ୍ୟା ୫ଟା୩୦।

## ବଲାଙ୍ଗୀର
- ବିକାଶ ବାହନର ଶୁଭାରମ୍ଭ, ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ରାଉରକେଲା
- ଆର୍‌ଏମ୍‌ସି ପକ୍ଷରୁ ବିକାଶ ବାହାନ ଯାତ୍ରା, ସ୍ଥାନ: ଛେଣ୍ଡ ଓ ବୁରୁଡୋଲା ସରକାରୀ ସ୍କୁଲ, ସମୟ: ସକାଳ ୭ଟା।
- ବେଦବ୍ୟାସ ଗୁରୁକୁଳ ସଂସ୍କୃତ ଆଶ୍ରମରେ ରାମପ୍ରସାଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ବେଦବ୍ୟାସ,ସମୟ: ପୂର୍ବାହ୍ନ ୧୦ଟା।
- ନିଶାନିବାରଣ ଯାତ୍ରାର ବୈଠକ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ହରିଆଲି ତୀଜ୍ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲା ସ୍ତରୀୟ ବିକାଶ ମେଳାର ଶୁଭାରମ୍ଭ, ପୂର୍ବାହ୍ନ୧୨ଟା, ସ୍ଥାନ: ଯତରା ପଡିଆ,ସୁନ୍ଦରଗଡ।

## ବରଗଡ଼
- ଏବିଭିପିର ପ୍ରାନ୍ତ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ, ସ୍ଥାନ: କ୍ରିଷ୍ଣା ବିକାଶ, ବରଗଡ଼, ସମୟ:ସକାଳ ୯ଟା।
- ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା, ସ୍ଥାନ:କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ଅପରାହ୍ନ ୪ଟା।
- ଜିଲାସ୍ତରୀୟ ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ମେଳା, ସ୍ଥାନ:ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## ବୌଦ୍ଧ
- ଜିଲାସ୍ତରୀୟ ବିକାଶ ମେଳା ଶୁଭାରମ୍ଭ, ସ୍ଥାନ: କଚେରୀ ଖେଳପଡ଼ିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ପ୍ରାତଃ ୫ଟା।
- ଧର୍ତୀ ଆବା ଗ୍ରାମ ଉତ୍କର୍ଷ ଅଭିଯାନ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ସୋନପୁର ସ୍ମାର୍ଟ ପାର୍କ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ : ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳାର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

# ପ୍ରଥମ ପୃଷ୍ଠାରୁ...

## ଯାଜପୁରରେ ଝାଡାବାନ୍ତି ...
ପ୍ରଥମ ପୃଷ୍ଠାରୁ...

ପାଖର ପଞ୍ଚାୟତରେ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । କଟକ ବଡ଼ ମେଡିକାଲରୁ ଏକ ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଚିକିତ୍ସା ଜାରି ରଖିଛନ୍ତି । ଅନ୍ୟପକ୍ଷେ ୩ ମେଡିକାଲ ଟିମ୍ ଯାଜପୁରର ବିଭିନ୍ନ ବ୍ଲକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ କେଉଁ କାରଣ ପାଇଁ ଝାଡ଼ାବାନ୍ତି ବ୍ୟାପୁଛି ସେ ସଂକ୍ରାନ୍ତରେ ତଦନ୍ତ ଚଳାଇଛନ୍ତି ।

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୧୦ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେଥିରୁ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ୮ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩୫ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ୧୨ ଜଣ ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବେଳେ ୭୬ ଜଣ ସୁସ୍ଥ ହୋଇଛନ୍ତି। ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୨ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେଥିରୁ ୧୨ ଜଣ ଗୁରୁତର ଥିବାରୁ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ଏବଂ ୪୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫୧ ଜଣ ରୋଗୀ ଏଯାଏ ଭର୍ତ୍ତି ହୋଇଥିବାବେଳେ ୧୨ ଜଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ରସୁଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୯ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ୩ ଜଣଙ୍କୁ ସ୍ଥାନାନ୍ତର ଓ ୬୧ ଜଣ ସୁସ୍ଥ ହୋଇ ସାରିଛନ୍ତି। କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୪ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ୭ ଜଣ ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ବୁଧବାର ସନ୍ଧ୍ୟାରେ କଟକ ଆରଡିସି ଭି.ପରମେଶ୍ୱରମ୍, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ରଥ, ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜିଲା ଖାଦ୍ୟ ନିରୀକ୍ଷକ ରାକେଶ କୁମାର ସାହୁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଯାଜପୁର ଜିଲାପାଳ ରେଡ୍ଡୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ପାଣିକୁ ସିଧାସଳଖ ନ ପିଇ ଫୁଟାଇ ଓ ଛାଣି ପିଅନ୍ତୁ, ଘରେ ପ୍ରସ୍ତୁତ ଗରମ ରନ୍ଧା ଖାଦ୍ୟ ଖାଆନ୍ତୁ ବୋଲି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଖାଇବା ପୂର୍ବରୁ ସାବୁନରେ ଭଲଭାବେ ହାତକୁ ଧୁଅନ୍ତୁ। ଫଳ ଖାଉଥିଲେ ଫଳକୁ ଭଲ ଭାବେ ଧୋଇକି ଖାଆନ୍ତୁ। ବାହାରେ ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ଠେଲା ଦୋକାନ କିମ୍ବା ବାହାରେ ବିକ୍ରୟ ହେଉଥିବା ଫାଷ୍ଟଫୁଡ ନ ଖାଇବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ବାହାରକୁ ଆସିଥିବା ସମୟରେ ଯଦି ଖାଦ୍ୟ ଆବଶ୍ୟକ କରୁଥାନ୍ତି ତା'ହେଲେ ସ୍ୱାସ୍ଥ୍ୟକର ପରିବେଶ ଥିବା ଦୋକାନରୁ ଖାଦ୍ୟ ଖାଆନ୍ତୁ। ଫୁଟା ଯାଇଥିବା ପାଣିରେ ୧ ଲିଟର ମାତ୍ରାରେ ଗୋଟିଏ ହାଲୋଜେନ ବଟିକା ମିଶାଇ ପାନ କରନ୍ତୁ ବୋଲି ଜନସାଧାରଣଙ୍କୁ ସଚେତନ କରିଛନ୍ତି।

ଜିଲା ଖାଦ୍ୟ ସୁରକ୍ଷା ନିରୀକ୍ଷକ ରାକେଶ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ବିଭିନ୍ନ ଅଞ୍ଚଳରୁ ପାଣି, ଖାଦ୍ୟ ଓ ମାଛ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଗୁରୁବାର ଏକ ମୋବାଇଲ ଟିମ୍ ପହଞ୍ଚି ଖାଦ୍ୟ ଓ ପାଣିର ପରୀକ୍ଷା କରିବ। ପରୀକ୍ଷା ରିପୋର୍ଟ ଆସିବା ପରେ ଝାଡ଼ାବାନ୍ତି ସଂକ୍ରମଣ ସମ୍ପର୍କରେ ସ୍ପଷ୍ଟ ଜଣାପଡିବ।

## ଆମ ପ୍ରତିଶ୍ରୁତି ପଥରରେ ...
ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛି। ପୂରା ସରକାରକୁ ସମ୍ବଲପୁର ନେଇ ଲୋକଙ୍କ କଥା ଶୁଣିଥିଲି। ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରିବା ଯୋଜନା ରହିଛି। ଦୁର୍ନୀତି ବିରୋଧରେ ଯୁଦ୍ଧଂ ଦେହି ଡାକରା ଦିଆଯାଇଛି। ଗୋଟିଏ ବର୍ଷରେ ପିଅନଠାରୁ ଆଇଏଏସ୍ ଅଧିକାରୀ ପର୍ଯ୍ୟନ୍ତ କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ସୁରକ୍ଷିତ ନୁହନ୍ତି।

ସେ ଆହୁରି କହିଛନ୍ତି, ଲୋକଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ପ୍ରାୟ ସମସ୍ତ ପ୍ରମୁଖ ପ୍ରତିଶ୍ରୁତି ସଫଳତାର ସହ କାର୍ଯ୍ୟକାରୀ କରିଛୁ। ବିରୋଧୀ କେବଳ ବିରୋଧ କରିବା ଉଦ୍ଦେଶ୍ୟରେ ଅନେକ କଥା କରୁଛନ୍ତି। ୨୪ ବର୍ଷରେ ସେମାନେ ଯେଉଁ କାମ କରି ନ ଥିଲେ, ଆମେ ୨୪ ମିନିଟ୍ ଭିତରେ କରି ଦେଖାଇପାରିଛୁ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ଓଡ଼ିଶାକୁ ପ୍ରତ୍ୟେକ ସ୍ତରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଆମେ ମଧ୍ୟ ନିଷ୍ଠାପର ଉଦ୍ୟମ କରୁଛୁ। ଆମ ଲକ୍ଷ୍ୟ ହେଉଛି ଏକ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଓଡ଼ିଶା। ଗାଁର ବିକାଶ ହେଲେ, ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଏହି ଅବସରରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏହି ବିକାଶ ମେଳା କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୭୫ରୁ ଅଧିକ ଷ୍ଟଲ୍‌ରେ ଜନସାଧାରଣଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ପଦ୍ଧତି ମାଧ୍ୟମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି। ଏଥିସହ ସୁଭଦ୍ରା ଶକ୍ତି ମହିଳା ଦ୍ୱାରା ୪୦ରୁ ଅଧିକ ଷ୍ଟଲ୍‌ରେ ଓଡ଼ିଆ ପାରମ୍ପରିକ ଖାଦ୍ୟର ବିବିଧତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଫୁଡ୍ ଫେଷ୍ଟିଭାଲ ମଧ୍ୟ ଆୟୋଜନ କରାଯାଇଛି।

## ଆଧାର ନ ଥିଲେ ...
ଅଧୀନରେ ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ୍ ଟୁରିଜମ୍ କର୍ପୋରେଶନ୍ (ଆଇଆର୍‌ସିଟିସି) ୱେବ୍‌ସାଇଟ୍ କିମ୍ବା ଆପ୍ ଜରିଆରେ ଟିକେଟ ବୁକ୍ କରାଯାଇପାରିବ। କେବଳ ଆଧାର ଅଥେଣ୍ଟିକେଟେଡ୍ ୟୁଜର୍ସ ହିଁ ଏହି ସୁବିଧା ପାଇପାରିବେ ବୋଲି ମନ୍ତ୍ରଣାଳୟ କହିଛି। ଆଧାରଭିତ୍ତିକ ୱାନ୍-ଟାଇମ୍ ପାସ୍‌ୱାର୍ଡ (ଓଟିପି) ଅଥେଣ୍ଟିକେଶନ୍‌କୁ ମଧ୍ୟ ତତ୍କାଳ ବୁକିଂ ପାଇଁ ଜୁଲାଇ ୧୫ରୁ ବାଧ୍ୟତାମୂଳକ କରାଯାଇଛି। ବୁକିଂ ସମୟରେ ୟୁଜର୍ସ ଦେଇଥିବା ନିଜ ମୋବାଇଲ୍ ନମ୍ବରକୁ ଆସିଥିବା ସିଷ୍ଟମ୍-ଜେନେରେଟେଡ୍ ଓଟିପିର ଅଥେଣ୍ଟିକେଶନ୍ ପରେ ହିଁ ଇଣ୍ଡିଆନ୍ ରେଲୱେର କମ୍ପ୍ୟୁଟରୀକୃତ ପାସେଞ୍ଜର ରିଜର୍ଭେଶନ୍ ସିଷ୍ଟମ୍ (ପିଆର୍‌ଏସ୍) କାଉଣ୍ଟର/ଅଧିକୃତ ଏଜେଣ୍ଟଙ୍କ ନିକଟରେ ତତ୍କାଳ ଟିକେଟ ଉପଲବ୍ଧ ହୋଇପାରିବ। ଜୁଲାଇ ୧୫ରୁ ଏହା କାର୍ଯ୍ୟକାରୀ ହେବ ବୋଲି ଉକ୍ତ ସର୍କୁଲାରରେ ଉଲ୍ଲେଖ କରାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ଇଣ୍ଡିଆନ୍ ରେଲୱେର ଅଧିକୃତ ଟିକେଟ ଏଜେଣ୍ଟମାନଙ୍କୁ ତତ୍କାଳ ବୁକିଂ ୱିଣ୍ଡୋ ଖୋଲିବାର ପ୍ରଥମ ୩୦ ମିନିଟ୍ ଭିତରେ ସେହିଦିନ ପାଇଁ ଟିକେଟ ବୁକିଂ ନିମନ୍ତେ ଅନୁମତି ଦିଆଯିବ ନାହିଁ। ନିର୍ଦ୍ଦିଷ୍ଟ ଭାବେ ବାତାନୁକୂଳ (ଏସି) ଶ୍ରେଣୀ ପାଇଁ ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଏବଂ ନନ୍-ଏସି କ୍ଲାସ୍ ଲାଗି ପୂର୍ବାହ୍ନ ୧୧ଟାରୁ ୧୧ଟା ୩୦ ମିନିଟ ଯାଏ ସେମାନଙ୍କୁ ତତ୍କାଳ ଟିକେଟ ବୁକିଂ କରିବାକୁ ବାରଣ କରାଯିବ। ରେଳପଥର ସମସ୍ତ ଜୋନ୍‌ରେ ଏନେଇ ଆବଶ୍ୟକ ପରିବର୍ତ୍ତନ ଦିଗରେ ପଦକ୍ଷେପ ନେବା ପାଇଁ ସେଣ୍ଟର ଫର୍ ରେଲୱେ ଇନ୍‌ଫର୍ମେଶନ୍ ସିଷ୍ଟମ୍ସ (ସିଆର୍‌ଆଇଏସ୍) ଏବଂ ଆଇଆର୍‌ସିଟିସିକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ନୂଆ ନିୟମ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ପାଇଁ ସବୁ ପ୍ରକାର ଉପଲବ୍ଧ ମାଧ୍ୟମ ବ୍ୟବହାରକରି ସଚେତନତା ସୃଷ୍ଟିକରିବାକୁ ମଧ୍ୟ ରେଲୱେ ପକ୍ଷରୁ ନିର୍ଦ୍ଦେଶ ରହିଛି।

## ଟ୍ରେନ୍ ଛାଡ଼ିବାର ୨୪ ଘଣ୍ଟା ପୂର୍ବରୁ ଯାତ୍ରୀ ତାଳିକା
### ଖୁବ୍‌ଶୀଘ୍ର ଆସିପାରେ ନିୟମ

ଟ୍ରେନ୍ ଷ୍ଟେଶନ୍ ଛାଡ଼ିବାର ୨୪ ଘଣ୍ଟା ପୂର୍ବରୁ ଯାତ୍ରୀମାନଙ୍କ ତାଲିକା ଜାରି କରାଯିବ। ଭାରତୀୟ ରେଳପଥ ଖୁବ୍‌ଶୀଘ୍ର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଚିନ୍ତା କରୁଛି। ଯାତ୍ରୀ ବୁକ୍ କରିଥିବା ସିଟ୍ କନ୍‌ଫର୍ମ ହୋଇଛି କି ନାହିଁ/ ସେମାନେ ୱେଟ୍-ଲିଷ୍ଟରେ ରହିଛନ୍ତି କି ସେନେଇ ଟ୍ରେନ୍ ଷ୍ଟେଶନ୍ ଛାଡ଼ିବାର ୪ ଘଣ୍ଟା ପୂର୍ବରୁ ବର୍ତ୍ତମାନ ପ୍ରକାଶ ପାଉଥିବା ଚାର୍ଟରେ ଉଲ୍ଲେଖ ରହୁଛି। ନୂଆ ଯୋଜନା କାର୍ଯ୍ୟକାରୀ ହେଲେ ଯାତ୍ରୀମାନେ ସେମାନଙ୍କ ଟିକେଟ ଷ୍ଟାଟସ୍ ସମ୍ପର୍କରେ ଦିନକ ପୂର୍ବରୁ ଜାଣିପାରିବେ। ଫଳରେ ସେମାନେ ଟିକେଟ ରଦ୍ଦ, ପୁନଃ ବୁକିଂ କିମ୍ବା ଅନ୍ୟ ଯାତ୍ରା ବିକଳ୍ପ ସନ୍ଧାନ ପାଇଁ ଆଗୁଆ ସୁଯୋଗ ପାଇପାରିବେ। ରିପୋର୍ଟ ଅନୁଯାୟୀ ରେଳ ମନ୍ତ୍ରଣାଳୟ ରାଜସ୍ଥାନର ବିକାନେର ଡିଭିଜନ୍‌ରେ ଏହି ନୂଆ ନିୟମକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରିସାରିଛି। ଉକ୍ତ ପାଇଲଟ୍ ପ୍ରୋଜେକ୍ଟରେ କେତୋଟି ଟ୍ରେନ୍‌କୁ ସାମିଲ କରାଯାଇଛି। ୨୪ ଘଣ୍ଟିଆ ସିଷ୍ଟମ୍ ପ୍ରକୃତପକ୍ଷେ କେତେ କାର୍ଯ୍ୟକାରୀଯୋଗ୍ୟ ଏବଂ ତ୍ରୁଟିମୁକ୍ତ ହୋଇପାରୁଛି ତାହା ଅନୁଧ୍ୟାନ କରାଯାଉଛି। ଏଥିରେ ସଫଳତା ମିଳିଲେ ସାରା ଦେଶରେ ନୂଆ ନିୟମ କାର୍ଯ୍ୟକାରୀ କରାଯିବ।

# ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦରହସୁରା, ମୁଖ ଦାନ୍ତୁରା, ମୁହଁଟି ଚେପା, ଏମାନଙ୍କୁ ପରତେ ନ ଯିବୁରେ ବୋପା।**

ଦର ହସୁରା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇନଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ଦାନ୍ତୁରା ବ୍ୟକ୍ତି ତଥା ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ମଧ୍ୟ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କୁ ବିଶ୍ୱାସ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିଅଁଙ୍କୁ ଖାଇ ଖଟୁଲି ଖାଇ ଆହୁରି ପଚାରେ ପୂଜାହାରୀ କାହିଁ ?**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ
ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୌଣସି ପରିସ୍ଥିତିରେ ମଧ୍ୟ ନିଜକୁ ଆଡଜଷ୍ଟ କରି ଚଳାଇ ନେଇ ପାରିବେ ନାହିଁ। ଯଦିଓ ବିଶେଷ କିଛି ସମସ୍ୟା ନାହିଁ , ତଥାପି ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିବେ। କୃଷି, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ନିର୍ମାଣ କାମ ଆଗେଇ ଚାଲିବ ଓ ଜଣେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ।

**ବୃଷ** ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କଲେ ସମାଲୋଚିତ ହୋଇପାରନ୍ତି। ରାଜନୀତି ତଥା ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ଲିପ୍ତ ରହିବା ହେତୁ ଟେନ୍‌ଶନ୍ କିଛି ମାତ୍ରାରେ ଲାଗିରହିବ। ପାରିବାରିକ ଭୁଲ୍ ବୁଝାମଣା ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ଦୀର୍ଘଦିନରୁ ସ୍ଥଗିତ କାମ ଆଜି ବନ୍ଧୁଙ୍କ ସାହାଯ୍ୟରେ ସମ୍ପନ୍ନ କରିବେ। ଅଫିସରେ ଅଟକି ରହିଥିବା କାମ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ସନ୍ତୋଷଜନକ ରହିବ ଏବଂ ଲାଭ ମଧ୍ୟ କିଛି କମ୍ ହେବନି। ସମ୍ପର୍କୀୟଙ୍କ ସହଯୋଗରେ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କର୍କଟ** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁଙ୍କ ପକ୍ଷପାତିତାକୁ ଦେଖି ମଧ୍ୟ ନ ଦେଖିଲା ପରି ରହିବା କାରଣରୁ ସମାଲୋଚିତ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନେବା ଭଲ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ ଘର କଥା ବୁଝିବାକୁ ସମୟ ମଧ୍ୟ ପାଇବେ ନାହିଁ।

**ସିଂହ** ଆଜି ପରିବାରରେ କିଛି ଅଭାବ ଅସୁବିଧାକୁ ନେଇ ସରଗରମ ଆଲୋଚନା ହେବ। ଜମିଜମା, ଯାନବାହନ, ଦିଆନିଆ ପ୍ରଭୃତିକୁ କେନ୍ଦ୍ରକରି ବିତର୍କ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କିଛିଟା ହଇରାଣ ହୋଇ ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ତାହା ନିୟନ୍ତ୍ରଣ ମଧ୍ୟରେ ହିଁ ରହିବ।

**କନ୍ୟା** କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ। ଅତୀତରେ ଉପକୃତ ହୋଇଥିବା ବନ୍ଧୁଙ୍କ ନିକଟରୁ ପ୍ରତିଉପକାର ଆଶା ନିରର୍ଥକ ହେବ ନାହିଁ। ଦୀର୍ଘଦିନ ହେଲା ଯେଉଁ କାମଟିକୁ ଆରମ୍ଭ କରିବାକୁ ଚାହୁଁଥିଲେ ଆଜି ତାହା ସମ୍ପନ୍ନ ହେବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇପାରେ।

**ତୁଳା** ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ ଯୁକ୍ତିତର୍କଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବ। ସାହିତ୍ୟ, ନୃତ୍ୟ, ସଙ୍ଗୀତ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ସରକାରୀ ସ୍ତରରୁ ଅର୍ଥ ପାଇବା ସକାଶେ ଉଦ୍ୟମ କରି ସଫଳ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ବିଛା** ଅତୀତ ସମସ୍ୟା ବିଷୟରେ ଚିନ୍ତା କରି ମନ ଅସ୍ଥିର ରହିପାରେ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ କ୍ଷୁବ୍ଧ ହୋଇପାରନ୍ତି। ଜମିଜମା, ଆଇନ, ଅଦାଲତ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୈହିକ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** ପରିବାରରେ ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ଆଶା କରୁଥିବା ବିଷୟରେ ସାୟାହ୍ନେ ଶୁଭ ଖବରପାଇ ଉଲ୍ଲସିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ପରିବହନ ଓ ନୂତନ କର୍ମାରମ୍ଭରେ କୌଣସି ଅସୁବିଧା ହେବନାହିଁ।

**ମକର** ମନ ଭଲ ନ ଥିବାରୁ ସାଧାରଣ କଥାରୁ ଗୃହରେ କଳହ ଲାଗିପାରେ। ବନ୍ଧୁ ଗହଣରେ ଅନ୍ୟମାନଙ୍କ ନିକଟରୁ ଶ୍ରଦ୍ଧା ଓ ସମ୍ମାନ ପାଇ ଦୁଃଖକୁ ଭୁଲିଯିବେ। ସେବା ଓ ପରୋପକାର ହେତୁ କିମ୍ବା ସାମାଜିକ ସ୍ତରରେ ପ୍ରଶଂସା ହେତୁ ଖୁସି ରହିପାରନ୍ତି। ସଭାସମିତିରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ବିଭିନ୍ନ ଅମୀମାଂସିତ ସମସ୍ୟାକୁ କେନ୍ଦ୍ରକରି ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ବୈବାହିକ କର୍ମ ସକାଶେ ନୂତନ ପ୍ରସ୍ତାବ ସ୍ଥିରୀକୃତ ହେବାରେ ବନ୍ଧୁଙ୍କ ଭୂମିକା ରହିବ। ଆକସ୍ମିକ ଅସୁବିଧା ଉପୁଜିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ଆଜି ଆପଣ ଆର୍ଥିକ ଦୃଷ୍ଟିକୋଣରୁ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ସହାୟତାରେ ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଜୁନ୍ ୧୨ ତାରିଖ, ଅନ୍ତଃରାଷ୍ଟ୍ରୀୟ ଶିଶୁ ଶ୍ରମ ନିଷେଧ ଦିବସ, ଆଷାଢ଼ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର। ବ୍ରହ୍ମଗିରିରେ ଅଲାରନାଥଙ୍କ ଦର୍ଶନ ଆରମ୍ଭ। ରାଶିନକ୍ଷତ୍ର-ମୂଳା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୫.୧୧ ଗତେ ଘ.୦୬.୦୩ ମଧ୍ୟେ, ଘ. ୦୯.୩୪ ଗତେ ଘ.୧୧.୨୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ. ୦୧.୨୫ ଗତେ ଘ. ୦୩.୦୪ ମଧ୍ୟେ ରାହୁ କାଳ ।

# ଟ୍ରାକ୍ ନିର୍ମାଣ ସହ ଜାତୀୟ ଏକତା ସୃଷ୍ଟିକରେ ଭାରତୀୟ ରେଳ

ଭୁବନେଶ୍ୱର,୧୧।୬
(ଅନୁରାଧା ମହାରଣା)

ଚଳିତ ମାସରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଶ୍ରୀ ମାତା ବୈଷ୍ଣୋଦେବୀ କଟରାରୁ ଶ୍ରୀନଗର ପର୍ଯ୍ୟନ୍ତ ପ୍ରଥମ ଯାତ୍ରା ଆରମ୍ଭ କରିଥିଲା । ଏକ ହାଇସ୍ପିଡ୍ ଟ୍ରେନ୍‌ର ଚଳାଚଳ ସହ ଶତାବ୍ଦୀର ସ୍ୱପ୍ନ ପୂରଣ ହୋଇଛି। ଅତ୍ୟାଧୁନିକ ଯାତ୍ରା ଅଭିଜ୍ଞତା ସହିତ କଶ୍ମୀରକୁ ଯାଉଥିବା ଟ୍ରେନ୍‌ଟି ଆମ ଇଞ୍ଜିନିୟରଙ୍କ ଉନ୍ନତ କାର୍ଯ୍ୟଶୈଳୀକୁ ବଖାଣୁଛି ବୋଲି ରେଲ୍‌ୱେ ବୋର୍ଡ ଚେୟାରମ୍ୟାନ୍ ଜୟା ବର୍ମା ସିହ୍ନା କହିଛନ୍ତି। ହାଇସ୍ପିଡ୍ ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକ ଦିନକୁ ୨ଥର, ସପ୍ତାହରେ ୬ ଥର ଉଭୟ ପାର୍ଶ୍ୱରେ ଚାଲୁଛି। ଏହା ଯାତ୍ରା ସମୟକୁ ଅନେକମାତ୍ରାରେ ହ୍ରାସ କରିବା ସହ ସ୍ଥାନୀୟ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରି ସାରାଦେଶର ପର୍ଯ୍ୟଟକଙ୍କ ପାଇଁ ବରଦାନ ସଦୃଶ ହୋଇଛି। ସଡ଼କ ପଥରେ ଯାତ୍ରା କରିବାକୁ ୬ରୁ ୭ ଘଣ୍ଟା ସମୟ ଲାଗୁଥିବାବେଳେ ଏହି ଟ୍ରେନ୍‌ରେ ୩ ଘଣ୍ଟାରୁ କମ୍ ସମୟ ମଧ୍ୟରେ


ଜୟା ବର୍ମା ସିହ୍ନା



ଅତ୍ୟାଧୁନିକ ସୁବିଧା ଯାତ୍ରା ସମ୍ଭବ ହେଉଛି। ଭାରତୀୟ ରେଳ କେବଳ ଟ୍ରାକ୍ ନିର୍ମାଣ କରେନାହିଁ, ବରଂ ଏହା ଜାତୀୟ ଏକତା ମଧ୍ୟ ସୃଷ୍ଟି କରିଥାଏ । କଶ୍ମୀରକୁ ଏକ ବିଚ୍ଛିନ୍ନାଞ୍ଚଳ ଭାବେ ବିବେଚନା କରାଯାଉଥିବାବେଳେ ବର୍ତ୍ତମାନ ଭାରତୀୟ ରେଳ ଏହାକୁ ସଂଯୋଗ ସ୍ଥାପନ କରିଛି। ଏଠାକାର ରାସ୍ତାଗୁଡ଼ିକ ପ୍ରାୟତଃ ବିପଦପୂର୍ଣ୍ଣ ଥିଲା, ବିମାନଯାତ୍ରା ସୀମିତ ଥିଲା ଏବଂ ପୂର୍ଣ୍ଣ ରେଳ ସଂଯୋଗ ସହଜ ନ ଥିଲା । ଜଟିଳ ଭୂ-ରାଜନୈତିକ ଚ୍ୟାଲେଞ୍ଜ ଦ୍ୱାରା ବାଧାପ୍ରାପ୍ତ ହୋଇ ବ୍ରିଟିଶ ଯୁଗର କଶ୍ମୀର ରେଳ ସଂଯୋଗ ପ୍ରସ୍ତାବ ଦଶନ୍ଧି ଧରି ଡ୍ରଇଂ ବୋର୍ଡରେ ସୀମିତ ରହିଥିଲା । ବାରମ୍ବାର ଆଲୋଚନା, ଅଧ୍ୟୟନ, ବୈଷୟିକ ମୂଲ୍ୟାଙ୍କନ, ଘରୋଇ ଏବଂ ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ ପରେ ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କ୍(ୟୁଏସ୍‌ବିଆର୍‌ଏଲ) ୧୯୯୪ ମସିହାରେ ଅନୁମୋଦିତ ହୋଇଥିଲା । କେନ୍ଦ୍ରୀୟ ଅଂଶ କଟରାରୁ ବାନିହାଲ ପର୍ଯ୍ୟନ୍ତ ହିମାଳୟ ଅନୁପାତର ଏକ ଇଞ୍ଜିନିୟରିଂ ଏବଂ ସୁରକ୍ଷା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ଦୃଢ଼ ନିଷ୍ଠା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମିଳିତ ଭାବରେ କାମ କରିବା ସହିତ ପ୍ରକଳ୍ପଟି ଶେଷ ହୋଇଥିଲା । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହା କେବଳ ଏକ ପରିବହନ ପଦକ୍ଷେପ ନୁହେଁ, ବରଂ ଏହା ଏକ ରାଷ୍ଟ୍ର ନିର୍ମାଣର ପ୍ରୟାସ ଥିଲା । ୟୁଏସ୍‌ବିଆରଏଲ୍ ପ୍ରକଳ୍ପରେ ଉଧମପୁର ଏବଂ ବାରାମୁଲ୍ଲା ମଧ୍ୟରେ ୨୭୨ କିଲୋମିଟର ଲମ୍ବର ୪୦ଟି ସୁଡ଼ଙ୍ଗ ଏବଂ ୯୦୦ରୁ ଅଧିକ ସେତୁ ରହିଛି। ଏହାର କେନ୍ଦ୍ରରେ ବିଶ୍ୱର ସର୍ବୋଚ୍ଚ ଚେନାବ ରେଳସେତୁ ରହିଛି (ନଦୀଶଯ୍ୟାଠାରୁ ୩୫୯ ମିଟର ଉଚ୍ଚ)। ଇଞ୍ଜିନିୟରିଂର ଏହି ଚମତ୍କାର ପ୍ରତି ଘଣ୍ଟା ୨୬୦ କି.ମି. ବେଗରେ ଏବଂ ଭୂକମ୍ପୀୟ ଜୋନ୍-ଭି କମ୍ପନକୁ ସହ୍ୟ କରିବାରେ ସକ୍ଷମ। ଏହା ପାଖରେ ଅଛି ଅଞ୍ଜିଖଡ଼ ସେତୁ, ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ। ଗୋଟିଏ ପାଇଲନ ଦ୍ୱାରା ବନ୍ଧା ହୋଇଛି ଏବଂ ୯୬ଟି କେବୁଲ ଦ୍ୱାରା ସମର୍ଥିତ । ପିର୍ ପଞ୍ଜାଲ ପର୍ବତମାଳା ମଧ୍ୟ ଦେଇ ୧୧ କି.ମି. ଲମ୍ବ ଟି-୮୦ (ବାନିହାଲ-କାଜିଗୁଣ୍ଡ) ସୁଡ଼ଙ୍ଗ ନିର୍ମିତ ହୋଇଛି। ୧୯୦ କି.ମି.ରୁ ଅଧିକ ସୁଡ଼ଙ୍ଗ ଓ ହଜାର ହଜାର ଟନ୍ ଇସ୍ପାତ ବିନିଯୋଗରେ ଲାଇନ୍‌ଟି ସମ୍ପୂର୍ଣ୍ଣ ହୋଇଛି।

# ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କର: ମୁଖ୍ୟମନ୍ତ୍ରୀ


କାବ୍ୟାଞ୍ଜଳି କବିତା ସଂକଳନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

- କାବ୍ୟାଞ୍ଜଳି କବିତା ସଂକଳନ ଉନ୍ମୋଚିତ
- ଓଡ଼ିଆ ସାହିତ୍ୟ ଆକାଶରେ ଏହା ଏକ ଜାଜ୍ୱଲ୍ୟମାନ କୀର୍ତ୍ତି

ପୁରୀ,୧୧।୬ (ଅଜିତ କୁମାର ମହାନ୍ତି)

ପବିତ୍ର ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଆଧ୍ୟାତ୍ମିକ କବିତା ସଂକଳନ ବା କଫି ଟେବୁଲ ବୁକ୍ ଓଡ଼ିଆ ସାହିତ୍ୟ ଆକାଶରେ ଏକ ଜାଜ୍ୱଲ୍ୟମାନ କୀର୍ତ୍ତି ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଓଡ଼ିଶାବାସୀ ଓ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ପରେ ରଥଖଳାରେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ପୁରୀ ସର୍କିଟ ହାଉସରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରସ୍ତୁତ କାବ୍ୟାଞ୍ଜଳି କଫି ଟେବୁଲ ବୁକ୍‌ର ଅନାବରଣ କରିଥିଲେ। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗତ କୁମ୍ଭମେଳାରେ ୬୬ କୋଟି ଶ୍ରଦ୍ଧାଳୁ ସ୍ନାନ କରିଥିଲେ। ମୁଁ ମଧ୍ୟ ସେଠାରେ ସ୍ନାନ କରି ସାଧୁ, ସନ୍ଥ, ମହାତ୍ମାମାନଙ୍କ ସହିତ ମିଶିବାର ସୁଯୋଗ ପାଇଥିଲି। ସ୍ନାନ ମନ୍ତ୍ରକୁ ଉଚ୍ଚାରଣ କରି ଆମେ ନଦୀ, ପୋଖରୀ ବା ସ୍ନାନାଗାରରେ ସ୍ନାନ କରିଥାନ୍ତି। କିନ୍ତୁ ମହାକୁମ୍ଭର ପବିତ୍ର ଓ ପ୍ରାକୃତିକ ପରିବେଶରେ ପବିତ୍ର ସ୍ନାନ ଅଦ୍ଭୁତ ଓ ଅବିସ୍ମରଣୀୟ।

ସେହି ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଏହି ଆଧ୍ୟାତ୍ମିକ କବିତାଞ୍ଜଳି କଫି ଟେବୁଲ ବହିଟି ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ, ଯାହା ଆମ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଅସ୍ମିତାର ପ୍ରତୀକ। ସାରଳା ଦାସ, ଜଗନ୍ନାଥ ଦାସ, ଗଙ୍ଗାଧର ମେହେର, ଫକୀରମୋହନଙ୍କ ସାହିତ୍ୟ କୃତି ଆମ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହି ପୁସ୍ତକ ଉନ୍ମୋଚନ ଏକ ବିରାଟ ଉପଲବ୍ଧି। ୨୦୩୬ ବିକଶିତ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ପାଇଁ ଆମେ ସମସ୍ତେ ସମବଦ୍ଧ ଭାବେ କାର୍ଯ୍ୟ କରିବା ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି। ଏହି ଉପାଦେୟ କଫି ଟେବୁଲ ବହିଟି ଏୟାରପୋର୍ଟଗୁଡ଼ିକରେ ରଖିଲେ ଏହା ଅନେକ ଲୋକଙ୍କୁ ନୂତନ ଦିଶା ଦେଖାଇ ପାରିବ ବୋଲି ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର କହିବା ସହ ରଥଯାତ୍ରା ଅବସରରେ ଏଭଳି ପୁସ୍ତକ ପ୍ରକାଶନ ପାଇଁ ଅନୁରୋଧ କରିଥିଲେ। ବରିଷ୍ଠ ଭାଜପା ନେତା ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ମଠର ମହନ୍ତମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସାହିତ୍ୟିକ ଭବାନୀ ପ୍ରସାଦ ମିଶ୍ର, ସୁରେଶ କୁମାର ସାହୁ, ଡ. ପ୍ରୀତିପ୍ରତିଭା ଭୋଳ, ଡ. ହାଡ଼ିବନ୍ଧୁ ପାଣିଗ୍ରାହୀ, ସୁବ୍ରତ ନାୟକ, କୁଳମଣି ରାଉତ, ଡ. ଅମୀୟ ମହାପାତ୍ର, ମାତୃଦତ୍ତ ମହାନ୍ତି, ନିରଞ୍ଜନ ରଥ, ଶ୍ୟାମ ପ୍ରକାଶ ସେନାପତି, ଚିନ୍ମୟ ବିବେକ, ଦୟାନିଧି ଲେଙ୍କା ଏବଂ ଦିଲ୍ଲୀପ ମହାନ୍ତି ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍‌କେସିଜି ମେଡିକାଲ: ୩୬ ବର୍ଷ ପରେ ହେଲା ଓପନ୍ ହାର୍ଟ ସର୍ଜରି

ବ୍ରହ୍ମପୁର,୧୧।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଦୀର୍ଘ ୩୬ ବର୍ଷ ପରେ ଓପନ୍ ହାର୍ଟ ସର୍ଜରି ହୋଇଛି। ମେଡିକାଲ କଲେଜ ଓ ହସ୍ପିଟାଲର ସିଟିଭିଏସ୍ (କାର୍ଡିଓ ଥୋରାସିସ ଓ ଭାସକୁଲାର ସର୍ଜରି) ବିଭାଗରେ ବୁଧବାର ଜଣେ ୨୬ ବର୍ଷୀୟା ମହିଳାଙ୍କ ଓପନ୍ ହାର୍ଟ ସର୍ଜରି ସଫଳତାର ସହ ହୋଇଛି। ଏମ୍‌କେସିଜିର ସିଟିଭିଏସ୍ ବିଭାଗର ଡାକ୍ତରଙ୍କ ସମେତ କଟକ ଏସ୍‌ସିବି ମେଡିକାଲର ଡାକ୍ତରୀ ଦଳ ମିଳିତ ଭାବେ ଏହି ଅପରେଶନ କରିଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ରହିଛି। ତାଙ୍କୁ ଆଇସିୟୁରେ ରଖାଯାଇଛି। ଅପରେଶନ କରିଥିବା ଡାକ୍ତରୀ ଦଳ ନିୟମିତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲାର ୨୬ ବର୍ଷୀୟା ମହିଳା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ କିଛି ଦିନ ତଳେ ଏମ୍‌କେସିଜି ମେଡିକାଲକୁ ଆସିଥିଲେ। ହୃଦ୍‌ରୋଗ ବିଭାଗ ଡାକ୍ତରମାନେ ତାଙ୍କର ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କ ହାର୍ଟରେ ଏକ ଛିଦ୍ର ରହିଥିବା ଜଣାପଡିଥିଲା । ଏଥିପାଇଁ ଓପନ ହାର୍ଟ ସର୍ଜରି କରିବାକୁ ପଡିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ଏମକେସିଜିର ସିଟିଭିଏସ ବିଭାଗର ଡାକ୍ତରମାନେ ତାଙ୍କର ଅପରେଶନ ପାଇଁ ଯୋଜନା କରିଥିଲେ। ବୁଧବାର ସିଟିଭିଏସ ବିଭାଗର ଅସ୍ତ୍ରୋପଚାର ଗୃହରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ଯାଏ ଅପରେଶନ ଚାଲିଥିଲା। ଏମକେସିଜି ସିଟିଭିଏସ ବିଭାଗ ଡାକ୍ତରଙ୍କ ସହ ନିଶ୍ଚେତକ ବିଭାଗ ଡାକ୍ତର ଓ କଟକ ଏସସିବି ମେଡିକାଲର ଏକ ଡାକ୍ତର ଦଳ ସାମିଲ ହୋଇଥିଲେ। ସୂଚନାଥାଉକି, ୧୯୯୦ରେ ଏମକେସିଜିରେ ଓପନ ହାର୍ଟ ସର୍ଜରି ହୋଇଥିଲା। ଏହାପରେ ବିଭିନ୍ନ କାରଣରୁ ଏହି ସର୍ଜରି ବନ୍ଦ ହୋଇଯାଇଥିଲା। କିଛିଦିନ ତଳେ ଛତ୍ରପୁର ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇଏଲ୍) ପକ୍ଷରୁ ଏହି ବିଭାଗକୁ ୧ କୋଟି ଟଙ୍କାର ମେଶିନ ଓ ଯନ୍ତ୍ରପାତି ଦିଆଯାଇଥିଲା। ସେହିପରି ଓପନ ହାର୍ଟ ସର୍ଜରି ପାଇଁ ଜରୁରୀ ଥିବା ପର୍ଫ୍ୟୁଜନିଷ୍ଟଙ୍କୁ ଏଠାରେ ନିଯୁକ୍ତ କରାଯାଇଥିଲା। ସିଟିଭିଏସ ବିଭାଗରେ ସମସ୍ତ ପ୍ରକାର ଭିତ୍ତିଭୂମି ଓ ମାନବସମ୍ବଳ ଉପଲବ୍ଧ ହେବା ପରେ ଏହି ସର୍ଜରି କରାଯାଇଥିବା ଜଣାପଡିଛି।

# ଆଧାର କାର୍ଡ ନ ଥିଲେ ସ୍କୁଲରେ ନାମଲେଖାଇ ହେବ

ଭୁବନେଶ୍ୱର,୧୧।୬ (ସୁଚିସ୍ମିତା ସାହୁ)

ଚଳିତ ବର୍ଷରୁ ସ୍କୁଲରେ ନାମଲେଖା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ଏବେ ସେଥିରେ କୋହଳ କରାଯାଇଛି। ଯେଉଁ ପିଲାଙ୍କର ଆଧାର କାର୍ଡ ନାହିଁ, ସେମାନେ ମଧ୍ୟ ଆଡ୍‌ମିଶନ କରିପାରିବେ। ପରବର୍ତ୍ତୀ ସମୟରେ ପିଲାମାନେ ସ୍କୁଲରେ ନିଜ ଆଧାର କାର୍ଡର କପି ଦାଖଲ କରିପାରିବେ। ଯେଉଁ ପିଲାଙ୍କର ଆଧାର କାର୍ଡ ନାହିଁ ଓ କେମିତି ସେମାନଙ୍କର ଆଧାର କାର୍ଡ ହୋଇପାରିବ, ସେଥିପାଇଁ ସରକାର ବ୍ୟବସ୍ଥା କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ଏଥିସହ ମନ୍ତ୍ରୀ କହିଲେ, ସ୍କୁଲ ଡ୍ରପ୍ ଆଉଟ ହାର କମାଇବା ପାଇଁ ଚେଷ୍ଟା କରାଯାଉଛି। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଚାଇଲ୍ଡ ଟ୍ରାକିଂ ସର୍ଭେ ଆରମ୍ଭ କରାଯାଇଛି। କେଉଁ କାରଣରୁ ପିଲାମାନେ ଡ୍ରପ୍ ଆଉଟ ହେଉଛନ୍ତି। ଅଭିଭାବକମାନେ କାହିଁକି ପିଲାଙ୍କୁ ସ୍କୁଲକୁ ଛାଡୁନାହାନ୍ତି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ୧୮ ବର୍ଷ ବୟସର ପିଲାଙ୍କୁ ଏହି ସର୍ଭେରେ ସାମିଲ କରାଯାଇଛି। ଶିକ୍ଷକମାନେ ଘର ଘର ବୁଲି ପିଲାଙ୍କ ତଥ୍ୟ ଆଣୁଛନ୍ତି। ସର୍ଭେ ରିପୋର୍ଟ ଅନୁସାରେ ପଦକ୍ଷେପ ନେବାକୁ ସରକାର ପ୍ରସ୍ତୁତ ହେଉଛନ୍ତି। ଡ୍ରପ୍ ଆଉଟ୍ କମାଇବା ପାଇଁ ସରକାରଙ୍କ ପକ୍ଷରୁ ନୂଆ ନୂଆ ପଦକ୍ଷେପ ଗ୍ରହଣ କରାଯାଉଛି।

# ଦ୍ରୁତ ସହରୀକରଣର ପ୍ରଭାବ: ସେମି କ୍ରିଟିକାଲ ଜୋନ୍‌ରେ ରାଜଧାନୀର ଭୂତଳ ଜଳସ୍ତର

ଭୁବନେଶ୍ୱର,୧୧।୬
(ରବିନାରାୟଣ ଜେନା)

ରାଜ୍ୟରେ ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବାବେଳେ ଏବେ ଦ୍ରୁତ ସହରୀକରଣ ଯୋଗୁ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ତା'ର ପ୍ରଭାବ ପଡ଼ିଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ଏନେଇ ଚିନ୍ତା ପ୍ରକଟ କରାଯିବା ସହ ଏକ ଗୁରୁତ୍ୱପୂର୍ଣ୍ଣ ସର୍ଭେ ପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ାଯାଇଛି।

କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲ୍ୟୁବି)ର ଆଞ୍ଚଳିକ ନିର୍ଦ୍ଦେଶକ ଡ. ବି.କେ. ସାହୁ ଗତ ମେ'୨୭ରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲ୍ୟୁବି) ଜାତୀୟ ଜଳଭଣ୍ଡାର ମ୍ୟାପିଂ ଓ ପରିଚାଳନା କାର୍ଯ୍ୟକ୍ରମ(ନାକୁଇମ) ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ଭେ ହୋଇଛି, ଯେଉଁଥିରେ ଭୁବନେଶ୍ୱର ଓ ତା'ର ଆଖପାଖ ଅଞ୍ଚଳରେ ଦ୍ରୁତ ସହରୀକରଣର ଫଳରେ ଭୂତଳ ଜଳ ସ୍ଥିତି ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଏହାର ପୁନଃଭରଣା ଆବଶ୍ୟକ। ଭୁବନେଶ୍ୱର ବ୍ଲକକୁ ଭୂତଳ ଜଳ ସମ୍ପଦ ସ୍ଥିତାବସ୍ଥା ରିପୋର୍ଟ (ଜିଡବ୍ଲ୍ୟୁଆର୍‌ଇ-୨୦୨୪) ଅନୁସାରେ, ସେମି-କ୍ରିଟିକାଲ ଜୋନ୍ ଭାବେ ଶ୍ରେଣୀଭୁକ୍ତ କରାଯାଇଛି। ଏହି ଅଧ୍ୟୟନ ୨୦୨୫-୨୬ ବାର୍ଷିକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବାର୍ଷିକ କାର୍ଯ୍ୟଯୋଜନା ଅନୁସାରେ, ଭୁବନେଶ୍ୱର ଅଞ୍ଚଳରେ ଭୂତଳ ଜଳ ପୁନଃଭରଣା ପାଇଁ ଅଞ୍ଚଳ ଚିହ୍ନଟ କରାଯିବ, ଭୂତଳ ଜଳର ସ୍ଥିତି ମୂଲ୍ୟାଙ୍କନ କରାଯିବା ସହ ଭୂତଳ ଜଳ ପରିଚାଳନା ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ। ଏହା ଭୁବନେଶ୍ୱରର ଦ୍ରୁତ ବୃଦ୍ଧି ପାଉଥିବା ନଗର ଜନସଂଖ୍ୟା ପାଇଁ ଦୀର୍ଘକାଳୀନ ଜଳ ସୁରକ୍ଷା ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଏ ନେଇ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ଅନୁସଚିବ ବିଭାଗୀୟ ଅଧିକାରୀମାନଙ୍କୁ ଚିଠି ଲେଖି ଦର୍ଶାଇଛନ୍ତି। ସିଜିଡବ୍ଲ୍ୟୁବି ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି ଆବଶ୍ୟକ ବୈଷୟିକ ସହଯୋଗ ଏବଂ ତଥ୍ୟ ଯୋଗାଇଦେବାକୁ ସେ କହିଛନ୍ତି।

Government of India

ନୂଆ ଭାରତର ଡିଜିଟାଲ ଶକ୍ତି ।




ଡିବିଟି ଜରିଆରେ ଗରିବ ଓ ବଞ୍ଚିତଙ୍କୁ **ପ୍ରାୟ ୪୪ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର**

ଡିଜି ଲକରରେ, **୫୨+ କୋଟି ବ୍ୟବହାରକାରୀ ୯୪୩+ କୋଟି ଦସ୍ତାବିଜ** ଅପଲୋଡ୍ କରିଛନ୍ତି, ଯାହାଦ୍ୱାରା ଏବେ ଡିଜିଟାଲ ଦସ୍ତାବିଜକୁ ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନରେ ବ୍ୟବହାର କରାଯାଇପାରିବ

**୨୨୦୦+ ସରକାରୀ ସେବା ଉମଙ୍ଗ ଆପ୍ ଜରିଆରେ ଉପଲବ୍ଧ ହେଉଛି,** ଦେଶବ୍ୟାପୀ ସେବା ସୁବିଧା ପାଇଁ ଏହା ଏକକ ପ୍ଲାଟଫର୍ମ ; ବର୍ତ୍ତମାନ ସୁଦ୍ଧା **୮.୨୫ କୋଟି ପଞ୍ଜୀକରଣ** ହୋଇଛି

**ଜୀବନ ପ୍ରମାଣ** ଅଧୀନରେ ପେନସନଭୋଗୀଙ୍କ ଦ୍ୱାରା **୧୦.୨+ କୋଟି ଜୀବନ ପ୍ରମାଣପତ୍ର** ଡିଜିଟାଲ ମାଧ୍ୟମରେ **ଅପଲୋଡ୍ ହୋଇଛି**



ସେମିକଣ୍ଡକ୍ଟର ହବ୍ ହେବା ଦିଗରେ ଭାରତର ବ୍ୟାପକ ପ୍ରଗତି ; ୨୦୨୪ରେ ବଜାର ଆକାର **୪+ ଲକ୍ଷ କୋଟିରେ** ପହଞ୍ଚିଲା

**୪୨+ ଲକ୍ଷ ରୁଟ୍ କିମିରେ** ପହଞ୍ଚିଲା ଅପ୍ଟିକାଲ ଫାଇବର କେବୁଲ ଲମ୍ବ ; **୨.୧୪ ଲକ୍ଷ ଗ୍ରାମ ପଞ୍ଚାୟତକୁ ସଂଯୋଗ**

ଡିଜିଟାଲ ଇଣ୍ଡିଆ ଅଧୀନରେ **୫.୭୬ ଲକ୍ଷ କାର୍ଯ୍ୟକ୍ଷମ ଜନସେବା କେନ୍ଦ୍ର**

**ଜିଇଏମ୍ ପୋର୍ଟାଲ** ଜରିଆରେ **୧୩.୪+ ଲକ୍ଷ କୋଟି ଟଙ୍କା** ମୂଲ୍ୟର ଅର୍ଡର ଦିଆଯାଇଛି, ଯାହା ସରକାରୀ କ୍ରୟରେ ପାରଦର୍ଶିତା, ଦକ୍ଷତା ଏବଂ ଗତି ବଢ଼ାଇଛି



ବିଶ୍ୱର ଦୁଇଟି ମଧ୍ୟରୁ ଗୋଟିଏ **ବାସ୍ତବ ସମୟ ଡିଜିଟାଲ ନେଣଦେଣ ଭାରତରେ ହେଉଛି**

ଏପ୍ରିଲ ୨୦୨୫ରେ **୨୪ ଲକ୍ଷ କୋଟି ଟଙ୍କାର ୟୁପିଆଇ ନେଣଦେଣ** ହୋଇଛି

ଡିଜିଟାଲ **କୋୱିନ ପ୍ଲାଟଫର୍ମ** ଜରିଆରେ **୨୨୦ କୋଟି ଡୋଜ କୋଭିଡ-୧୯ ଟିକା** ଦେବାରେ ଉଲ୍ଲେଖନୀୟ ସଫଳତା ହାସଲ



**ପ୍ରତି ଜିବି ଡାଟା ମୂଲ୍ୟ ୨୦୧୪ରେ ୩୦୦+ ଟଙ୍କାରୁ** ହ୍ରାସ ପାଇ **୧୦ ଟଙ୍କା** ହେଲା

ମାତ୍ର **୨୨ ମାସରେ ୯୯.୬% ଜିଲ୍ଲାରେ** ପହଞ୍ଚିଲା **5ଜି,** ବିଶ୍ୱରେ ସବୁଠୁ ଦ୍ରୁତ କାର୍ଯ୍ୟକାରିତା

ଭାରତ ବିଶ୍ୱର **ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଫୋନ ଉତ୍ପାଦନକାରୀ**

CBC 37101/13/0009/2526

Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL



"ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।) -ଶ୍ରୀମା

-ଅଲାରନାଥଙ୍କ ଦର୍ଶନ ଆରମ୍ଭ





# ବୌଦ୍ଧ କାହାଣୀରେ ଭିନ୍ନତା

ଦେବଦତ୍ତ ପଟ୍ଟନାୟକ

ଭାରତରେ ଗୋଟିଏ ରାମାୟଣ ଗ୍ରନ୍ଥ ନାହିଁ, ଅତିକମ୍‌ରେ ୩୦୦ଟି ଥିବା ଆମେ ଶୁଣିଛେ। ସେହିଭଳି ପୁରାତନ ବୌଦ୍ଧ ଗ୍ରନ୍ଥ ଅନୁଯାୟୀ, କେବଳ ଜଣେ ନୁହେଁ ଅନେକ ଡଜନ କିମ୍ବା ଅନେକ ହଜାର ଏପରିକି ଅନେକ ଲକ୍ଷ ବୁଦ୍ଧ ଅଛନ୍ତି ବୋଲି ଆମକୁ କେହି କହନ୍ତି ନାହିଁ। ଏମିତିକି ବୁଦ୍ଧଙ୍କ କାହାଣୀକୁ ନେଇ ଶହ ଶହ ପୁସ୍ତକ ରହିଛି। ସେଗୁଡ଼ିକ ପାଲି, ସଂସ୍କୃତ, ଚାଇନିଜ୍ ଓ ଜାପାନିଜ୍ ଭାଷାରେ ରଚିତ। କେହି ମଧ୍ୟ ଦର୍ଶାନ୍ତି ନାହିଁ ଯେ, ଆମେ ଯେଉଁ ଉନବିଂଶ ଶତାବ୍ଦୀର ଐତିହାସିକ ବୁଦ୍ଧଙ୍କୁ ଜାଣିଛେ, ତାଙ୍କୁ ୟୁରୋପୀୟମାନେ ହିଁ ପ୍ରଥମେ ଆମ ସାମ୍ନାକୁ ଆଣିଥିଲେ। ଇଂରେଜମାନେ ଆସିବାବେଳକୁ ଭାରତ ପ୍ରାୟତଃ ବୁଦ୍ଧଙ୍କୁ ଭୁଲି ଯାଇଥିଲା। ଏଣୁ ଇଂରେଜମାନେ ତାଙ୍କୁ ପୁନର୍ବାର ଆବିଷ୍କାର କରିଥିଲେ। ଶ୍ରୀଲଙ୍କାରୁ ପାଲି ଗ୍ରନ୍ଥ ଏବଂ ଗାଙ୍ଗେୟ ସମତଳ ଅଞ୍ଚଳରୁ ବୌଦ୍ଧ ସ୍ଥଳୀଗୁଡ଼ିକର ଆବିଷ୍କାର ଥିଲା ଏସିଆଟିକ୍ ସୋସାଇଟି ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବଡ଼ ବିଜୟ। ବୁଦ୍ଧଙ୍କୁ ଜାଣିଶୁଣି ଭାରତୀୟଙ୍କ ମାନସପଟରୁ ଦୂରେଇ ଦିଆଯାଇଥିଲା ଏବଂ ଏହା ପଛରେ ବ୍ରାହ୍ମଣୀୟ ଷଡ଼ଯନ୍ତ୍ର ରହିଥିଲା ବୋଲି ଇଂରେଜ ଗବେଷକମାନେ ହୃଦୟଙ୍ଗମ କରିଥିଲେ। ସେମାନେ ଅଜ୍ଞାନ ହିନ୍ଦୁ ବୁଦ୍ଧିଜୀବୀଙ୍କୁ ରକ୍ଷା କରିବା ଲାଗି ବୁଦ୍ଧଙ୍କୁ ବ୍ୟବହାର କରିଥିଲେ ଏବଂ ତାହା କାମ ଦେଇଥିଲା। ବୌଦ୍ଧଧର୍ମ ସମ୍ବନ୍ଧିତ ସଂଗ୍ରହ ହୋଇଥିବା ବିଶାଳ ଗ୍ରନ୍ଥସମୂହରେ ଗୌତମ ବୁଦ୍ଧ ତାଙ୍କ ଜୀବନକାଳରେ ଶ୍ରୀଲଙ୍କା, ମ୍ୟାନ୍‌ମାର ଓ ଥାଇଲାଣ୍ଡ ଯାତ୍ରା କରିଥିବା କାହାଣୀ ଦେଖିବାକୁ ମିଳେ। କାମନାର ରାକ୍ଷସ ମାରା ସହ ସେ ଯୁଦ୍ଧ କରିଥିବାର କାଳ୍ପନିକ କାହାଣୀ ରହିଛି ଏବଂ ଏକ ବାସ୍ତବ କାହାଣୀ ଅଛି, ଯେଉଁଥିରେ ସେ ଛତୁ ଖାଇବା ପରେ ଡିସେଣ୍ଟ୍ରି ଯୋଗୁ ମୃତ୍ୟୁ ହୋଇଥିବା କୁହାଯାଇଛି। ୟୁରୋପୀୟ ଐତିହାସିକମାନେ ଏହି କାହାଣୀଗୁଡ଼ିକ ମଧ୍ୟରୁ କେଉଁଟି ସତ, ତାହା ସ୍ଥିର କରିବା ପାଇଁ ନିଜ ଆଡୁ ଅନୁଧ୍ୟାନ କରିଥିଲେ। ଏଣୁ ଜଣେ ଐତିହାସିକ ବୁଦ୍ଧ କାଳ୍ପନିକ ଥିଲେ ବୋଲି କହିଛନ୍ତି।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜାପାନ ଗବେଷକମାନେ ବୁଦ୍ଧଙ୍କ ଜନ୍ମ ମୃତ୍ୟୁ ସମ୍ପର୍କିତ ୪୦ରୁ ଊର୍ଦ୍ଧ୍ୱ ସିଦ୍ଧାନ୍ତର ତାଲିକା ପ୍ରସ୍ତୁତ କରିଥିଲେ। ପାରମ୍ପରିକ ତୀର୍ଥପଥକୁ ଆଧାର କରି ତାଙ୍କ ଜନ୍ମ ଓ ମୃତ୍ୟୁ ସ୍ଥିର କରାଯାଇଥିଲା, କୌଣସି ପ୍ରାମାଣିକ ତଥ୍ୟକୁ ଭିତ୍ତିକରି ଏହା କରାଯାଇ ନ ଥିଲା। ଭାଷା ବିଶେଷଜ୍ଞମାନେ ଦାବି କରନ୍ତି ଯେ, ସବୁଠୁ ପୁରୁଣା, ଅଧିକ ରକ୍ଷଣଶୀଳ ଓ ଐତିହାସିକ ପାଲି ଗ୍ରନ୍ଥ ପରେ ସଂସ୍କୃତ ଗ୍ରନ୍ଥଗୁଡ଼ିକ କାହାଣୀକୁ ଏପାଖସେପାଖ କରାଯାଇଥିଲା। କିନ୍ତୁ ଏହା ପଛରେ କୌଣସି ପ୍ରମାଣ ନାହିଁ। ନିକଟରେ ଖ୍ରୀଷ୍ଟପୂର୍ବ ୧୦୦ର



ବୌଦ୍ଧ ଧର୍ମର ସବୁଠୁ ପୁରୁଣା ପାଣ୍ଡୁଲିପିଗୁଡ଼ିକ ଗାନ୍ଧାରରେ ଆବିଷ୍କାର ହୋଇଥିଲା, ଯେଉଁଥିରୁ ଅନେକ ସଂସ୍କୃତରେ ଲେଖାଯାଇଛି। ସେଥିରେ ଅନେକ ବୁଦ୍ଧଙ୍କ କଥା ବର୍ଣ୍ଣନା କରାଯାଇଛି। ସେହି ସମୟର ଜୈନ ପୁରାଣ ଏପରିକି ବାଲ୍ମୀକି ରାମାୟଣରେ ଏହା ମଧ୍ୟ ଦୋହରାଯାଇଛି। ସେଗୁଡ଼ିକ ମଧ୍ୟ ବିଶେଷ ଭାବେ ବୁଦ୍ଧଙ୍କର ୪ଟି ନୀତିବାଣୀ ବିଷୟରେ କିଛି ଉଲ୍ଲେଖ କରିନାହାନ୍ତି। କେହି ଜାଣନ୍ତି ନାହିଁ ବୁଦ୍ଧ କେଉଁ ଭାଷାରେ କଥା ହେଉଥିଲେ। ଖ୍ରୀଷ୍ଟାବ୍ଦ ୫୦୦ ପାଖାପାଖି ଶ୍ରୀଲଙ୍କାର ବୌଦ୍ଧ ସନ୍ନ୍ୟାସୀମାନେ ମହାଯାନ ବିଚାରଠାରୁ ନିଜକୁ ଭିନ୍ନ ଭାବେ ଦର୍ଶାଇବା ପାଇଁ ପାଲି ଭାଷା ବ୍ୟବହାର କରୁଥିଲେ।

ବୁଦ୍ଧଙ୍କ ପୁରାତନ ଜୀବନୀ କାହାଣୀଗୁଡ଼ିକ (ବୁଦ୍ଧ ଚରିତ, ଲଳିତ ବିସ୍ତାର ସୂତ୍ର, ମହାବାସ୍ତୁ) ଖ୍ରୀଷ୍ଟାବ୍ଦ ୨୦୦ ସୁଦ୍ଧା ରଚନା କରାଯାଇଥିଲା। ଏହି ସମୟରେ ବୁଦ୍ଧଙ୍କ ବିଚାର, ତାଙ୍କ ଜନ୍ମ, ନିର୍ବାଣ ଏବଂ ମୃତ୍ୟୁର ଛବିଗୁଡ଼ିକ ସାଞ୍ଚି, ଭାରହୁତ, ମଥୁରା ଓ ଗାନ୍ଧାରରେ ଥିବା ସ୍ତୂପ ଚାରିପାଖ ରେଲିଂରେ ପ୍ରଥମେ ଦେଖିବାକୁ ମିଳିଥିଲା। ତାଙ୍କୁ ମାନବ ରୂପରେ ଦର୍ଶାଇବା ଆରମ୍ଭ ହୋଇଥିଲା। କୌଣସି ପୁରାତନ ଜୀବନୀ କାହାଣୀରେ ତାଙ୍କର ମୃତ୍ୟୁ କିମ୍ବା ଅନ୍ତିମ ନିର୍ବାଣକୁ ସୂଚିତ କରାଯାଇନାହିଁ। ୫୦୦ ଶତାବ୍ଦୀର ମହାପରିନିର୍ବାଣ ସୂତ୍ର ଗ୍ରନ୍ଥରେ ଏ ସମ୍ପର୍କରେ ବର୍ଣ୍ଣନା ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ଜୀବନୀ କାହାଣୀଗୁଡ଼ିକରେ ବୁଦ୍ଧଙ୍କ ସ୍ତ୍ରୀଙ୍କ ନାମ ନାହିଁ, କେବଳ ରାହୁଲଙ୍କ ମା' ବୋଲି ଦର୍ଶାଯାଇଛି। ଅନେକ କାହାଣୀ ଅଛି, ଯେଉଁଥିରେ ଶାକ୍ୟ ବଂଶର ରାଜକୁମାର (ସିଦ୍ଧାର୍ଥ ଗୌତମ)ଙ୍କର ଦୁଇଟି ଓ କେତେକରେ ତିନୋଟି ସ୍ତ୍ରୀ ଥିବା ଉଲ୍ଲେଖ କରାଯାଇଛି। ଯଶୋଧାରା ଏକ ପ୍ରତିଯୋଗିତାରେ ଜିତିଥିଲେ ; ମ୍ରିଗଜା ରାଜକୁମାରଙ୍କ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଗୋପା ତାଙ୍କ ପ୍ରେମରେ ପଡ଼ିଥିଲେ। ଯଶୋଧାରାଙ୍କ ଶୁଦ୍ଧ ପ୍ରେମ ଥିବାବେଳେ ଗୋପାଙ୍କର ପ୍ରେମ ଥିଲା ଦୈହିକ। ସମ୍ଭବତଃ ଏଥିରୁ ବୁଝାପଡୁଛି, ତାନ୍ତ୍ରିକ ବୌଦ୍ଧଗ୍ରନ୍ଥସବୁ କୃଷ୍ଣ ପୁରାଣ ଦ୍ୱାରା ପ୍ରଭାବିତ ହୋଇଥିଲେ। ପାଲି ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ଅଛି, ବୁଦ୍ଧଙ୍କ ଦେହାନ୍ତ ଦିନ ତାଙ୍କ ପୁତ୍ର ରାହୁଲ ଜନ୍ମ ହୋଇଥିଲେ। କିନ୍ତୁ ସଂସ୍କୃତ ଗ୍ରନ୍ଥରେ ଦର୍ଶାଯାଇଛି ସେହି ଦିନ ରାତିରେ ସେ ମାତୃଗର୍ଭରେ ରହିଥିଲେ। ଏହା ବ୍ୟତୀତ ଅନେକ କାହାଣୀ ରହିଛି, ଯେଉଁଥିରେ ବୁଦ୍ଧଙ୍କ ନିର୍ବାଣପ୍ରାପ୍ତି ଦିନ ଯଶୋଧାରା ରାହୁଲଙ୍କୁ ଜନ୍ମ ଦେଇଥିଲେ ବୋଲି କୁହାଯାଇଛି। ତାଙ୍କ ବିରୋଧରେ ଅସତୀର ଅଭିଯୋଗ ଆସିବାରୁ ସୀତାଙ୍କ ଭଳି ତାଙ୍କୁ ସତୀତ୍ୱର ପରୀକ୍ଷା ଦେବାକୁ ପଡ଼ିଥିଲା।

ଉନବିଂଶ ଶତାବ୍ଦୀରେ ୟୁରୋପୀୟ ଭାଷାବିତ୍‌ମାନେ ବୁଦ୍ଧଙ୍କୁ ଖ୍ରୀଷ୍ଟିଆନ୍ ଜଗତ ବାହାରେ ଏବଂ ହିନ୍ଦୁ ମୂର୍ତ୍ତିପୂଜା ବାହାରେ ଜଣେ ଆର୍ଯ୍ୟ ସନ୍ନ୍ୟାସୀ ଭାବେ ଦେଖିଥିଲେ। ସେମାନେ ବୌଦ୍ଧଧର୍ମକୁ ଏକ ପ୍ରୋଟେଷ୍ଟାଣ୍ଟ ଆନ୍ଦୋଳନ ଭାବେ ଦର୍ଶାଇଥିଲେ ଏବଂ ବୈଦିକ କର୍ମକାଣ୍ଡ ଏହାକୁ ଅସ୍ୱୀକାର କରେ ବୋଲି ସୂଚିତ କରିଥିଲେ। ସେମାନେ ୟୁରୋପର ଖ୍ରୀଷ୍ଟିଆନ୍ ଇତିହାସ ଢାଞ୍ଚାରେ ଭାରତର ଇତିହାସକୁ ଗଢ଼ିଥିଲେ। ସେମାନେ ହିନ୍ଦୁଙ୍କ ପୌରାଣିକ ରାମ ଓ କୃଷ୍ଣଙ୍କୁ ଲକ୍ଷ୍ୟ କରି ଐତିହାସିକ ବୁଦ୍ଧଙ୍କୁ ପ୍ରତିପାଦିତ କରିଥିଲେ। ଏଯାବତ୍ ଅନେକ ବିଦ୍ୱାନ୍ ଏବଂ ଆକ୍ଟିଭିଷ୍ଟ ୟୁରୋପୀୟଙ୍କ ଆବିଷ୍କାରକୁ ସତ୍ୟ ବୋଲି ଧରି ନେଇଥିବାରୁ ସେହି କ୍ଷତ ଏବେ ଆହୁରି ସଂକ୍ରମିତ ହୋଇଛି। କେହି କେବେ ଚାହେଁ ନାହିଁ, ସେମାନଙ୍କ ଧର୍ମୀୟ ନେତା କେବଳ ଏକ ପୁରାଣ କଥା, ବିଶ୍ୱାସ ଓ ବିଶ୍ୱସ୍ତତାର ସୃଷ୍ଟି ହୋଇ ରହିଯାଆନ୍ତୁ ; କିନ୍ତୁ ଏହା ପ୍ରାୟତଃ ସବୁବେଳେ ହେଉଛି।

-devduttofficial@gmail.com



# ଲୋକଙ୍କ ସରକାର

ମୋହନ ଚରଣ ମାଝୀ

କାଲି ଭଳି ଲାଗୁଛି। ନୂଆ ସରକାରକୁ ଏକ ବର୍ଷ ଆଜି ପୂରିଛି। ଗତକାଲି ଥିଲା ପବିତ୍ର ସ୍ନାନପୂର୍ଣ୍ଣିମା। ମୁଁ ସ୍ନାନବେଦିରେ ମହାପ୍ରଭୁଙ୍କୁ ଆଖିରେ ଆଖି ମିଳାଇ ସାରା ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କଲି। ରତ୍ନସିଂହାସନ ଛାଡ଼ି ସ୍ନାନବେଦିରେ ବିଦ୍ୟମାନ ପ୍ରଭୁଙ୍କୁ ଅପଲକ ନୟନରେ ଦେଖିଲି। ଆତ୍ମସନ୍ତୋଷ ଓ ଖୁସି ମନରେ ମହାପ୍ରଭୁଙ୍କଠାରୁ ମେଲାଣି ନେଲି। ମହାପ୍ରଭୁ ଆମ ସମସ୍ତଙ୍କର ମାଲିକ, ଆମେ ସମସ୍ତେ ତାଙ୍କର ସେବକ। ତାଙ୍କର ଆଶୀର୍ବାଦ ହିଁ ଆମର ଶକ୍ତି।

ପୁରୀରୁ ଭୁବନେଶ୍ୱର ଫେରିବା ବେଳେ ମୋ ଜୀବନର ସୁଖଦୁଃଖ ଓ ଅଙ୍ଗେନିଭା କଥା। ରାଜନୈତିକ ସଂଘର୍ଷ-ଜୟ-ପରାଜୟ ତଥା ସଫଳତା ବିଫଳତାର କାହାଣୀ। ବର୍ଷକର ସରକାରରେ ମୋ ନେତୃତ୍ୱ। ତିକ୍ତ-ମଧୁର ଅନୁଭୂତି। ବର୍ଷକରେ ଆମେ କଲୁ କ'ଣ ? ୪ ବର୍ଷରେ ଆମର ଆଉ କ'ଣ କରିବାକୁ ବାକି ରହିଲା ? ୨୦୩୬ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ସମୟରେ ଆମର ଲକ୍ଷ୍ୟ ପୂରଣ ପାଇଁ କ'ଣ କ'ଣ ପଦକ୍ଷେପ ଆଜିଠାରୁ ଆବଶ୍ୟକ? ୨୦୪୭ ମସିହାରେ ଆମ ଦେଶ ଯେତେବେଳେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବ-ଦେଶକୁ ବିଶ୍ୱ ଦରବାରରେ ଶ୍ରେଷ୍ଠ କରିବାରେ ଓଡ଼ିଶାର କ'ଣ ଓ କେତେ ବଡ଼ ଭୂମିକା ରହିବ ତାକୁ ନେଇ ମୋ ମନରେ ଅନେକ କଳ୍ପନା, ଯୋଜନା ତଥା ସଂକଳ୍ପ ମୋ ମନ ଭିତରେ ଉଙ୍କି ମାରୁଥିଲା।

ଠିକ୍ ବର୍ଷେ ତଳେ ଆଜି ଦିନରେ ଭୁବନେଶ୍ୱର ଜନତା ମଇଦାନରେ ଶପଥ ଗ୍ରହଣ ଉତ୍ସବ ପରେ ଲୋକସେବା ଭବନ ଆସି ପ୍ରଥମ କ୍ୟାବିନେଟ୍ ବୈଠକ କଲୁ। ୨୪ ମିନିଟ୍‌ରେ ଆମେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭକ୍ତଙ୍କ ମଧ୍ୟରେ ପ୍ରାଚୀର ସୃଷ୍ଟି କରିବାର ଓଡ଼ିଆ ଭାବାବେଗ ବିରୋଧୀ ୪ ଦ୍ୱାରରୁ ୩ ଦ୍ୱାର ବନ୍ଦ ନିଷ୍ପତ୍ତିକୁ ବଦଳାଇ ୪ ଦ୍ୱାର ଖୋଲିବାର ନିର୍ଣ୍ଣୟ ନେଲୁ। ମହାପ୍ରଭୁଙ୍କ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ କଲୁ। ଆମ ସୁଭଦ୍ରା ସ୍ୱରୂପ ମା' ଭଉଣୀଙ୍କ ପାଇଁ ସୁଭଦ୍ରା ଯୋଜନା ତଥା ଅନ୍ନଦାତା କୃଷକ ଭାଇ-ଭଉଣୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ମାଧ୍ୟମରେ ଧାନ କୁଇଣ୍ଟାଲର ଦାମ୍ ୩,୧୦୦ ଟଙ୍କାରେ ପହଞ୍ଚାଇବାକୁ ନିର୍ଣ୍ଣୟ କଲୁ। ପୂରା କ୍ୟାବିନେଟ୍ ସହ ସେଦିନ ରାତିରେ ପୁରୀରେ ରହିଲୁ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ସହ ୪ ଦ୍ୱାର ଖୋଲିଲା।

ଆଜି ଯେତେବେଳେ ସେହି ଦିନଗୁଡ଼ିକର ଏକବର୍ଷ ପୂର୍ତ୍ତି ହେଉଛି ମୋ ନେତୃତ୍ୱରେ ବର୍ଷକରେ କ'ଣ କ'ଣ ଜନହିତକର କାମ ହୋଇଛି ତା'ର ଚର୍ଚ୍ଚା ହେବା ସ୍ୱାଭାବିକ। ଆମର ସଂକଳ୍ପ ପତ୍ରରେ ଆମେ ଯେଉଁ ଯେଉଁ ସଂକଳ୍ପକୁ ଜନତା ଦରବାରରେ ଉପସ୍ଥାପନ କରିଥିଲୁ, ସେଥିପାଇଁ ମୋ ସରକାର ଓ ମୁଁ ଉତ୍ତରଦାୟୀ।

ବର୍ଷକରେ ଆମ କାମର ହିସାବ ଦେବା ମୋ ସରକାର ଏବଂ ବ୍ୟକ୍ତିଗତ ଭାବରେ ମୋର ଦାୟିତ୍ୱ। ମାତ୍ର ହିସାବ ଦେବା ଆଗରୁ ଗୋଟିଏ କଥା କହିବି, ଏ ଜାତିର ନମସ୍ୟ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ, ଉତ୍କଳେ ନେତାର ନାହିଁ ପ୍ରୟୋଜନ-ଉତ୍କଳର ନେତା ସ୍ୱୟଂ ନାରାୟଣ। ମୁଁ ଆଦିବାସୀ ଘରେ ଜନ୍ମ। ଦାରିଦ୍ର୍ୟ-ଅନଟନ-ଅଭାବ ଓ ଅସୁବିଧାକୁ ସାମ୍ନା କରି ଆଗକୁ ବଢ଼ିଛି। ଯେବେ ପଡ଼ିଛି ଆହୁରି ଦୃଢ଼ ଓ ଆତ୍ମବିଶ୍ୱାସର ସହ ଛିଡ଼ା ହୋଇଛି। ଆମର ମହାପ୍ରଭୁ ଆଦିବାସୀ ଓ ଗରିବର ଦେବତା। ବୋଧହୁଏ ମୋ ଭଳି ଗରିବ ଆଦିବାସୀ ପରିବାରରୁ ଆସିଥିବା ସାଧାରଣ-ସରଳ ମଣିଷଟିଏ ହାତରେ ତାଙ୍କର ସେବାପାଇଁ ସୁଯୋଗ ଦେଇଥିବାରୁ ତାଙ୍କର ସେବକ ଭାବରେ ତାଙ୍କରି ହିଁ କାମ କରୁଛି। ଏହି ଭାବାବେଗ ସହ ଏହି ଆଲେଖ୍ୟ ତାଙ୍କୁ ହିଁ ସମର୍ପଣ କରୁଛି।

ଓଡ଼ିଶାର ପ୍ରିୟ ଭାଇଭଉଣୀମାନେ! ଆଜି ଓଡ଼ିଶାରେ ଭାଜପା ଶାସନ ଆସିବାର ପ୍ରଥମ ବର୍ଷ ପୂର୍ତ୍ତି ସତ। ମାତ୍ର ଏହା ସହ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଶାସନର ୧୧ ବର୍ଷ ପୂର୍ତ୍ତି ମଧ୍ୟ ହୋଇଛି। ନରେନ୍ଦ୍ର ମୋଦି ତାଙ୍କ ଶାସନରେ ପୂର୍ବ ଭାରତକୁ ପ୍ରାଥମିକତା ଦେଇଛନ୍ତି ଓ ଓଡ଼ିଶା ପୂର୍ବଭାରତ ବିକାଶର ପ୍ରବେଶ ପଥ ହୋଇଛି। ଦିଲ୍ଲୀ ଓ ଭୁବନେଶ୍ୱରରେ ଭାଜପା ଶାସନ ନୁହେଁ, ଆମେ ଏହାକୁ ଡବଲ ଇଞ୍ଜିନ୍ ସରକାର ବୋଲି କହୁଛୁ। ଓଡ଼ିଶାକୁ ମୋଦିଜୀ ସାରା ଦେଶରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ପ୍ରାଧାନ୍ୟ ଦେବା କାରଣରୁ ଓଡ଼ିଶା ଜାତୀୟ ସ୍ତରରେ ବି ନାଁ କରିଛି।

ଗତ କିଛିଦିନ ତଳେ ଦିଲ୍ଲୀରେ ନୀତି ଆୟୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ମୋଦିଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଁ ଏଥିରେ ଓଡ଼ିଶାର କାର୍ଯ୍ୟକ୍ରମ-କେନ୍ଦ୍ର ସରକାରଙ୍କ ଅପେକ୍ଷା ଆଲୋଚନା ସମୟରେ ଦୁଇଟି ପ୍ରସଙ୍ଗ ଗୁରୁତ୍ୱର ସହ ଉଲ୍ଲେଖ କରିଥିଲି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ମହିଳା ସଶକ୍ତୀକରଣକୁ ଆଗକୁ ନେଇ ଆମେ ଓଡ଼ିଶାରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଲକ୍ଷ୍ୟ ହାସଲ କରିବା କଥା କହିଥିଲି। ଦେଶର ୨୦୪୭ର ଲକ୍ଷ୍ୟ ପୂର୍ବରୁ ଆମ ରାଜ୍ୟ ଗଠନର ୨୦୩୬ ମସିହା ସୁଦ୍ଧା ଆମର ବଡ଼ ଲକ୍ଷ୍ୟର କଥା ଉଲ୍ଲେଖ କରିଥିଲି। ମୋଦିଜୀ ତାଙ୍କ ଭାଷଣ ସମୟରେ ମୁଁ ଉଲ୍ଲେଖ କରିଥିବା ଏହି ଦୁଇ ପ୍ରସଙ୍ଗକୁ ଉଲ୍ଲେଖ କରି ଆମ କାମକୁ ସମ୍ମତି ପ୍ରଦାନ କରିଥିଲେ।

ବର୍ଷକ ପୂର୍ବରୁ ନିର୍ବାଚନ ପରେ ଏନ୍‌ଡିଏ ସାଂସଦମାନଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶା ଦେଶର ଗ୍ରୋଥ୍ ଇଞ୍ଜିନ୍ ହେବ ବୋଲି କହିଥିଲେ ମୋଦିଜୀ। ଏହା ଭିତରେ ମୋଦିଜୀ ଓଡ଼ିଶାକୁ ବର୍ଷକରେ ୫ ଥର ଆସିବା ପରେ ପୁଣି ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସଦୟ ସମ୍ମତି ପ୍ରଦାନ କରିଛନ୍ତି। ଓଡ଼ିଆ ଜନତାଙ୍କ ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ଓ ଦେଶର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଓଡ଼ିଶା ପ୍ରତି ଅଧିକ ସମ୍ବେଦନଶୀଳତା ଆମକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବ ବୋଲି ମୁଁ ମୋର ପ୍ରିୟ ରାଜ୍ୟବାସୀଙ୍କୁ ଭରସା ଦେଉଛି।

ମୋଦିଜୀଙ୍କ ଭାଷାରେ ଆମର ମୋଟ ୪ ଜାତି। ଜାତି-୧ ଗରିବ। ଜାତି-୨ କୃଷକ। ଜାତି- ୩ ଯୁବପିଢ଼ି। ଜାତି-୪ ମହିଳା। ୨୦୧୪ରୁ ଦେଶରେ ଗାନ୍ଧୀ-ଦୀନଦୟାଲଙ୍କ ଗରିବ କଲ୍ୟାଣ ଓ ଅନ୍ତ୍ୟୋଦୟର ଶାସନ ଚାଲୁଛି। ଏବେ ସଦ୍ୟତମ ବିଶ୍ୱବ୍ୟାଙ୍କ ରିପୋର୍ଟ କହୁଛି ମୋଦିଜୀଙ୍କ ନେତୃତ୍ୱରେ ଆମ ଦେଶରେ ଗରିବୀ ହଟାଅ ସ୍ଲୋଗାନ ନୁହେଁ, ଗରିବ କଲ୍ୟାଣ ଦେଶବାସୀଙ୍କ ପାଇଁ ଜନ ଆଶୀର୍ବାଦ ହୋଇଛି। ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ପ୍ରୟାସ, ସବ୍‌କା ବିଶ୍ୱାସ ଓଡ଼ିଶାରେ ବି ଆମ ଶାସନର ମୂଳ ମନ୍ତ୍ର ହୋଇଛି।

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗରିବ ପରିବାରର ଝିଅମାନଙ୍କର ବିବାହକୁ ଜାକଜମକରେ କରିବାର ବ୍ୟବସ୍ଥା। ସ୍ୱୟଂସହାୟକ ଗୋଷ୍ଠୀର ବିକାଶ ମାଧ୍ୟମରେ ରାଜ୍ୟର ଅର୍ଥନୀତିକୁ ବଡ଼ କରିବାର ବଡ଼ ଯୋଜନା କ୍ରିୟାନ୍ୱିତ ହେଉଛି।

୮୦୦ ଟଙ୍କାର ଧାନ ଉପରେ ଇନ୍‌ପୁଟ୍ ସବ୍‌ସିଡି ଦେଇ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୩,୧୦୦ ଟଙ୍କା କରିବା ଆମର ବଡ଼ ନିଷ୍ପତ୍ତି। କୃଷି-ମତ୍ସ୍ୟ ପଶୁପାଳନ-ସମବାୟ ଓ ଜଳସେଚନ ଏହି ସବୁ ବିଭାଗର ଯୋଜନାକୁ ଏକୀକୃତ କରି ଚାଷୀମାନଙ୍କର ବଡ଼ ବିକାଶର କାମରେ ଲାଗିଛି ଆମ ସରକାର।

ଶିଳ୍ପ ପ୍ରସ୍ତାବ ଆସୁଥିଲା। ଉପଯୁକ୍ତ ଉଦ୍ୟମ ଅଭାବରୁ ଫେରି ଯାଉଥିଲା। ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ମୋଦି ଯୋଗଦେଲେ ଓ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଅନୁରୋଧ କରି ସେମାନଙ୍କୁ ମୋଦି ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଲେ। ଏବେ ଆମ ରାଜ୍ୟକୁ ପାଖାପାଖି ୧୭ ଲକ୍ଷ କୋଟି ପୁଞ୍ଜିନିବେଶର ପ୍ରସ୍ତାବ ଆସିଛି। ସେଥିମଧ୍ୟରୁ ଅନେକଙ୍କର କାମ ଆରମ୍ଭ ହୋଇ ସାରିଲାଣି। ଆମର ନିଷ୍ଠାପର ଉଦ୍ୟମ ଯେତେ ପ୍ରସ୍ତାବ ଆସୁଛି ତାକୁ ସବୁ ଏବଂ କମ୍ ସମୟରେ କିପରି କ୍ରିୟାନ୍ୱିତ ହୋଇପାରିବ ତା'ର ପ୍ରବନ୍ଧନ କରିବା ଓ ଆମ ଯୁବପିଢ଼ି ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା।

୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ କର୍ମଚାରୀ ପଦବୀ ପୂରଣ ପାଇଁ ଆମେ ସଂକଳ୍ପ ପତ୍ରରେ କହିଥିଲୁ। ତୃଣମୂଳ ସ୍ତରରେ ଯୋଜନା କ୍ରିୟାନ୍ୱୟନ ହେବାରେ ବଡ଼ ପ୍ରତିବନ୍ଧକ କର୍ମଚାରୀ ଅଭାବ। ଗତ ବର୍ଷକରେ ସ୍ୱଚ୍ଛ ନିର୍ମଳ ପ୍ରକ୍ରିୟାରେ ୨୭ ହଜାର କର୍ମଚାରୀ ପଦବୀ ପୂରଣ କରିଛୁ। ଆଗାମୀ ବର୍ଷ ଆଉ ୪୦ ହଜାର ପଦବୀ ପୂରଣ କରିବାର ଲକ୍ଷ୍ୟ ରଖିଛୁ।

୨୪ ବର୍ଷ ସରକାରରେ ପଛୁଆବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନିଷ୍ପତ୍ତି ହୋଇପାରୁ ନ ଥିଲା। ଏବେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ଇତିମଧ୍ୟରେ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ସମାନ ସଂରକ୍ଷଣ ପାଇଁ ମୋ ପାଖକୁ ଅନେକ ଦାବି ଆସୁଛି। ଆମେ ତର୍ଜମା କରି ନିଶ୍ଚିତ ନିର୍ଣ୍ଣୟ କରିବୁ।

ଏବେ ଆୟୁଷ୍ମାନ୍ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ ହେବା କାରଣରୁ ମାଗଣା ସ୍ୱାସ୍ଥ୍ୟସେବା ଲୋକଙ୍କ ପାଖରେ ପହଞ୍ଚିଛି। ଏଥିପାଇଁ ଆମର ପ୍ରବାସୀ ଶ୍ରମିକମାନେ ବିଶେଷ ଲାଭବାନ୍ ହୋଇଛନ୍ତି। ଏବେ କେନ୍ଦ୍ରାପଡ଼ା ଗସ୍ତ ସମୟରେ ବିରୋଧୀ ଦଳର ଜଣେ ବିଧାୟକ ଓ ନେତୃବୃନ୍ଦ କେନ୍ଦ୍ରାପଡ଼ାର ପ୍ରବାସୀମାନଙ୍କର ଆୟୁଷ୍ମାନ୍ ଯୋଜନା ପାଇଁ ଖୁସି ପ୍ରସଙ୍ଗ ଉଲ୍ଲେଖ କରୁଥିଲେ। ମୋଦିଙ୍କୁ ଶ୍ରେୟ ଚାଲିଯିବ ବୋଲି ଗରିବ ଓଡ଼ିଆଙ୍କୁ କଷ୍ଟ ଦେଇ ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ମୁଁ ଗ୍ରହଣ କରିପାରୁନାହିଁ। ସ୍ୱାସ୍ଥ୍ୟ ସହ ଶିକ୍ଷା ଓ ଏଥିପାଇଁ ନୂତନ ଶିକ୍ଷାନୀତି-୨୦୨୦ର କ୍ରିୟାନ୍ୱୟନ ପୂରା ନିଷ୍ଠାର ସହ ଚାଲିଛି।

୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଭତ୍ତା ରାଶି ୩,୫୦୦କୁ ବୃଦ୍ଧି କରାଯାଇଛି। ଆୟୁଷ୍ମାନ୍ ଯୋଜନାରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଦେବାର ବ୍ୟବସ୍ଥା ହୋଇଛି।

ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ଉପାନ୍ତ ଓ ଦୁର୍ଗମର ବାସିନ୍ଦା, ଯେଉଁମାନେ ମୋଟାମୋଟି ରାଜ୍ୟର ଗରିବମାନଙ୍କର ପ୍ରମୁଖ ଭାଗ ସେମାନେ ଆମର ପ୍ରାଥମିକତାରେ ଅଛନ୍ତି ଏବଂ ଏକବର୍ଷର ସରକାରରେ ସେମାନଙ୍କର ସେବାପାଇଁ ଆମେ ଉଦ୍ୟମରେ କେବେ ଅବହେଳା କରିନୁ।

ମୋତେ ଜଣା ଆମ ରାଜ୍ୟରେ ପିଇବା ପାଣି ଏକ ସମସ୍ୟା ଭାବରେ ମୁଣ୍ଡ ଟେକିଛି। ଦକ୍ଷିଣ ଭାରତରୁ ଠିକାଦାର ଆଣି ପ୍ୟାକେଜ୍ ମାଧ୍ୟମରେ କାମ ପୂର୍ବ ସରକାରରେ ଦେଇଥିଲେ। ପାଇପ୍ ପାଣି ଯୋଗାଣ ଆମ ରାଜ୍ୟରେ ବିଡ଼ମ୍ବନା ହୋଇଛି। ଆମେ ଆମର ମା'ମାନଙ୍କର ଏହି ପ୍ରମୁଖ ଆବଶ୍ୟକତାକୁ ଯୁଦ୍ଧକାଳୀନଭିତ୍ତିରେ କ୍ରିୟାନ୍ୱୟନ କରୁଛୁ। ୨୦୨୬ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଘରେ ଶୁଦ୍ଧ ପିଇବା ପାଣି ପାଇପ ଯୋଗେ ପହଞ୍ଚାଇବାର ବ୍ୟବସ୍ଥା କରୁଛୁ। ଉପାନ୍ତ ଅଞ୍ଚଳରେ ଗମନାଗମନ ପାଇଁ ସଡ଼କ ବ୍ୟବସ୍ଥାକୁ ଆମେ ଗୁରୁତ୍ୱ ଦେଇ କାମ କରୁଛୁ।

ମୋ ଦୁଆର ସମସ୍ତଙ୍କ ପାଇଁ ଖୋଲା। ଛୋଟିଆ କଥା, ଜଣେ ଭିକ୍ଷାବୃତ୍ତି କରୁଥିବା ଲୋକ ମୋ ବାସଭବନ ପାଖକୁ ଆସେ ଓ ମୋ ସୁରକ୍ଷାକର୍ମୀ ମୋତେ ଦେଖା କରିବାର ସୁଯୋଗ ଦେଇପାରିଲେନି। ବାରମ୍ବାର ଆସୁଥିବା ଏହି ବ୍ୟକ୍ତି ସମ୍ବନ୍ଧରେ ଜାଣିବା ପରେ ତାଙ୍କୁ ଡାକିଲି। ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ତାଙ୍କ ଆପତ୍ତି ଅଭିଯୋଗ ତର୍ଜମା କରି ସମାଧାନ କରିବାକୁ କହିଲି। ଅଭିଯୋଗ ଶୁଣାଣି-ଲୋକଙ୍କ ସହ ମିଶିବା କାରଣରୁ ଆପଣ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଲୋକଙ୍କ ସରକାର କହୁଥିବାରୁ ହୃଦୟରୁ ଧନ୍ୟବାଦ ଦେଉଛି।

ମୁଁ ମୁଖ୍ୟମନ୍ତ୍ରୀ ଆସନରେ ବସି ଥାଇପାରେ। ମାତ୍ର ମୁଁ ଆପଣଙ୍କ ମଧ୍ୟରୁ ଆସିଥିବା ଜଣେ ସାଧାରଣ ଓଡ଼ିଆ। ଦୃଢ଼ ନିଷ୍ଠା-କଠିନ ପରିଶ୍ରମ ଓ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୋର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ରହୁଛି।

ଜୟ ଜଗନ୍ନାଥ

(ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର)

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଜୁନ୍ ୧୯୭୬

- ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ରୁଷ୍ କମ୍ୟୁନିଷ୍ଟ ଦଳର ସାଧାରଣ ସମ୍ପାଦକ ଲିଓନିଡ୍ ବ୍ରେଜନେଭ ପ୍ରକାଶିତ ମିଳିତ ଘୋଷଣାପତ୍ର ବା ବିବୃତିରେ ସ୍ୱାକ୍ଷର ଦେଇଛନ୍ତି।
- ଭାରତରେ ସୋମାଲିଆର ପ୍ରଥମ ରାଷ୍ଟ୍ରଦୂତ ରୂପେ ମହମ୍ମଦ ଇବ୍ରାହିମ୍ ଇଗଲ ମନୋନୀତ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 9 | 3 | | | | 6 |
| | 4 | 3 | | | | | | |
| | | | | | | 8 | | 1 |
| | 9 | | 4 | | | | | |
| 1 | 2 | | 8 | 5 | | | | |
| | | | 6 | 1 | 3 | | 9 | |
| 7 | | | | | | 2 | | |
| | | 9 | | 7 | 2 | | | |
| | | | | | | | 6 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 3 | 6 | 8 | 4 | 1 | 7 | 5 |
| 7 | 4 | 6 | 5 | 3 | 1 | 9 | 8 | 2 |
| 8 | 1 | 5 | 2 | 9 | 7 | 4 | 3 | 6 |
| 3 | 5 | 2 | 4 | 7 | 8 | 6 | 9 | 1 |
| 4 | 8 | 9 | 1 | 6 | 5 | 3 | 2 | 7 |
| 1 | 6 | 7 | 3 | 2 | 9 | 5 | 4 | 8 |
| 9 | 2 | 1 | 7 | 4 | 6 | 8 | 5 | 3 |
| 6 | 7 | 8 | 9 | 5 | 3 | 2 | 1 | 4 |
| 5 | 3 | 4 | 8 | 1 | 2 | 7 | 6 | 9 |

ଗତକାଲିର ଉତ୍ତର



# ବିଶ୍ୱ ପାଇଁ ଶାନ୍ତିର ମାର୍ଗ

ଉମାଶଙ୍କର ପ୍ରସାଦ

ଯୁଗେ ଯୁଗେ ମଣିଷ ଚାହିଁଛି ଶାନ୍ତି। ସମଗ୍ର ମଣିଷଜାତିକୁ ଗୋଟିଏ ପରିବାର ମନେକରି ସେ ଶାନ୍ତି ଓ ପ୍ରଗତି ପାଇଁ ସତତ ଚେଷ୍ଟିତ। ମାତ୍ର ବିଜ୍ଞାନର ଅଗ୍ରଗତି ଫଳରେ ମଣିଷ ବିଶ୍ୱଧ୍ୱଂସୀ ମାରଣାସ୍ତ୍ର ନିର୍ମାଣ କରି ସମଗ୍ର ବିଶ୍ୱରେ ସୃଷ୍ଟି କରିଛି ଆତଙ୍କରାଜ। ବିଂଶ ଶତାବ୍ଦୀର କବି ଇଲିଏଟଙ୍କ ଭାଷାରେ- ଏ ଶତାବ୍ଦୀ ବିଜ୍ଞାନର ଅଭିନବ ପ୍ରଗତି କରିଛି ସତ, କିନ୍ତୁ ବିଶ୍ୱ ଧ୍ୱଂସ ପାଇଁ ଏହା ପଥ ପରିଷ୍କାର କରିଦେଇଛି। ପ୍ରାଚୀନ କାଳରେ ମଧ୍ୟ ମଣିଷ ଯୁଦ୍ଧ କରୁଥିଲା ଏବଂ ଏବେ ମଧ୍ୟ କରୁଛି। ମାତ୍ର ପ୍ରାଚୀନ ଏବଂ ଆଜିର ଯୁଦ୍ଧ ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ପ୍ରାଚୀନ କାଳର ଯୁଦ୍ଧ ଥିଲା ସୀମାବଦ୍ଧ। ସାଧାରଣ ଜନତା ସେ ଯୁଦ୍ଧ ଦ୍ୱାରା କ୍ଷତିଗ୍ରସ୍ତ ହେଉ ନ ଥିଲେ, ମାତ୍ର ସାମ୍ପ୍ରତିକ କାଳରେ ଯୁଦ୍ଧ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟରେ ସୀମାବଦ୍ଧ ହୋଇ ରହୁନାହିଁ। ଏହା ହେଉଛି ବିଶ୍ୱବ୍ୟାପୀ। ବିଭିନ୍ନ ସହର ଏବଂ ଜନପଦ ଉପରେ ବୋମା ମାଡ଼ ହୋଇ ଧ୍ୱଂସସ୍ତୂପରେ ପରିଣତ ହେଉଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିରୋସୀମା ଏବଂ ନାଗାସାକୀରେ ଆମେରିକା ଯେଉଁ ପରମାଣୁ ବୋମା ନିକ୍ଷେପ କରିଥିଲା ତା'ର କରୁଣ ପରିଣତି ଏବେ ମଧ୍ୟ ହୃଦୟରେ ଆତଙ୍କ ସୃଷ୍ଟି କରେ। ଏହା ସତ୍ତ୍ୱେ ଆଜିର କ୍ଷମତା ମଦ-ମତ୍ତ ମଣିଷ ପରମାଣୁ ଯୁଦ୍ଧ କରିବାକୁ ଚେଷ୍ଟା କରୁଛି। ଦୀର୍ଘଦିନ ଧରି ଚାଲିଥିବା ୟୁକ୍ରେନ ଓ ରୁଷିଆ ଯୁଦ୍ଧ ଦିନକୁଦିନ ଗମ୍ଭୀର ହେବାରେ ଲାଗିଛି। ପୃଥିବୀର ଦୁଇଟି ବୃହତ୍ ଶକ୍ତି ଆମେରିକା ଓ ରୁଷିଆ ପରମାଣୁ ବୋମା ପ୍ରୟୋଗ କରିବାକୁ ସବୁବେଳେ ପ୍ରସ୍ତୁତ ହୋଇ ରହୁଛନ୍ତି। ବର୍ତ୍ତମାନ ଯେତେ ମାରଣାସ୍ତ୍ର ନିର୍ମାଣ କରାଯାଇଛି ସେମାନଙ୍କ ମଧ୍ୟରେ ପରମାଣୁ ବୋମା ଓ ଉଦ୍‌ଜାନ



ବୋମା ଭୟଙ୍କର ମାରଣାସ୍ତ୍ର। ଆମେରିକା ପାଖରେ ଆଜିର ତଥ୍ୟାନୁସାରେ ୫୦୪୪ ପରମାଣୁ ବୋମା ଥିଲାବେଳେ ୧୭୭୦ ସକ୍ରିୟ ଓ ୧୯୩୮ ଗଚ୍ଛିତ ଏବଂ ୧୩୩୬ ଯୁଦ୍ଧ ପାଇଁ ପ୍ରସ୍ତୁତ। ଆମେରିକା ହେଉଛି ପରମାଣୁ ବୋମା ପ୍ରସ୍ତୁତ କରିବାରେ ପ୍ରଥମ ଦେଶ। ଆମେରିକା ତୁଳନାରେ ରୁଷିଆ ପାଖରେ ୫୫୮୦ଟି ପରମାଣୁ ବୋମା ଅଛି। ସେଥି ମଧ୍ୟରୁ ସକ୍ରିୟ ଭାବରେ ଯୁଦ୍ଧ ପାଇଁ ପ୍ରସ୍ତୁତି ଅବସ୍ଥାରେ ଅଛି। ରୁଷିଆ ପାଖରେ ଗଣ ସଂହାର ପାଇଁ ତିନି ପ୍ରକାର ଯଥା ପରମାଣୁ ବୋମା, ବାୟୋଲଜିକାଲ ଅସ୍ତ୍ର ଓ ଉଦ୍‌ଜାନ ବୋମାର ରହିଛି। ନିକଟରେ ଜେଲେନସ୍କି ରୁଷିଆର ୨୪ଟି ଏଆରକ୍ରାଫ୍ଟକୁ ଡ୍ରୋନ୍ ମାଡ଼ରେ ଧ୍ୱଂସ କରି ପୁଟିନଙ୍କ କ୍ରୋଧକୁ ପଞ୍ଚମକୁ ଉଠାଇଛି, ଯାହା କୌଣସି ସମୟରେ ଭୟଙ୍କର ସ୍ଥିତି ଉପୁଜିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନଙ୍କ ମଧ୍ୟରେ ପ୍ରାୟ ଦେଢ଼ଘଣ୍ଟା କାଳ ସୌଜନ୍ୟମୂଳକ ଆଲୋଚନା ହୋଇଥିଲେ ମଧ୍ୟ ଜେଲେନସ୍କି ଭିନ୍ନ ପନ୍ଥା ଅପଣାଇବା ଲକ୍ଷ୍ୟ କରାଯାଉଛି, ଯିଏ ଆମେରିକା ବଳରେ ରୁଷିଆର ସମ୍ମୁଖୀନ ହେବାକୁ ସାହସ କରିଥିଲେ । ସେ ଆଜି ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରି ସମଗ୍ର ବିଶ୍ୱକୁ ଯୁଦ୍ଧର ଭୟଙ୍କର ଓ ଲୋମହର୍ଷଣକାରୀ ପରିସ୍ଥିତିକୁ ଠେଲିଦେବାକୁ ବସିଛନ୍ତି। ମାନବୀୟ ମୂଲ୍ୟବୋଧର ଅବକ୍ଷୟ ଯୋଗୁ ଏପରି ଘଟୁଛି। ନିଜ ଭିତରେ ଥିବା ଅହଂକୁ ପରିତ୍ୟାଗ କରି ବିଶ୍ୱ କଲ୍ୟାଣ ପାଇଁ ଶାନ୍ତି ମାର୍ଗ ଆପଣାଇବା ସମାଜ ପାଇଁ ମଙ୍ଗଳମୟ ହେବ। ଶାନ୍ତିର ଅମୀୟବାଣୀର ପ୍ରସାର ହେବ। ବିଶ୍ୱକୁ ଅମୃତମୟ ଓ ମଧୁମୟ କରି ଗଢ଼ିବାକୁ ହେଲେ ମାରଣାସ୍ତ୍ର ବିରୋଧରେ ବିଶ୍ୱ ଜନମତ ସୃଷ୍ଟି ହେବା ଉଚିତ।

ଖୋର୍ଦ୍ଧା

ମୋ: ୬୩୭୦୬ ୭୫୫୬୨

## ଏଇ ଭାରତରେ

ସେନାରୁ ଅବସର ନେବା ପରେ କେରଳର ଡିନିଲ ପ୍ରସାଦ କେଜ୍ ଫିଶ୍ ଫାର୍ମିଂ(ଜାଲି ଭିତରେ ମାଛଚାଷ)ରେ ପୂରା ସମୟ ଦେଇଛନ୍ତି। ଏହି ପଦ୍ଧତିରେ ସେ ମାଛଚାଷ କରିବା ସହ ତାଙ୍କ ଅଞ୍ଚଳରେ ଅନ୍ୟ କୃଷକମାନଙ୍କୁ ଏଥିପ୍ରତି ଆକୃଷ୍ଟ କରିପାରିଛନ୍ତି। କନ୍ନୁର ନିକଟବର୍ତ୍ତୀ ପରପରାମ୍ ଗାଁରେ ଜନ୍ମିତ ଡିନିଲ ଏହି ଚାଷରେ ଏବେସୁଦ୍ଧା ୫୦ ଚାଷୀଙ୍କୁ ସାମିଲ କରିସାରିଲେଣି। କନ୍ନୁରରେ ୨୦୧୮ରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପରେ ସେ ଚାଷୀଙ୍କୁ ସହଯୋଗ କରିବା ଲାଗି ନିଷ୍ପତ୍ତି ନେଇଥିଲେ ଏବଂ ନିଜ ଘରେ ଏକ ସୀମିତ ଜାଗା ଅର୍ଥାତ୍ ଜାଲି ମଧ୍ୟରେ ମାଛଚାଷ ଆରମ୍ଭ କରିଥିଲେ। ପ୍ରଥମେ ପରିବାର ପକ୍ଷରୁ ଏହାକୁ କେହି ସମର୍ଥନ ଦେଇ ନ ଥିଲେ, କିନ୍ତୁ ଦୁଇ ତିନି ବର୍ଷ ପରେ ଡିନିଲ ଏଥିରୁ ସଫଳତା ପାଇଲେ। ୪ ମିଟର ଚଉଡ଼ା, ୪ ମିଟର ଲମ୍ବ ଓ ୨.୫ ମିଟର ଗଭୀରର ଗୋଟିଏ ଜାଲିରେ ମାଛଚାଷ କରି ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଛ ଉତ୍ପାଦନ କରୁଛନ୍ତି। ସେ ମଧ୍ୟ ଚାଷୀମାନଙ୍କୁ ଶସ୍ତାରେ ଯାଆଁଳ ଯୋଗାଇ ଦେଉଛନ୍ତି ଏବଂ ଚାଷ ପାଇଁ ଆବଶ୍ୟକ ଭିତ୍ତିଭୂମି ଲାଗି ମଧ୍ୟ ସହାୟତା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଡିନିଲ କୃଷକମାନଙ୍କ ଆୟ ବୃଦ୍ଧି କରିବା ସହ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଫଳ ଦୋକାନୀଙ୍କ ପ୍ରତି ସାବଧାନ

ମହାଶୟ,

ଫଳ ଦୋକାନୀମାନେ ସାଧାରଣତଃ କଳା ପଲିଥିନ୍ ପ୍ୟାକେଟ୍‌ରେ ଫଳ ଓଜନକରି ଦିଅନ୍ତି। ଆପଣ ଯେଉଁ ଫଳ ବାଛିକରି ଦିଅନ୍ତି ସେମାନେ ତାହାକୁ ପଲିଥିନରେ ପୂରାଇ ଓଜନକରି ଆପଣଙ୍କୁ ଦେଇଦିଅନ୍ତି ଏବଂ ସେମାନଙ୍କ ପ୍ରାପ୍ୟ ନେଇଯାନ୍ତି। କିନ୍ତୁ ଆପଣ ଜାଣନ୍ତି କି ଓଜନ ପୂର୍ବରୁ ସେ ପଲିଥିନ୍‌ରେ କେତେ ପଚାଫଳ ଚତୁରତାର ସହ ରଖିଦେଇଥାନ୍ତି। ଆପଣ ତାକୁ ଘରକୁ ନେଇ ଆସିବା ପରେ ସେମାନଙ୍କ ବିଶ୍ୱାସଘାତକତାର କଥାକୁ ବେଶ୍ ଉପଲବ୍ଧି କରିପାରିବେ। ଅବଶ୍ୟ ସବୁ ବ୍ୟବସାୟୀ ସେଭଳି କରନ୍ତି ନାହିଁ। କେତେଜଣ ଅସାଧୁ ବ୍ୟବସାୟୀ ଗ୍ରାହକଙ୍କୁ ଏଭଳି ଠକିଥାନ୍ତି। ତେଣୁ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଦର୍ଶ ଯାହାର ମହା
ସାମ୍ୟ-ନୀତି ନାହିଁ ଭେଦଜ୍ଞାନ,
ମାନବ-ଶିଶୁର ଯହିଁ ନାହିଁ
ଜାତି ଦ୍ୱେଷ ଅପମାନ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ


# ହାତୀବେଶରେ ଦର୍ଶନ ଦେଲେ ଦାରୁଦିଅଁ

## ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

**ପୁରୀ,୧୧।୬(ଅଜିତ କୁମାର ମହାନ୍ତି)**

ପବିତ୍ର ସ୍ନାନଯାତ୍ରା ସହ ରଥଯାତ୍ରାର ଆଦ୍ୟପର୍ବ ଆରମ୍ଭ ହୋଇଛି। ବୁଧବାର ସ୍ନାନପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ସ୍ନାନମଣ୍ଡପରେ ଦାରୁଦିଅଁଙ୍କ ସ୍ନାନଯାତ୍ରା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହିତ ଚକ୍ରରାଜ ସୁଦର୍ଶନ ସ୍ନାନମଣ୍ଡପରେ ପାରମ୍ପରିକ ରୀତିରେ ଅଭିମନ୍ତ୍ରିତ ୧୦୮ ଗଡ଼ୁ ଜଳରେ ଦିବ୍ୟସ୍ନାନ କରିଛନ୍ତି। ଏହାପରେ ମହାପ୍ରଭୁ ଦୁର୍ଲଭ ଗଜାନନ ବା ହାତୀବେଶରେ ଦର୍ଶନ ଦେଇଛନ୍ତି। ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ବଡ଼ଦାଣ୍ଡରେ ସମାଗମ ହୋଇଥିବା ଲକ୍ଷାଧିକ ଭକ୍ତ ବିଶ୍ୱନିୟନ୍ତାଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିବାବେଳେ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ମୁଖରିତ ହୋଇଉଠିଥିଲା।

ସ୍ନାନପୂର୍ଣ୍ଣିମା ଅବସରରେ ରତ୍ନବେଦି ଛାଡ଼ି ସ୍ନାନମଣ୍ଡପକୁ ଓହ୍ଲାଇ ଆସିଛନ୍ତି ଦାରୁବିଗ୍ରହ। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ପ୍ରାୟ ୧ଘଣ୍ଟା ବିଳମ୍ବରେ ନୀତି ଆରମ୍ଭ ହୋଇଥିଲା। ଭୋର ୫ଟା ୩୦ରେ ମଙ୍ଗଳାର୍ପଣ, ୫ଟା ୩୫ରେ ଡୋରଲାଗି, ପୁଷ୍ପାଞ୍ଜଳି ହୋଇ ୫ଟା ୪୫ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ସ୍ନାନମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ପରେ ମଦନମୋହନ ସ୍ନାନମଣ୍ଡପକୁ ବିଜେ କରିଥିଲେ। ମଙ୍ଗଳ ଆଳତି ୯ଟା ୩୦, ମଇଲମ୍ ୯ଟା ୩୫, ତଡ଼ପଲାଗି ୯ଟା ୫୦, ଅଧର ପୋଛା ୧୦ଟା ୨୦, ଅବକାଶ ଶେଷ ୧୦ଟା ୨୫, ମଇଲମ ୧୦ଟା ୫୫ରେ ହୋଇ ୧୧ଟା ୨୫ରେ ବେଶ ଶେଷ ହୋଇଥିଲା। ସୂର୍ଯ୍ୟ ପୂଜା ୧୧ଟା ୩୦, ଦ୍ୱାରପାଳ ପୂଜା ୧୧ଟା ୪୫ରେ ସାରି ସ୍ନାନବେଦିରେ ୧ଟାରେ ଜଳ ବିଜେ ହୋଇଥିଲା। ୧୧ଟା ୫୦ରେ ଜଳଲାଗି ହୋଇ ଅପରାହ୍ନ ୧ଟା ୧୦ରେ ସରିଥିଲା। ଶ୍ରୀଜଗନ୍ନାଥଙ୍କୁ ୩୫, ଶ୍ରୀବଳଭଦ୍ରଙ୍କୁ ୩୩, ଦେବୀ ସୁଭଦ୍ରାଙ୍କୁ ୨୨ ଏବଂ ସୁଦର୍ଶନଙ୍କୁ ୧୮ ଗରା ଜଳରେ ସ୍ନାନ କରାଯାଇଥିଲା। ସ୍ନାନନୀତି ସରିବା ପରେ ଅପରାହ୍ନ ୪ଟାରେ ଗଜପତି ମହାରାଜା ଛେରାପହଁରା କରିଥିଲେ। ୪ଟା ୪୦ରେ ଛେରାପହଁରା ସରିଥିଲା। ଏହାପରେ ମହାପ୍ରଭୁଙ୍କୁ ହାତୀବେଶରେ ସଜ୍ଜିତ କରାଯାଇଥିଲା। ହାତୀ ବେଶ ୪ଟା ୪୫ରୁ ଆରମ୍ଭ ହୋଇ ୫ଟା ୪୫ରେ ସମ୍ପୂର୍ଣ୍ଣ ହୋଇଥିଲା। ପରେ ଧୂପ ଭୋଗ ହୋଇଥିଲା। ଭକ୍ତମାନେ ଶ୍ରୀବିଗ୍ରହମାନଙ୍କ ଦୁର୍ଲଭ ହାତୀବେଶ ଦର୍ଶନ କରି ନିଜକୁ ଧନ୍ୟ ମଣିଥିଲେ। ଏହି ସମୟରେ ବଡ଼ଦାଣ୍ଡରେ କିଏ ହନୁମାନ ବେଶରେ ତ ଆଉ କିଏ ଓଡ଼ିଶୀ ନୃତ୍ୟ କରି ଭକ୍ତିଭାବରେ ତଲ୍ଲୀନ ହୋଇପଡୁଥିବା ଦେଖିବାକୁ ମିଳିଥିଲା। ଶ୍ରୀବିଗ୍ରହମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତଙ୍କୁ ସ୍ନାନବେଦିରେ ଦର୍ଶନ ଦେବା ପରେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ସମସ୍ତ ନୀତି ଶେଷ ହେବା ପରେ ଘଣ୍ଟ, ଛତା ଓ କାହାଳୀ ସହ ଶ୍ରୀମନ୍ଦିରକୁ ପଟିଦିଅଁ ବିଜେ କରିଥିଲେ। ଅନ୍ୟପକ୍ଷରେ ଗୁରୁବାରଠାରୁ ୧୫ ଦିନ ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହେବେ। ଏହି ସମୟରେ ଭକ୍ତମାନେ ଦାରୁବିଗ୍ରହଙ୍କ ପଟିଦିଅଁ ଦର୍ଶନ କରି କୃତାର୍ଥ ଲାଭ କରିବେ। ସେହିପରି ଏହି ସମୟରେ ପୁରୀର ବ୍ରହ୍ମଗିରିସ୍ଥିତ ଅଲାରନାଥ ଦେବଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ଅଲାରନାଥଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।



ସ୍ନାନ ପରେ ଦାରୁଦିଅଁଙ୍କ ହାତୀ ବେଶ।

- ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ନୀତି
- ଆଜିଠୁ ୧୫ ଦିନ ଯାଏ ପୂଜା ପାଇବେ ପଟିଦିଅଁ

## ଆଜିଠୁ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା

**ପୁରୀ,୧୧।୬(ଅଜିତ୍ କୁମାର ମହାନ୍ତି)**

ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାବିଗ୍ରହ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଗୁରୁବାରଠାରୁ ଅଣସର ଗୁପ୍ତନୀତି ଆରମ୍ଭ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଅନ୍ଧାରୀ କୋଠରୀ ଭିତରେ ଶ୍ରୀବିଗ୍ରହମାନଙ୍କ ଗୁପ୍ତ ସେବା ଆରମ୍ଭ କରିବେ। ଅପରପକ୍ଷରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଗୁରୁବାରଠାରୁ ଶ୍ରୀମନ୍ଦିରରେ ଦଶାବତାର ଠାକୁର ଏବଂ ପଟିଦିଅଁଙ୍କ ପୂଜା ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ସରିଛି। ଅଣସର ସମୟରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ ପଟିଦିଅଁ ଭାବେ ପୂଜା ପାଇବେ।







# ମୃତଦେହକୁ ଛୁଇଁଲେନି ପରିବାର ଲୋକେ

## ଅନ୍ତିମ ସଂସ୍କାର କଲେ ସରପଞ୍ଚ, ଖବରଦାତା, ପୋଲିସ

ପାଲଲହଡ଼ା,୧୧।୬ (ଦିବ୍ୟଜ୍ୟୋତି ଦାଶ)

ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ପ୍ରାଣ ହରାଇଥିଲେ ସ୍ତ୍ରୀ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହେବା ପରେ ଗାଁରେ ପହଞ୍ଚିଥିଲା ମୃତଦେହ। ହେଲେ ମୃତଦେହ ନେଇ ସଂସ୍କାର କରିବାକୁ ଆଗେଇ ଆସି ନ ଥିଲା ପରିବାର। ସାହି ଭାଇମାନେ ମଧ୍ୟ କଲେନି ସହଯୋଗ। ଶେଷରେ ସରପଞ୍ଚ, ଖବରଦାତା, ପୋଲିସ ପ୍ରମୁଖ ଜେସିବିରେ ଗାତ ଖୋଳି ମୃତଦେହ ପୋତି ଦେଇଥିଲେ। ଅନୁଗୋଳ ଜିଲା ପାଲଲହଡ଼ା ଥାନା ପେଚାମୁଣ୍ଡି ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ବୁଧବାର ଦେଖିବାକୁ ମିଳିଥିବା ଏପରି ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।


ଜେସିବିରେ ଗାତ ଖୋଳାଯାଇ ମୃତଦେହ ପୋତାଯାଉଛି।

ସୂଚନା ଅନୁଯାୟୀ, ଗତ ୫ ତାରିଖରେ ସାମାନ୍ୟ ବଚସାରୁ ଶ୍ୟାମସୁନ୍ଦରପୁର ଗ୍ରାମର ସିଦ୍ଧୁ ମୁଣ୍ଡା ଏକ ଟାଙ୍ଗିଆରେ ସ୍ତ୍ରୀ ଗୀତା ମୁଣ୍ଡାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଗୀତା କଟକରେ ଚିକିତ୍ସାଧୀନ ଥିବାବେଳେ ୧୦ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ବୁଧବାର ତାଙ୍କ ମୃତଦେହ ଶ୍ୟାମସୁନ୍ଦରପୁର ଗାଁରେ ପହଞ୍ଚିଥିଲା। ହେଲେ ବ୍ୟବଚ୍ଛେଦ ହୋଇଥିବାରୁ ସାମାଜିକ କଟକଣା ଭୟରେ ମୃତଦେହ ସତ୍କାର ପାଇଁ ପରିବାର କି ସାହିଭାଇ କେହି ଆଗକୁ ଆସି ନ ଥିଲେ। ସ୍ୱାମୀ ସିଦ୍ଧୁ ଫେରାର ଥିବାବେଳେ ପଡ଼ୋଶୀ ମଧ୍ୟ ପଛଘୁଞ୍ଚା ଦେଇଥିଲେ। ଦୀର୍ଘ ୮ ଘଣ୍ଟାରୁ ଅଧିକ ସମୟ ଧରି ମୃତଦେହ ପଡ଼ିରହିବା ପରେ ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାଲଲହଡା ଉପଖଣ୍ଡ ପୋଲିସ ଅଧିକାରୀ କୈଳାଶ ଚନ୍ଦ୍ର ସେଠୀ ଏବଂ ଥାନାଧିକାରୀ ପ୍ରଦୀପ ମହାନ୍ତ ଓ ଉପଖଣ୍ଡସ୍ତରୀୟ କାର୍ଯ୍ୟରତ ସାମ୍ବାଦିକ ସଂଘର ସଦସ୍ୟମାନେ ଜେସିବି ସାହାଯ୍ୟରେ ଗାତ ଖୋଳି ମୃତଦେହ ପୋତି ଦେଇଥିଲେ। ଏ ସମ୍ପର୍କରେ ସରପଞ୍ଚ କହିଛନ୍ତି, ପ୍ରଶାସନ ସହାୟତାରେ ମୃତଦେହ ଗାଁକୁ ଆସିଥିଲା। କିନ୍ତୁ ପରିବାର ଲୋକେ ଶବ ସତ୍କାର କରି ନ ଥିଲେ। ତେଣୁ ପଞ୍ଚାୟତ, ପୋଲିସ ପ୍ରଶାସନ, ଖବରଦାତା ବନ୍ଧୁ ଏବଂ ଗ୍ରାମର କେତେଜଣଙ୍କ ସହାୟତାରେ ସତ୍କାର କରାଗଲା। ସରକାରୀ ନୀତିନିୟମ ଅନୁସାରେ ତାଙ୍କ ପରିବାରକୁ ସମସ୍ତ ସହାୟତା ପ୍ରଦାନ କରାଯିବ।

# ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ



ଅନୁଗୋଳ,୧୧।୬(ମାନସ ବିଶ୍ୱାଳ)

ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ଶିମିଳିପଡ଼ା ରାଜ ହୋଟେଲ ଛକ ନିକଟରେ ବୁଧବାର ଏକ ବସ୍ ଧକ୍କାରେ ବାଇକ୍ ଆରୋହୀ ହିନ୍ଦୋଳ ପାଟଲା ଗ୍ରାମର ଶିବରାମ ସାହୁଙ୍କ ମୃତ୍ୟୁ ହୋଇଛି। ଶିବରାମ ଏଫସିଆଇ ଗୋଦାମ ନିକଟରେ ଏକ ଡାଇନାମା ଦୋକାନ କରିଥିଲେ। ଅପରାହ୍ଣ ୫ଟାରେ ସେ କୌଣସି କାର୍ଯ୍ୟରେ ଆସି ଶିମିଳିପଡ଼ାରୁ ଫେରୁଥିବା ବେଳେ ପଛରୁ ଆସୁଥିବା କାଞ୍ଚନ ନାମକ ବସ୍ (ନଂ. ଓଡି ୧୯ ଡବ୍ଲ୍ୟୁ-୪୩୩୫) ବାଇକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରାଯାଇଥିଲା। ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଖବରପାଇ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଏଥିସହିତ ମୃତକଙ୍କ ପରିବାରକୁ ବିଧାୟକଙ୍କ ପକ୍ଷରୁ ୨୦ ହଜାର ଟଙ୍କା, ବସ୍ ଆସୋସିଏଶନ ପକ୍ଷରୁ ୪୦ ହଜାର ଟଙ୍କା, ଟ୍ରକ୍ ଆସୋସିଏଶନ ପକ୍ଷରୁ ୩୦ ହଜାର ଟଙ୍କା, ରେଡ୍‌କ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟ କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବା ସହ ଦୁର୍ଘଟଣା ଘଟାଇଥିବା ବସ୍ ଏବଂ ଚାଳକଙ୍କୁ ଅଟକ ରଖିଛି।

# ଗାଁ ଭୋଜିରେ ମାରପିଟ ; ୪ଆହତ, ୪ଗିରଫ

ବନ୍ତଳା,୧୧।୬ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ଥାନା ବାରଗୌଣିଆ ପଞ୍ଚାୟତ ବନ୍ଦାଣପଶି ଗାଁରେ ୨ଟି ଭୋଜି ଚାଲୁଥିଲାବେଳେ, କମେଣ୍ଟମରାକୁ ନେଇ ମଙ୍ଗଳବାର ଉଭୟ ପକ୍ଷରୁ ଦଳବଦ୍ଧ ମାରପିଟ ହୋଇଥିଲେ। ଏଥିରେ ଏକ ମୋଟର ସାଇକେଲ୍ ପୋଡିବା ସହ ୪ ଜଣ ଆହତ ହୋଇ ପ୍ରଥମେ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଧିକ ଚିକିତ୍ସା ପାଇଁ ପରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଘଟଣାରେ ଉଭୟ ପକ୍ଷରୁ ବନ୍ତଳା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ବନ୍ତଳା ଥାନା ଅଧିକାରୀ ନଟବର ନନ୍ଦ ତନାଘନା ଜାରି ରଖିଥିଲାବେଳେ ବୁଧବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ବେଳେ ଜଣକୁ ଅଟକ ରଖିଛନ୍ତି। ଗିରଫ ବ୍ୟକ୍ତି ହେଲେ ଗୋଲେଖ ସାହୁ (୬୦), ଚନ୍ଦନ ସାହୁ (୨୫), ବିରଞ୍ଚି ସାହୁ (୪୫) ଓ ମୁଖ୍ୟ ଅଭିଯୁକ୍ତ ଶ୍ରୀତମ ସାହୁ (୩୨)ଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି।

# ହାତୀ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

ବଇଣ୍ଡା,୧୧।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ସଦାନନ୍ଦପୁର ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗିରହିଛି। ନିକଟସ୍ଥ ଜଙ୍ଗଲରୁ ହାତୀ ଗ୍ରାମାଭିମୁଖୀ ହୋଇ ଫସଲ ନଷ୍ଟ କରୁଛନ୍ତି। ଗ୍ରାମର ବୃନ୍ଦାବନ ବିଶ୍ୱାଳ, ବ୍ରଜବନ୍ଧୁ ବିଶ୍ୱାଳ, ଜଗନ୍ନାଥ ବିଶ୍ୱାଳ, ରଞ୍ଜନ ବିଶ୍ୱାଳ, ପଞ୍ଚାନନ ବିଶ୍ୱାଳ, ରବିନାରାୟଣ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ଅଭୟ ବିଶ୍ୱାଳ, ପ୍ରବୀଣ ବିଶ୍ୱାଳଙ୍କ ବହୁ ଆମ୍ବଗଛ ଭାଙ୍ଗି ଦେଇଛନ୍ତି। ଏ ନେଇ ଧଣ୍ଡତୋପା ବନ ବିଭାଗକୁ ସୂଚନା ଦିଆଯାଇଥିଲେ ମଧ୍ୟ ହାତୀ ଘଉଡା ଯାଉନାହିଁ। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ବିଧାୟକଙ୍କ ଦ୍ୱାରା ନୂତନ ପମ୍ପ ହାଉସ୍ ଉଦ୍‌ଘାଟିତ




ବଅଁରପାଳ,୧୧।୬(ସୁବାସ ଚନ୍ଦ୍ର ସାହୁ)

ବଅଁରପାଳ ବ୍ଲକ ଅନ୍ତର୍ଗତ କୁଲାଡ ଗ୍ରାମ ପଞ୍ଚାୟତରେ ନୂତନ ପମ୍ପ ହାଉସ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସୂଚନା ଅନୁଯାୟୀ, କୁଲାଡ ଗ୍ରାମପଞ୍ଚାୟତ ଅଧୀନରେ ୫୨୭ ଲୋକଙ୍କ ପାଇଁ ଆଗାମୀ ୩୦ ବର୍ଷକୁ ଦୃଷ୍ଟିରେ ରଖି ୭୬୯୫ ଲକ୍ଷ ଲିଟରର ୨ଟି ଓଭର ହେଡ୍ ପାଣି ଟାଙ୍କି ଓ ୩ ଲକ୍ଷ ଲିଟରର ଗ୍ରାଉଣ୍ଡ ଟାଙ୍କି ଓ ପମ୍ପ ଗୃହ ନିର୍ମାଣ କରାଯାଇଛି। କୁଲାଡ ଗ୍ରାମପଞ୍ଚାୟତର ୯୯୩ ଘରକୁ ଦୈନିକ ୫ଲକ୍ଷ ୩୮ହଜାର ୬୮୦ଲିଟରର ପାଣି ଆବଶ୍ୟକ ରହିଛି ବୋଲି ସହକାରୀ ଯନ୍ତ୍ରୀ ବିପ୍ଳବ କୁମାର ହୋତା ସୂଚନା ଦେଇଛନ୍ତି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ କରକମଳରେ ଏହା ଉଦ୍‌ଘାଟିତ ହୋଇଥିଲା। ସମସ୍ତ ଘରେ କେମିତି ପାଣି ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ବିଧାୟକ ପ୍ରଧାନ। କୁଲାଡ ଟ୍ରକ୍ ମାଲିକ ସଂଘ ସଭାପତି ରଞ୍ଜନ ଜେନା, ଜିଲା ପରିଷଦ ସଭ୍ୟା ମୀରା ଗଡନାୟକ, ସହକାରୀ ଯନ୍ତ୍ରୀ ବିପ୍ଳବ କୁମାର ହୋତା, ଅଧିକରଣ ଯନ୍ତ୍ରୀ ସୌରଭ ଦିକ୍ଷୀତ ଓ ଗ୍ରାମ ସରପଞ୍ଚ ଉଷାରାଣୀ ସ୍ୱାଇଁଙ୍କ ସହ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ଭାଜପାର ସାଙ୍ଗଠନିକ ବୈଠକ, କର୍ମକର୍ତ୍ତା ଚୟନ

ଛେଣ୍ଡିପଦା,୧୧।୬(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବରସାହି ପଞ୍ଚାୟତରେ ଭାଜପାର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଗଡିଆ ମଣ୍ଡଳ ସଭାପତି ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ସରକାରଙ୍କ ଦ୍ୱାରା ପୂରଣ କରାଯାଇଥିବା ପ୍ରତିଶ୍ରୁତିଗୁଡିକ ଜନସାଧାରଣଙ୍କ ନିକଟରେ କିପରି ପହଞ୍ଚି ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥି ସହିତ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଯୋଗଦେଇଥିବା ଭାଜପା କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ବରସାହି ପଞ୍ଚାୟତ ସଭାପତି ଭାବେ ଅଜୟ କୁମାର ବେହେରା ଓ ଉପ ସଭାପତି ଭାବେ ବିପିନ ନାଥଙ୍କୁ ଚୟନ କରାଯାଇଥିଲା। ଏହି ଅବସରରେ ଭାଜପାରେ ଯୋଗଦେଇଥିବା ପ୍ରାଣବନ୍ଧୁ ଗଡ଼ନାୟକ, ବସନ୍ତ ସାହୁ, ଚିନୁ ବେହେରା, ଦୀପୁ ମାଝୀଙ୍କୁ ଉତ୍ତରୀୟଦେଇ ଦଳକୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ପାତ୍ରପଡା ସମିତି ସଭ୍ୟ ଦୀପକ କୁମାର ସାହୁ, ପୂର୍ବତନ ପଞ୍ଚାୟତ ସଭାପତି ଇନ୍ଦ୍ରମଣି ସାହୁ, ଭରତ ଗଡ଼ନାୟକ, ଶ୍ରବଣ ଗଡ଼ନାୟକ, ଧର୍ମେନ୍ଦ୍ର ବେହେରା, ବୀରବର ବେହେରା, ପ୍ରକାଶ ଚନ୍ଦ୍ର ମାଝୀ, ମନୋରଞ୍ଜନ ଆଚାର୍ଯ୍ୟ, ରାଜୀବ ସାହୁ, ଲକ୍ଷ୍ମଣ ସାହୁ, ଜିତେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗଦେଇଥିଲେ ।


ଭାଜପାରେ ଯୋଗ ଦେଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# କାର୍ଯ୍ୟକ୍ଷମ ହେଉନି ଛାତ୍ରୀ ନିବାସ, ବଢୁଛି ଅସନ୍ତୋଷ

ବଇଣ୍ଡା,୧୧।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ବନମାଳୀପୁରଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ନିର୍ମାଣ ହୋଇଥିବା ଛାତ୍ରୀ ନିବାସ ଉଦ୍‌ଘାଟନ ହୋଇ ସାରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁଲାଇ ୨୦୨୪ରେ ଏହା ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କାର୍ଯ୍ୟକ୍ଷମ ପାଇଁ ଉଦ୍ୟମ କରାଯାଉ ନ ଥିବାରୁ ଛାତ୍ରୀମାନେ ରହିପାରୁ ନାହାନ୍ତି। ଏ ନେଇ ବନମାଳୀପୁର ଗ୍ରାମବାସୀ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏହି ଛାତ୍ରୀ ନିବାସଟି ୨ କୋଟି ୧୦ ଲକ୍ଷ ଟଙ୍କାରେ ନିର୍ମିତ ହୋଇଛି। ହେଲେ ଉଦ୍‌ଘାଟନର ବହୁ ଦିନ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଫଳରେ ଦୂର ଦୂରାନ୍ତରୁ ପଢିବାକୁ ଆସୁଥିବା ଛାତ୍ରୀମାନେ ରହିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀମାନେ ବାହାର ଅଞ୍ଚଳରେ ଥିବା ବେସରକାରୀ ଛାତ୍ରୀ ନିବାସରେ ରହୁଛନ୍ତି। ଫଳରେ ଗରିବ ଶ୍ରେଣୀର ଛାତ୍ରୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ବିଭାଗ ପକ୍ଷରୁ ପଦକ୍ଷେପ ନିଆ ଯାଉ ନଥିବା ଯୋଗୁ କାର୍ଯକ୍ଷମ ହୋଇ ପାରୁ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ବିସି କହିଛନ୍ତି, ଆଉ କିଛି ମାସ ପରେ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ କରାଯିବା ପାଇଁ ବିଭାଗ ପକ୍ଷରୁ କୁହାଯାଉଥିବା ଜଣାପଡିଛି।



# ଅଧିକ ରକ୍ତଦାନ ଶିବିର ଆୟୋଜନ ସମ୍ପର୍କରେ ଆଲୋଚନା

ଆଠମଲ୍ଲିକ,୧୧।୬(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାସ୍ଥିତ ରକ୍ତଦାନ କେନ୍ଦ୍ର ସଚେତନତା କମିଟିର ଏକ ବୈଠକ ମଙ୍ଗଳବାର ଡାକ୍ତରଖାନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଅଧିକାରୀ ଡା. ଅନୀଲ କୁମାର ଦେ ବୈଠକର ଆଭିମୁଖ୍ୟ ଜଣାଇଥିଲେ। ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷ ଡା. ଅଶୋକ କୁମାର ମଲ୍ଲିକ ଉପସ୍ଥିତ ରହି ରକ୍ତଦାନ କେନ୍ଦ୍ରର ଉନ୍ନତି ତଥା ପରିଚାଳନା ଉପରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଅଧିକ ସଂଖ୍ୟାରେ ରକ୍ତ ସଂଗ୍ରହ କରିବା ପାଇଁ ପରାମର୍ଶ ଦେଇଥିଲେ। ଆସନ୍ତା ୧୪ ତାରିଖରେ ବିଶ୍ୱ ରକ୍ତଦାତା ଦିବସ ପାଳନ ସହ ସମସ୍ତ ସ୍ୱେଚ୍ଛାସେବୀ ରକ୍ତଦାତା ସଂଘମାନଙ୍କୁ ସାମିଲ କରିବା ପାଇଁ କମିଟି ସଭ୍ୟମାନେ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଦସ୍ୟା ରଶ୍ମିରେଖା ମାହାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ବହୁଳ ମାତ୍ରାରେ ରକ୍ତଦାନ ଶିବିର କରିବା ପାଇଁ ପରାମର୍ଶ ଦେଇଥିଲେ। କମିଟି ସଭ୍ୟ ପ୍ରବର୍ତ୍ତକ ରାଧାମୋହନ ତ୍ରିପାଠୀ, ସ୍ୱେଚ୍ଛାସେବୀ ସଙ୍ଗଠନ ସମାଧାନର ସମ୍ପାଦକ ବିନୟ କୁମାର ପଟ୍ଟନାୟକ, ରକ୍ତଦାତା ସଂଘ ସଭାପତି ଶତ୍ରୁଘ୍ନ ସାହୁ, ସ୍ୱେଚ୍ଛାସେବୀ ତପନ କୁମାର ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ରକ୍ତଦାନ କେନ୍ଦ୍ର କର୍ମଚାରୀ ରବୀନ୍ଦ୍ର ନାଥ ମହାନ୍ତ, ନର୍ସିଙ୍ଗ ଅଫିସର ସ୍ନିଗ୍ଧାରାଣୀ ସିଂ, କର୍ମଚାରୀ ମୁକେଶ ଦେହୁରୀ ଏବଂ ରାକେଶ କୁମାର ଦତ୍ତ ସହଯୋଗ କରିଥିଲେ। ଆସନ୍ତା ୧୪ ତାରିଖ ବିଶ୍ୱ ରକ୍ତଦାତା ଦିବସରେ ଏକ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।


ରକ୍ତ ସଂଗ୍ରହ ସମ୍ପର୍କରେ ଆଲୋଚନା କରାଯାଉଛି।

# ଭାଜପାରେ ଯୋଗଦେଲେ ସରପଞ୍ଚ, ସମିତି ସଭ୍ୟା

ବନ୍ତଳା,୧୧।୬(ସୁଶିତ ସାହୁ)

ଅନୁଗୋଳ ବ୍ଲକ ଶଙ୍ଖପୁର ପଞ୍ଚାୟତ ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରୀ ଓ ତାଙ୍କ ସ୍ୱାମୀ ଦେବଦତ୍ତ ଦେହୁରୀ, କୁମୁରିସିଂହା ପଞ୍ଚାୟତ ସମିତି ସଭ୍ୟା ଝରଣା ପ୍ରଧାନ ଓ ତାଙ୍କ ସ୍ୱାମୀ ରଣଜିତ୍ ଭୋଇ ବିଜୁ ଜନତା ଦଳ ତ୍ୟାଗକରି ଭାରତୀୟ ଜନତା ଦଳରେ ଯୋଗଦାନ କରିଛନ୍ତି। ବୁଧବାର ଅନୁଗୋଳ ମିଶ୍ରପଡ଼ା ସ୍ଥିତ ଭାଜପା କାର୍ଯ୍ୟାଳୟରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ଜିଲା ସଭାପତି ଯଯାତି ପଟ୍ଟନାୟକ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ଦ୍ୱାରା ତୃଣମୂଳସ୍ତରରେ ଦଳ ଅଧିକ ସଙ୍ଗଠିତ ହୋଇପାରିବ ବୋଲି ଭାଜପା ଜିଲା ସଭାପତି ପ୍ରକାଶ କରିଛନ୍ତି।



# ବିକଶିତ କୃଷି ସଂକଳ୍ପ ଅଭିଯାନ କର୍ମଶାଳା

ପାଲଲହଡା,୧୧।୬(ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ବ୍ଲକ ଈଶ୍ୱରନଗର ପଞ୍ଚାୟତର ଟମ୍ପର ଗାଁ ଖେଳପଡ଼ିଆଠାରେ କୃଷି ବିଭାଗ ପକ୍ଷରୁ ମଙ୍ଗଳବାର ବିକଶିତ କୃଷି ସଂକଳ୍ପ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ହୃଦାନନ୍ଦ ସାହୁ, ଭୁବନେଶ୍ୱର କେନ୍ଦ୍ରୀୟ କୃଷି ଉଦ୍ୟାନ ବିଭାଗର ବୈଜ୍ଞାନିକ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିର୍ଜକ କୁମାର ସାମନ୍ତ, ଅନୁଗୋଳ କୃଷି ସମ୍ପ୍ରସାରଣ ବିଜ୍ଞାନ କେନ୍ଦ୍ରର ବିଷୟ ବସ୍ତୁ ବିଶେଷଜ୍ଞ ସୁନିତା ରାଣୀ ସେଠୀ, ପାଲଲହଡ଼ା କୃଷି ବିଭାଗ ସହକାରୀ କୃଷି ଅଧିକାରୀ ମାନସୀ ମୋନାଲିସା ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ରିତୁରାଣୀ ସିଠ ଓ ଗ୍ରାମ୍ୟ କୃଷି କର୍ମଚାରୀ ଅମ୍ରିତା ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିବାବେଳେ ଡା. ଗୋବିନ୍ଦ ଚାଷକାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହାଛଡ଼ା ଗାଁ ଗହଳିରେ ରହିଥିବା ଚାଷୀ କିପରି ଉନ୍ନତ ମାନର ଚାଷକାର୍ଯ୍ୟ କରି ରୋଜଗାରକ୍ଷମ ହୋଇପାରିବେ ସେ ବିଷୟରେ ଦିଗଦର୍ଶନ ଦିଆଯାଇଥିଲା। ଶେଷରେ ପଞ୍ଚାୟତ କାର୍ଯ୍ୟାଳୟରୁ କୃଷି ରଥ ପଞ୍ଚାୟତ ପରିକ୍ରମା କରି କୃଷି ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଚାର କରିଥିଲା।



# ଭୀମ ଭୋଇଙ୍କ ଜୟନ୍ତୀ, ବିର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ

ବଅଁରପାଳ,୧୧।୬(ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗରରେ ଭୀମ ଭୋଇଙ୍କ ଜୟନ୍ତୀ ଓ ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ନାଲ୍‌କୋନଗରସ୍ଥ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି କେଦାର ନାଥ ଦେହୁରୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏଜିଏମ୍(ପିଆର୍) ତଥା ନାଲ୍‌କୋ ଅନୁସୂଚିତ ଜାତି/ଜନଜାତି କର୍ମଚାରୀ ସଂଯୋଗୀ ଅଧିକାରୀ ସମୀର ଶୀତଳ ମାଝୀ, ସମ୍ମାନିତ ଅତିଥି ଭାବେ ସ୍ମେଲ୍ଟର ପ୍ଲାଣ୍ଟର ସିନିୟର ମ୍ୟାନେଜର ସୁକାନ୍ତ ସେଠୀ, ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜର ସହାୟକ ପ୍ରଫେସର ଡା. ମନୋଜ କୁମାର ଦେହୁରୀ, ମା ଭଗବତୀ କଲେଜ(କୋଣାର୍କ)ଜୀବ ବିଜ୍ଞାନ ବିଭାଗର ଅଧ୍ୟାପିକା ଦମୟନ୍ତୀ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ କୃଷ୍ଣ ସିଂ ଉପସ୍ଥିତ ଥିଲେ। ସୁଧୀର କୁମାର ବେହେରାଙ୍କ ପୁତ୍ର ସ୍ନେହାଂ ସୁସ୍ମିତପ୍ରଜ୍ଞ ନାଲ୍‌କୋନଗର ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱାଦଶ(ବିଜ୍ଞାନ)ଛାତ୍ର ତଥା ଚଳିତ ବର୍ଷ ଜେଇଇ ମେନ୍ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ସାଙ୍ଗଠନିକ ସମ୍ପାଦକ ତ୍ରୈଲୋକ୍ୟ କୁମାର ନାୟକ, ରାଜେନ୍ଦ୍ର କୁମାର ନାଏକ, ଯୁଗ୍ମ ସମ୍ପାଦକ ବାସିଲ ଏକ୍କା, ରବୀନ୍ଦ୍ରନାଥ ନାଏକ, ସହ କୋଷାଧ୍ୟକ୍ଷ ଆଲୋକ କୁମାର ମାଝୀ, ନୀଳମାଧବ ବେହେରା, ଦେବେନ୍ଦ୍ର ଓରାମ, ସୁରେନ୍ଦ୍ର ନାଥ ଅମଙ୍ଗ, ଗୋପାଳ ମଲ୍ଲିକ, କୈଳାସ ଚନ୍ଦ୍ର ସିଅଳ, ପାର୍ଥସାରଥି ନାୟକ, ଯଦୁନାଥ ପ୍ରଧାନ, ବନବିହାରୀ ନାଏକ, ଚନ୍ଦ୍ରମୋହନ ମୁଣ୍ଡରୀ, ଉପେନ୍ଦ୍ର ବେହେରା, ରାମଧନ ହେମ୍ବ୍ରମ୍, ରବୀନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ଅକ୍ଷୟ କୁମାର ବଡ୍ରା ଧନ୍ୟବାଦ ଅର୍ପଣ କରିଥିଲେ।





‘ଶ୍ରୀଜଗନ୍ନାଥଙ୍କ ନବକଳେବର’ ଫିଲ୍ମରେ ସୂର୍ଯ୍ୟମୟୀ, ସାହେବ, ଅଂଶୁମାନ

# ଅପେକ୍ଷା ବାହୁଡ଼ାକୁ

ବହୁ ପ୍ରତୀକ୍ଷିତ ବିଗ୍ ବଜେଟ ଓଡ଼ିଆ ସିନେମା ‘ଶ୍ରୀଜଗନ୍ନାଥଙ୍କ ନବକଳେବର’ ଏଥର ବାହୁଡା ଅର୍ଥାତ୍ ଜୁଲାଇ ୪ରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ବିନି ସାମଲ ଏହି ସିନେମାରୁ ବଡ ପରଦାରେ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି। ଏହାର ଅନ୍ୟତମ ପ୍ରଯୋଜକ ଅଛନ୍ତି ଦିଲୀପ କୁମାର ଜେନା। ଏଥିରେ ସିଦ୍ଧାନ୍ତ ମହାପାତ୍ର, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ ଦାସ, ଅଂଶୁମାନ, ପିଙ୍କି ପ୍ରଧାନ, କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ଶଙ୍କର, ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ, ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ତା’ ସହ ସେ ଏହାର ସଂଳାପ ରଚନା ମଧ୍ୟ କରିଛନ୍ତି। ଚିତ୍ରଟିର ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର। ଡା. ନିର୍ମଳ ନାୟକଙ୍କ ରଚିତ ‘ଜଗତରେ ପାଇବୁନି ଏମିତି ଠାକୁର..’ ଗୀତଟି ବେଶ ଭାଇରାଲ ହୋଇଛି। ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଗୀତ ରଚନା କରିବା ସହିତ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି। ଏହାର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଣୟ ଜେଠୀ।

### ଏଥର ରଜରେ...

# ସବ୍ୟସାଚୀ ବନାମ ବାବୁସାନ୍

ପ୍ରତିବର୍ଷ ରଜ କିମ୍ବା ଦୁର୍ଗାପୂଜାରେ ପରଦା ଉପରକୁ ଆସୁଥିବା ଓଡ଼ିଆ ସିନେମାଗୁଡିକୁ ନେଇ ବେଶ୍ ଚର୍ଚ୍ଚା ହୋଇଥାଏ। କାରଣ ପ୍ରାୟ ଏହି ସମୟରେ ଆମ ଇଣ୍ଡଷ୍ଟ୍ରିର ନାମୀ ତାରକାଙ୍କୁ ନେଇ ପ୍ରସ୍ତୁତ ସିନେମା ମୁକ୍ତିଲାଭ କରିଥାଏ। ଏଥର ମଧ୍ୟ ରଜ ଲଢ଼େଇ ବେଶ୍ ଜମିବ ବୋଲି ସିନେ ସମୀକ୍ଷକମାନେ ପୂର୍ବାନୁମାନ କରିସାରିଛନ୍ତି। ଚଳିତ ବର୍ଷ ରଜରେ ରିଲିଜ ହେବାକୁ ଯାଉଛି ଦୁଇଟି ସିନେମା–‘ଅନନ୍ତା’ ଏବଂ ‘ବୋଉ ବୁଟୁ ଭୂତ’। ଏହି ସିନେମାଦ୍ୱୟରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ କଳାକାରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏଥର ରଜ ମଇଦାନକୁ ଉଷ୍ମ କରିବାକୁ ଓହ୍ଲାଇଥିବା ଅଭିନେତାଦ୍ୱୟ ହେଲେ ବାବୁସାନ୍ ଏବଂ ସବ୍ୟସାଚୀ। ଫିଲ୍ମ ଦୁଇଟି ମଧ୍ୟରୁ କିଏ ବାଜି ମାରିବ ସେ ନେଇ ଆକଳନ କରିବା ଏବେ ଠାରୁ ନିହାତି କଷ୍ଟ। କାରଣ ଏଗୁଡିକର ସଫଳତାକୁ ନେଇ ଉଭୟ ପ୍ରଯୋଜନା ସଂସ୍ଥା ଦୃଢ଼ ଆଶାବାଦୀ ଅଛନ୍ତି। ଏବର୍ଷ ରଜରେ ମୁକ୍ତିଲାଭ କରିବାକୁ ଯାଉଛି ‘ଅନନ୍ତା’। ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ବରପୁତ୍ର ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରଚିତ ‘ରାଣ୍ଡି ପୁଅ ଅନନ୍ତା’କୁ ଆଧାର କରି ଏହି ଫିଲ୍ମଟିକୁ ନିର୍ମାଣ କରାଯାଇଛି। ପ୍ରଥମେ ଏହାର ଶୀର୍ଷକ ‘ରାଣ୍ଡି ପୁଅ ଅନନ୍ତା’ ଥିଲା। କିନ୍ତୁ କେତେକ ବାଦ ବିବାଦ ପରେ ପ୍ରଯୋଜନା ସଂସ୍ଥା ଟାଇଟଲ ବଦଳାଇ ‘ଅନନ୍ତା’ ରଖିଛନ୍ତି। ଉକ୍ତ ସିନେମାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ‘ପାଗଳପ୍ରେମୀ’ରୁ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିବା ସବ୍ୟସାଚୀ ମିଶ୍ର ଓରଫ ସବ୍ୟ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର। ଚିତ୍ରଟିର ଅନ୍ୟତମ ନିର୍ଦ୍ଦେଶକ ଅଛନ୍ତି କୁମାର ସି. ଦେବ ମହାପାତ୍ର। ଏହାକୁ ପ୍ରଯୋଜନା କରିଛନ୍ତି ନବୀନ ଭଣ୍ଡାରୀ, ସୂରଜ ମହନ୍ତ ଏବଂ ସବ୍ୟଙ୍କ ଧର୍ମପତ୍ନୀ ଅର୍ଚ୍ଚିତା ସାହୁ। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ଅଭିଜିତ ମଜୁମଦାର। ତେବେ ଇଣ୍ଡଷ୍ଟ୍ରିରେ ମାମୁ–ଭଣଜା ଯୋଡି ଭାବରେ ପରିଚିତ ନିର୍ମଳ–ଅଭିଜିତଙ୍କ ଗୀତ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଉଭୟ ଆଶା ରଖିଛନ୍ତି। ସବୁଠାରୁ ଖାସ୍ କଥା ହେଲା, ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ ଏହାର ସଂଳାପ ରଚନା କରିଛନ୍ତି। ଏ. କୁମାର ପିକ୍ଚର୍ସ କ୍ରିଏଶନ ବ୍ୟାନରରେ ନିର୍ମିତ ଏହି ସିନେମାର ବିତରଣ ଦାୟିତ୍ୱ ବହନ କରୁଛନ୍ତି ବଲିଉଡ୍‌ର ଆଗଧାଡିର ବିତରଣ ସଂସ୍ଥା ରାଜଶ୍ରୀ ଫିଲ୍ମସ। ଚଳଚ୍ଚିତ୍ରଟି ଚଳିତ ମାସ ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି।



‘ଅନନ୍ତା’ ଫିଲ୍ମରେ ସବ୍ୟସାଚୀ



‘ବୋଉ ବୁଟୁ ଭୂତ’ ଫିଲ୍ମରେ ଅପରାଜିତା, ବାବୁସାନ୍, ଅର୍ଚ୍ଚିତା

ଅନ୍ୟପକ୍ଷରେ ନିକଟରେ ‘ମାଲ୍ୟଗିରି’, ‘ଦମନ’ ଏବଂ ‘ପାବାର’ ପରି ସୁପରହିଟ୍ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ସିଙ୍ଗିଙ୍ଗ୍ ଷ୍ଟାର ବାବୁସାନ୍ ମହାନ୍ତି ଏଥର ରଜରେ ବାଜିମାତ କରିବାକୁ ଆଶା ରଖିଛନ୍ତି। ତାଙ୍କ ଅଭିନୀତ ତଥା ରହସ୍ୟ ରୋମାଞ୍ଚ ଭରା ଏହି ସିନେମାଟିର ଟାଇଟଲ ରହିଛି ‘ବୋଉ ବୁଟୁ ଭୂତ’। ବାବୁସାନ୍ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ତୃପ୍ତି ଶତପଥୀ। ଏକ୍‌ଜିକ୍ୟୁଟିଭ ପ୍ରଯୋଜକ ଅଛନ୍ତି ସମ୍ବିତ ଜେନା। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଜଗଦୀଶ ମିଶ୍ର। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ଗୌରବ ଆନନ୍ଦ। ଫିଲ୍ମଟିର କାହାଣୀ, ସଂଳାପ, ସଙ୍ଗୀତ ଏବଂ ଦୃଶ୍ୟାୟନକୁ ଆଧାର କରି ଏହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ଆଶା ରଖିଛି ପ୍ରଯୋଜନା ସଂସ୍ଥା।

ଏଥର ରଜରେ ଆଉ ଏକ ଅଦ୍ଭୁତ ସଂଯୋଗ ଦେଖିବାକୁ ମିଳିବ। ଗୋଟିଏ ସିନେମାରେ ସବ୍ୟସାଚୀ ନାୟକ ସାଜିଥିବା ବେଳେ ଅନ୍ୟ ସିନେମାରେ ତାଙ୍କର ଧର୍ମପତ୍ନୀ ଅର୍ଚ୍ଚିତା ନାୟିକା ଭୂମିକାରେ ଅଭିନୟ କରିଛନ୍ତି।



ଜ୍ୟାକି

# ଜଗୁ ଦାଦାରୁ ଜ୍ୟାକି

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରେ ଜ୍ୟାକି ଶ୍ରଫ ଅନ୍ୟତମ। ନାୟକ ସାଜିବାର ପ୍ରଥମ ସୁଯୋଗ ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ବିଶିଷ୍ଟ ପ୍ରଯୋଜକ ତଥା ନିର୍ଦ୍ଦେଶକ ସୁବାସ ଘାଇଙ୍କ ‘ହିରୋ’ର ହିରୋ ସାଜିଥିଲେ ଜ୍ୟାକି। ଏଭଳି ସୌଭାଗ୍ୟରେ ଯେ ପ୍ରଥମ ସିନେମା ବକ୍ସ ଅଫିସରେ ଅପାର ସଫଳତା ହାସଲ କରିବାରେ ସକ୍ଷମ ହୋଇଥିଲା। ଆଉ ରାତାରାତି ଜ୍ୟାକି ନିଜକୁ ନାୟକ ଦୌଡରେ ସାମିଲ କରି ନେଇଥିଲେ। ଆଉ ତା’ପରେ ସେ କେବେ ପଛକୁ ଫେରି ଚାହିଁ ନାହାନ୍ତି। ଏ ପର୍ଯ୍ୟନ୍ତ ସେ ୧୩ ଭାଷାରେ ପ୍ରାୟ ୨୨୦ରୁ ଅଧିକ ସିନେମାରେ ଅଭିନୟ କରି ନିଜକୁ ଜଣେ ସଫଳ ଅଭିନେତା ଭାବରେ ସାବ୍ୟସ୍ତ କରିସାରିଛନ୍ତି। ପିଲାଦିନେ ତାଙ୍କର ନାମ ଥିଲା ଜଗୁ ଦାଦା। କିନ୍ତୁ ଯେତେବେଳେ ସୁବାସ ଘାଇ ତାଙ୍କୁ ଅଭିନେତା ହେବାର ସୁଯୋଗ ଦେଲେ ସେତେବେଳେ ତାଙ୍କର ନାମ ‘ଜ୍ୟାକି’ ରଖିଥିଲେ। ହେଲେ ଏହାପୂର୍ବରୁ ସ୍କୁଲରେ ସେ ଯେତେବେଳେ ପଢୁଥିଲେ ସେତେବେଳେ ତାଙ୍କୁ ସାଙ୍ଗମାନେ ଶ୍ରଦ୍ଧାରେ ‘ଜ୍ୟାକି’ ବୋଲି ଡାକୁଥିଲେ। ଆଉ ପରବର୍ତ୍ତୀ ସମୟରେ ଏହି ସ୍କ୍ରିନ୍ ନେମ୍‌ରେ ସେ ପରିଚିତ ହୋଇଥିଲେ।



ସୌନ୍ଦର୍ଯ୍ୟା

# ଅପେକ୍ଷା କରିବେ ସୌନ୍ଦର୍ଯ୍ୟା

କଥାରେ ଅଛି ଅପେକ୍ଷାର ଫଳ ମିଠା। କିନ୍ତୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରିବା ହେଲା ବଡ କଥା। ସୌନ୍ଦର୍ଯ୍ୟା ଶର୍ମା ଏବେ ଭାରି ଖୁସି। କାରଣ ସେ ଅଭିନୟ କରିଥିବା ‘ହାଉସଫୁଲ ୫’ ନିକଟରେ ରିଲିଜ ହୋଇଛି। ତା’ସହ ବକ୍ସ ଅଫିସରେ ଭଲ ବିଜନେସ୍ ମଧ୍ୟ କରୁଛି। ଅବଶ୍ୟ ଏହାର କାଷ୍ଟିଂରେ ଅକ୍ଷୟ କୁମାରଙ୍କ ପରି ନାମୀ ଅଭିନେତା ବ୍ୟତୀତ ଅଭିଷେକ ବଚ୍ଚନ, ରିତେଶ ଦେଶମୁଖ, ଜ୍ୟାକଲିନ୍ ଫର୍ନାଡିସ, ନର୍ଗିସ ଫକ୍ରି, ସଞ୍ଜୟ ଦତ୍ତ, ନାନା ପାଟେକର, ଜ୍ୟାକି ଶ୍ରଫ,ଫରଦିନ ଖାଁ, ଶ୍ରେୟାଶ ତଲପାଡେ, ଡିନୋ ମୋରିଆ ଏବଂ ଚଙ୍କି ପାଣ୍ଡେଙ୍କ ପରି କଳାକାର ଅଛନ୍ତି। ଏ ବିଷୟରେ ସୌନ୍ଦର୍ଯ୍ୟା କହନ୍ତି, ‘‘ଅଭିନୟକୁ କ୍ୟାରିୟର କରିବା ପରେ ଏହାକୁ ନେଇ ମୁଁ ଅନେକ ସ୍ୱପ୍ନ ଦେଖିଛି। ଏକଥା ସତ ଯେ, ମୋର ୮ ବର୍ଷର କ୍ୟାରିୟର ଭିତରେ ମୁଁ ଏପର୍ଯ୍ୟନ୍ତ ମାତ୍ର ତିନୋଟି ସିନେମାରେ ଅଭିନୟ କରିଛି। ଏହା ନିଶ୍ଚୟ ମୋ ଭାଗ୍ୟର ଦୋଷ। ହେଲେ ଦିନେ ନା ଦିନେ ମୋ ପାଇଁ ସୁବର୍ଣ୍ଣ ସୁଯୋଗ ଆସିବ ଏବଂ ମୁଁ ମୋ ଅଭିନୟ ଦକ୍ଷତା ଦେଖାଇପାରିବି। ସେ ପର୍ଯ୍ୟନ୍ତ ମୋତେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ।’’ ପୂର୍ବ ଦିଲ୍ଲୀରେ ଜନ୍ମିତା ସୌନ୍ଦର୍ଯ୍ୟାଙ୍କୁ ପ୍ରଥମେ ୨୦୧୭ରେ ବଲିଉଡ୍‌ରେ ସୁଯୋଗ ମିଳିଥିଲା। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ‘ରାଞ୍ଚି ଡାଏରିଜ୍’। ଏହାପରେ ଦ୍ୱିତୀୟ ସିନେମା ପାଇବାକୁ ତାଙ୍କୁ ପାଞ୍ଚ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୨୨ରେ ‘ଥ୍ୟାଙ୍କ୍ ଗଡ୍’ ପରେ ଚଳିତ ବର୍ଷ ତାଙ୍କ ଅଭିନୀତ ‘ହାଉସଫୁଲ ୫’ ରିଲିଜ ହୋଇଛି। ତେବେ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପରିଚିତ କରାଇବାକୁ ସୌନ୍ଦର୍ଯ୍ୟା ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା କେତେ ପୂରଣ ହେଉଛି ଦେଖିବାକୁ ବାକି ରହିଲା।

# ରଜରେ ‘ଭାଇ’

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ପର୍ବପର୍ବାଣି ଓ ସଂସ୍କୃତିକୁ ସମ୍ମାନ ଦେଇ ଦର୍ଶକଙ୍କ ମନ ଜିତିଥାଏ। ଏଥର ରଜ ଉପଲକ୍ଷେ ସମ୍ପୂର୍ଣ୍ଣ ଘରର କାହାଣୀକୁ ନେଇ ଏହି ଚ୍ୟାନେଲରେ ଓଡ଼ିଆ ସିନେମା ‘ଭାଇ’ର ୱାର୍ଲ୍ଡ ଟିଭି ପ୍ରିମିୟର ହେବାକୁ ଯାଉଛି। ଜୁନ୍ ୧୫ ଅର୍ଥାତ୍ ରବିବାର ଦିନ ଉକ୍ତ ଚ୍ୟାନେଲରେ ସନ୍ଧ୍ୟା ୬.୩୦ରେ ଏହି ସିନେମା ପ୍ରସାରିତ ହେବ। ଫିଲ୍ମର ୧ ମିନିଟ ୧୧ ସେକେଣ୍ଡର ଟିଜର ବେଶ୍ ଭାଇରାଲ ହୋଇଛି। ଜମ୍ମୁ–କଶ୍ମୀର ଓ ଲଦାଖରେ ଏହାର ଶୁଟିଂ ହୋଇଥିଲା। ଜୀବନରେ ଅନେକ ବାଧାବିଘ୍ନ ମଧ୍ୟରେ ବଢ଼ିବା ପରେ ଜଣେ ଭାଇ ନିଜ ଭଉଣୀର ସ୍ୱପ୍ନକୁ ନିଜ ସ୍ୱପ୍ନଠାରୁ ଅଧିକ ମହତ୍ତ୍ୱ ଦେଇଥାଏ। ଜଣେ ଅଭିଭାବକ ଓ ମାର୍ଗଦର୍ଶକର ଭୂମିକା ଗ୍ରହଣ କରେ। କିନ୍ତୁ ଯେତେବେଳେ ବିଶ୍ୱାସଘାତକତା, ପ୍ରତିଶୋଧ ଏବଂ ଅପ୍ରତ୍ୟାଶିତ ବିପଦର ଏକ ଜାଲ ସେମାନଙ୍କ ଜୀବନର ଖୁସିକୁ ବିପଦରେ ପକାଏ, ସେତେବେଳେ ଦୁଇ ଜଣଙ୍କୁ କଳ୍ପନା ବାହାରେ ବଳିଦାନ ଦେବାକୁ ସମୟ ବାଧ୍ୟ କରେ। ତେବେ କେଉଁମାନେ ଦୁଇ ଭାଇ ଭଉଣୀଙ୍କ ଜୀବନରେ ଆଣନ୍ତି ବିପଦ? ଆଗକୁ କ’ଣ ହେବ ଦୁଇ ଜଣଙ୍କର? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିବ ଏହି ଫିଲ୍ମରେ। ଅମରା ମ୍ୟୁଜିକ ପ୍ରଡକ୍ସନ ବ୍ୟାନରରେ ତଥା ନବୀନ ଭଣ୍ଡାରୀଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ପୃଥ୍ୱୀରାଜ ପଟ୍ଟନାୟକ। ଏହାର ମୁଖ୍ୟ ଭୂମିକାରେ ଅମ୍ଲାନ, ସୁଜିତ ଏବଂ ଦିବ୍ୟା ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ ଏବଂ ରଞ୍ଜନ ନାୟକଙ୍କ ଗୀତଗୁଡ଼ିକୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ନବଜ୍ୟୋତି ପଣ୍ଡା ଏବଂ ସରୋଜ ସେନ।



‘ଭାଇ’ ଫିଲ୍ମରେ ଅମ୍ଲାନ–ସୁଜିତ

# ପୁଣି ଥରେ କୁହୁଡ଼ି

ପୂର୍ବ ଭାରତର ସବୁଠାରୁ ଲୋକପ୍ରିୟ ଓଭର–ଦି–ଟପ (ଓଟିଟି) ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ଚଳିତ ମାସ ୧୪ ଅର୍ଥାତ୍ ରଜ ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି ଅନୁଭବ ମହାନ୍ତିଙ୍କ ଅଭିନୀତ ସୁପରହିଟ୍ ଫିଲ୍ମ ‘କୁହୁଡ଼ି’। ଗତ ବର୍ଷ ରଜରେ ଏହି ଫିଲ୍ମ ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ତେଣୁ ଏଥର ରଜରେ ଏହାକୁ ଓଟିଟି ପ୍ଲାଟଫର୍ମରେ ରିଲିଜ କରାଇବାକୁ ଯାଉଛନ୍ତି ଏହାର ପ୍ରଯୋଜନା ସଂସ୍ଥା। ଚିତ୍ରଟିରେ ଅନୁଭବ ଜଣେ ଓକିଲ ଭୂମିକାରେ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ପାଢ଼ୀ। ଏଥିରେ ଅନୁଭବଙ୍କ ବ୍ୟତୀତ ଦ୍ୱିପନ୍ୱିତ ଦାସମହାପାତ୍ର, ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ପ୍ରମୁଖଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। କ୍ୟାମେରା କୁଇନ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟ ଦାସ। ଏହାର ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ସୁକୁମାର ଟୁଡୁ, ସୁଶୀଲ ମିଶ୍ର, ଶକ୍ତି ବରାଳ ଏବଂ ଶିଶୁ କଳାକାର ପିହୁ ଏବଂ ଦୀକ୍ଷା ପ୍ରମୁଖ ଅଛନ୍ତି।



‘କୁହୁଡ଼ି’ ଫିଲ୍ମରେ ଅନୁଭବ

# ଆଉ ୫ ଜଣଙ୍କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

## ଜାଲ୍ ସାର୍ଟିଫିକେଟରେ ଗ୍ରାମୀଣ ଡାକସେବକ ନିଯୁକ୍ତି ଦୁର୍ନୀତି ମାମଲା



ଭୁବନେଶ୍ୱର,୧୧।୬(ସତ୍ୟଜିତ୍ ରାଉତ)

ଜାଲ୍ ସାର୍ଟିଫିକେଟ୍ ଦେଇ ଡାକ ବିଭାଗରେ ଗ୍ରାମୀଣ ଡାକସେବକ ନିଯୁକ୍ତିରେ ଦୁର୍ନୀତି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଆଉ ୫ ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ମୁରିବାହାଲର କୁଳମଣି ରାଣା(୨୪), ସଦର ଥାନା ଅଞ୍ଚଳର ଆଜାଉଦ୍ଦିନ୍ କୁମ୍ଭାର(୨୮), ଜଗନ୍ନାଥପଡ଼ାର ରଜତ କୁମାର ନାଏକ(୩୨), ବୁଢ଼ାମୁଣ୍ଡାର ସୁଧିର ଭୁଇ(୨୭) ଓ ସୁବର୍ଣ୍ଣପୁରର ତୋଫାନ ବାଗ୍(୪୫)। ଗିରଫ ଅଭିଯୁକ୍ତମାନଙ୍କୁ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ଫେକ୍ ସାର୍ଟିଫିକେଟ୍ ଦାଖଲ କରି ଚାକିରି ପାଇଥିଲେ। ତେବେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଅଭିଜିତ୍ କୁମାର ଭକତଙ୍କ ସମେତ ୧୭ ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୩ ଜାନୁଆରୀ ୨୭ରେ ଗ୍ରାମୀଣ ଡାକସେବକ(ଜିଡିଏସ୍) ପଦବୀ ଅନ୍ତର୍ଗତ ବିପିଏମ୍, ଏବିପିଏମ୍ ଓ ଡାକସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାଟ୍ରିକ୍ ମାର୍କ ଆଧାରରେ ପଦବୀ ପୂରଣ ପାଇଁ ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ଜାଲ୍ ସାର୍ଟିଫିକେଟ୍ ଦେଇ ଆବେଦନ କରିଥିଲେ। ବଲାଙ୍ଗୀରରେ ଚୁକ୍ତିନାମା ଲେଖିବାବେଳେ ସେମାନେ ଠିକ୍‌ରେ ଇଂଲିଶ ଲେଖି ପଢ଼ି ପାରି ନ ଥିଲେ। ସନ୍ଦେହ ହେବାରୁ ୨୦୨୩ ମାର୍ଚ୍ଚରେ ବଲାଙ୍ଗୀର ଡାକ ଅଧୀକ୍ଷକଙ୍କ ପକ୍ଷରୁ ବଲାଙ୍ଗୀର ଟାଉନ ଥାନାରେ ଏତଲାକ୍ରମେ ପୋଲିସ ତଦନ୍ତ କରିଥିଲା। ମାର୍ଚ୍ଚ ୩୧ରେ ଡିଜିପିଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମ୍‌ବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଏହାର ତଦନ୍ତ ପାଇଁ ମହାଡାକପାଳ ସିବିଆଇକୁ ଚିଠି ଲେଖିଥିଲେ। ସିବିଆଇ ମାମଲା ରୁଜୁକରି ତଦନ୍ତ କରିଥିଲା। ୨୦୨୪ ଜୁନ୍ ୧୩ରେ ସିବିଆଇ ରାଜ୍ୟର ୬୭ଟି ସ୍ଥାନ ଏବଂ ଚଳିତବର୍ଷ ଏପ୍ରିଲ ୨୩ରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ୩ ଜଣ ମିଡଲ୍ ମ୍ୟାନ୍ ଓ ୫୫ ଜଣ ପରୀକ୍ଷାର୍ଥୀଙ୍କ ବିରୋଧରେ ସିବିଆଇ ଗତ ଡିସେମ୍ବର ୩୦ରେ ଭୁବନେଶ୍ୱରସ୍ଥିତ ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା।

# କିସ୍ତି ଶୁଝି ନ ପାରି ଟ୍ରକ୍ ମାଲିକଙ୍କ ଆତ୍ମହତ୍ୟା

କେନ୍ଦୁଝର,୧୧।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଅସହ୍ୟ ହେଲା ଋଣ ଭାର। ଆଗଭଳି ଟ୍ରକ୍ ଚାଲୁ ନ ଥିବାରୁ ଋଣ ଶୁଝିପାରିଲେ ନାହିଁ। ଫଳରେ କମ୍ପାନୀ ଟ୍ରକ୍ ଟାଣି ନେଇଗଲା। ଏଭଳି କ୍ଷେତ୍ରରେ ଟ୍ରକ୍ ମାଲିକ ମାନସିକ ଭାରସାମ୍ୟ ହରାଇ ଅତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ସଦର ବ୍ଲକ୍ ଗୋବର୍ଦ୍ଧନ ଗ୍ରାମର ଯୁବ୍ ଟ୍ରକ୍ ମାଲିକ ଲୋକନାଥ ଦେଓ (୩୧)। ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣା ସମଗ୍ର ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି।

## ଅସହ୍ୟ ହେଲା ଋଣ ଭାର

ପ୍ରକାଶ ଯେ, ଲୋକନାଥ ଘରୋଇ ସଂସ୍ଥାରୁ ଋଣକରି ୨ ହାଇୱା ଟ୍ରକ୍ ଆଣି ଚଳାଉଥିଲେ। ଯାହା ମିଳୁଥିଲା ସେଥିରେ ଋଣ ଅର୍ଥ ଶୁଝିବା ସହ ପରିବାର ପ୍ରତିପୋଷଣ କରୁଥିଲେ। ଆଗଭଳି ଟ୍ରକ୍ ବ୍ୟବସାୟ ଚାଲୁ ନ ଥିବାରୁ ଲୋଡିଂ ପାଇଲେ ନାହିଁ। ତେଣୁ ଗାଡ଼ି କିସ୍ତି ଖିଲାପ କରିବାରୁ ଘରୋଇ ଋଣ ଦେଇଥିବା କମ୍ପାନୀ ତାଙ୍କର ଗୋଟେ ଗାଡ଼ି ଟାଣି ନେଇଥିଲା। ତେଣୁ ସେ ମାନସିକ ଚାପରେ ରହୁଥିଲେ। ବୁଧବାର ସକାଳେ କାଦଗଡ଼ ନିକଟରେ ତାଙ୍କ ବାଇକ୍ ଓ ମୋବାଇଲ ପଡ଼ିଥିବା ବେଳେ ରେଳ ଧାରଣାରେ ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ରେଲୱେ ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଅନ୍ୟପକ୍ଷେ ସେ ଚାଷଜମିକୁ ଯାଇଥିଲେ। ରେଳ ଧାରଣା ଅତିକ୍ରମ କଲାବେଳେ ଦୁର୍ଘଟଣା ଘଟିଥିବା କୁହାଯାଉଛି। ରେଳବାଇ ପୋଲିସ ଅଧିକାରୀ ଅସଲାମ ଖାନ କହିଛନ୍ତି, ଏକ ମାମଲା(ନଂ,୪୧/୨୫)ରୁଜୁ ହୋଇଛି। ଘଟଣାର ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ।

# ଘରେ ପଶି ଟଙ୍କା, ସୁନା ଲୁଟିନେଲେ

ଭଦ୍ରକ,୧୧।୬(ସନାତନ ରାଉତ)

ଭଦ୍ରକ ସାମରାଇପୁର– ଆରଡ଼ି ଛକ କେନାଲରୋଡ୍ ସ୍ଥିତ ଏକ ଭଡ଼ାଘରୁ ମଙ୍ଗଳବାର ରାତିରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଆଇନଜୀବୀ ସଞ୍ଜୟ ପ୍ରକାଶ ତ୍ରିପାଠୀ ତାଙ୍କ ପରିବାର ସହ କେନାଲ ରୋଡ୍‌ରେ ଭଡ଼ାଘରେ ରହୁଥିବା ବେଳେ ତାଙ୍କ ଶାଳୀ ମଧ୍ୟ ପରିବାର ସହ ଆଉ ଏକ ଭଡ଼ାଘରେ ରହୁଥିଲେ। ମଙ୍ଗଳବାର ରାତିରେ ଉଭୟ ପରିବାର ଘରେ ନ ଥିବା ବେଳେ ଏହି ସୁଯୋଗରେ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଛନ୍ତି। ବୁଧବାର ସକାଳେ ଘରର କବାଟ ଖୋଲାଥିବା ଦେଖି ଘର ମାଲିକ ତାଙ୍କୁ ଫୋନ ଯୋଗେ ଜଣାଇଥିଲେ। ସେମାନେ ପହଞ୍ଚି ଦେଖିବା ବେଳକୁ ଘରେ ଥିବା ସୁନା, ଟଙ୍କା ଲୁଟ୍ ହୋଇଯାଇଛି। ସଞ୍ଜୟଙ୍କର ୨୫ ଭରି ସୁନା ଅଳଙ୍କାର ଓ ୨୫ ହଜାର ନଗଦ ଟଙ୍କା ଲୁଟ୍ ହୋଇଥିବା ବେଳେ ତାଙ୍କ ଶାଳୀଙ୍କର ୭୦ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ସହ ୬୦ ହଜାର ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଆରଡ଼ି ଛକ ଅଞ୍ଚଳରେ ଲଗାତର ଲୁଟ୍ ଓ ଚୋରି ବଢ଼ୁଥିବା ବେଳେ ପୋଲିସ ପ୍ରଶାସନର ଢିଲାପଣ ଯୋଗୁ ଏପରି ଘଟୁଥିବା ସଞ୍ଜୟ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି।

# ଜିଏସ୍‌ଟି ଚଢ଼ାଉ, ଭ୍ୟାନ୍ ସହ ଗୁଟ୍‌ଖା ତିଆରି ସାମଗ୍ରୀ ଜବତ



ଗୁଟ୍‌ଖା ତିଆରି ସାମଗ୍ରୀ ସହ ଜବତ ହୋଇଥିବା ଭ୍ୟାନ୍।

ରାୟଗଡ଼ା,୧୧।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଏସ୍‌ଟି ମୋବାଇଲ ୟୁନିଟ୍ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ଏକ ପିକ୍‌ଅପ୍ ଭ୍ୟାନ୍ ସହ ଗୁଟ୍‌ଖା ତିଆରି ସାମଗ୍ରୀ ଜବତ କରାଯାଇଛି। ବ୍ରହ୍ମପୁରରୁ କୋରାପୁଟ ଅଭିମୁଖେ ଯାଉଥିବା ପିକ୍‌ଅପ୍ ଭ୍ୟାନ୍‌କୁ ବୁଧବାର ସକାଳ ୬ଟାରେ ଜେକେପୁରସ୍ଥିତ ନାଗାବଳୀ ପୋଲ ଉପରେ ଜିଏସ୍‌ଟି ଅଧିକାରୀ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ପରେ ସେଥିରେ ପ୍ରାୟ ୩୦ ବସ୍ତା ପାନମହୁରୀ, ଗୁଆ, ଚୂନ ଏବଂ ଜର୍ଦା ଥିବା ଜଣାପଡ଼ିଥିଲା। ଏହାପରେ ତାହାର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ଗୁଟ୍‌ଖା ତିଆରି ସାମଗ୍ରୀ ନକଲି ବିଲ୍ ଜରିଆରେ ଚାଲାଣ ହେଉଥିବା ଧରାପଡ଼ିଥିଲା। ତେବେ ବିଲ୍‌ଠାରୁ ପ୍ରାୟ ୫ଗୁଣ ଅଧିକ ମାଲ ବୋଝେଇ କରି ଚାଲାଣ ହେଉଥିବା ନେଇ ବିଭାଗର ତଦନ୍ତରୁ ଜଣାପଡିଛି । ତେବେ ଜବତ ହୋଇଥିବା ଗୁଟ୍‌ଖା ସାମଗ୍ରୀ ପ୍ରାୟ ଦେଢ ଲକ୍ଷ ଟଙ୍କା ହୋଇପାରେ ବୋଲି ଜିଏସ୍‌ଟି ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗୁରୁବାର ଜରିମାନା ଫିକ୍ସ ହେବା ନେଇ ସହକାରୀ କମିଶନର ନିହାରିକା ଝଙ୍କାର ସୂଚନା ଦେଇଛନ୍ତି।

# ଶ୍ୱଶୁର ହତ୍ୟା ଅଭିଯୋଗରେ ଜ୍ୱାଇଁଙ୍କୁ ୫ ବର୍ଷ ଜେଲ୍

ନବରଙ୍ଗପୁର, ୧୧।୬(ସଦାଶିବ ପ୍ରହରାଜ)

ପର୍ଶୁରାମ ନାୟକଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଜ୍ୱାଇଁ ନୁନପାଣି ଗାଁର ଚୈତନ୍ୟ ଭତରାଙ୍କୁ ନବରଙ୍ଗପୁର ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ବୁଧବାର ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ହେଲେ ୬ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟଗ ପ୍ରକାଶ ପାଇଛି।

ମାମଲା ପରିଚାଳନା କରିଥିବା ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କାଙ୍କ ସୂଚନା ଚୈତନ୍ୟ ଭତରା ଦଶମୀ ନାୟକଙ୍କୁ ବିବାହ କରି ନେଙ୍ଗାନାଲ ଗ୍ରାମରେ ଘରଜ୍ୱାଇଁ ହୋଇ ରହୁଥିଲେ। ୨୦୨୪ ଜୁଲାଇ ୧୫ ସନ୍ଧ୍ୟା ୬ ଟାରେ ଶ୍ୱଶୁର ପର୍ଶୁରାମ ବସିଥିବାବେଳେ ଚୈତନ୍ୟ ହଠାତ ଆସି ତାଙ୍କୁ ଗାଳି ଗୁଲଜ କରିବା ସହ ତଣ୍ଟି ଚିପି ଜୀବନରେ ମାରିବା ଉଦ୍ୟମ କରିଥିଲେ। ଦଶମୀ ଏବଂ ତାଙ୍କ ମାମୁ ନକୁଳ ଛଡ଼େଇବାକୁ ଚେଷ୍ଟା କରିଥିଲେ। ଚୈତନ୍ୟ ପର୍ଶୁରାମଙ୍କୁ ବାରଣ୍ଡା ତଳକୁ ଠେଲିଦେଇଥିଲେ। ଏଥିରେ ପର୍ଶୁରାମଙ୍କ ମୁଣ୍ଡ ପଛପଟ ମାଡ଼ ହୋଇ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇଥିଲେ। ଦଶମୀ ନାୟକ କୋଷାଗୁମୁଡା ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ୨୭ ଜଣ ସାକ୍ଷୀଙ୍କ ବୟାନ ଏବଂ ୨୮ ଦସ୍ତାବିଜକୁ ଭିତ୍ତି କରି ଜିଲା ଓ ଦୌରା ଜଜ୍ ମହାନ୍ତି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ପୀଡିତଙ୍କୁ କ୍ଷତି ପୂରଣ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ କୁ ମଧ୍ୟ ସୁପାରିଶ କରାଯାଇଛି।

# ୩୪ କେଜିରୁ ଅଧିକ ଗଞ୍ଜେଇ ଜବତ, ଜଣେ ଗିରଫ

ଛେଣ୍ଡିପଦା,୧୧।୬(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ପୋଲିସ ୩୪ କେଜିରୁ ଅଧିକ ଗଞ୍ଜେଇ ଜବତ କରିବା ସହ ବାଗଡ଼ିଆ ମାଉସୀମା ସାହିର ଜିତୁ ସାହୁଙ୍କୁ ଗିରଫ କରିଛି। ପୋଲିସ କହିଛି, କଣଲୋଇ ପଞ୍ଚାୟତର କର୍ଣ୍ଣପାଳ ଆଉଁଳି ଜଳସେଚନ ପ୍ରକଳ୍ପ ନିକଟରେ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଜଣେ ବ୍ୟକ୍ତି ଏକ ବସ୍ତା ଉପରେ ବସିଥିବା ଦେଖି ପୋଲିସ ତାଙ୍କୁ ଧରି ଯାଞ୍ଚ କରିଥିଲା। ଉକ୍ତ ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିବା ପରେ ମାଜିଷ୍ଟ୍ରେଟ ଭାବେ ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ନାୟକଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ଜବତ କରି ଓଜନ କରାଯାଇଥିଲା। ବସ୍ତା ଭିତରେ ୩୪.୬ କିଲୋ ଗଞ୍ଜେଇ ଥିବା ଜଣାପଡ଼ିବା ପରେ ପୋଲିସ ତାହାକୁ ଜବତ କରିବ ସହିତ ବାଗଡିଆ ଗ୍ରାମର ଜିତୁଙ୍କୁ ଗିରଫ କରିଥିଲା। ଏନେଇ ବାଗଡିଆ ଥାନାରେ ନଂ. ୧୦୮/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

BUSINESS

# ୨୦ତମ ପିଜିଡିଏସ୍‌ରେ ୬ ମେଧାବୀ ସମ୍ବର୍ଦ୍ଧିତ

## ବିଆଇପିଏଫ୍ ପକ୍ଷରୁ ଆର୍ଥିକ ସହାୟତା



ଭୁବନେଶ୍ୱର,୧୧।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ କରିଥିବା୬ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ୨୦ତମ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରଶିପ(ପିଜିଡିଏସ୍) ପ୍ରଦାନ କରାଯାଇଛି। ଅପରପକ୍ଷରେ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରଶିପ ଫର୍ ହାୟର ଏଜୁକେଶନର ୬ ବିଜେତା (ମେଧାବୀ)ଙ୍କୁ ଆର୍ଥିକ ସହାୟତା ସହ ସମ୍ବର୍ଦ୍ଧିତ କରାଯାଇଛି। ବିଶେଷକରି ଏହି ଛାତ୍ରବୃତ୍ତି ଇଞ୍ଜିନିୟରିଂ, ମେଡିସିନ, ଏସ୍‌ଟିଇଏମ୍ (ଷ୍ଟେମ୍/ ସାଇନ୍ସ, ଟେକ୍ନୋଲଜି, ଇଞ୍ଜିନିୟରିଂ ଏବଂ ମ୍ୟାଥ୍‌ମେଟିକ୍ସ) ଏବଂ ଲିବରାଲ ଆର୍ଟସ୍‌ରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ୪ବର୍ଷର ଡିଗ୍ରୀ ପାଇଁ ୯୦% ଶିକ୍ଷାଗତ ଫିସ୍ ଏବଂ ଯୋଗ୍ୟ ଖର୍ଚ୍ଚକୁ ବହନ କରିବ। ଏହା ପ୍ରତ୍ୟେକ ବୃତ୍ତିଧାରୀଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିଭଳି ୨୦୨୪–୨୫ ଶିକ୍ଷାବର୍ଷ ପାଇଁ ୬ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣ ଛାତ୍ର ଆଇଆଇଟିରେ ଇଞ୍ଜିନିୟରିଂ ପଢୁଥିଲାବେଳେ ବାକି ୪ ଜଣ ମେଡିକାଲ (ଏମ୍‌ବିବିଏସ୍)ର ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ସନ୍ଦୀପ ଶୁଭ୍ରଜିତ ସାହୁ ଆଇଆଇଟି–ହାଇଦ୍ରାବାଦ ଏବଂ ତାରିଣୀ ପ୍ରସାଦ ମିଶ୍ର ଆଇଆଇଟି–ବିଏଚ୍‌ୟୁ ବାରାଣସୀରେ ପଢୁଛନ୍ତି ଏବଂ ସତ୍ୟଜିତ ପରିଡ଼ା ଓ ଆଲୋକ କୁମାର ସାହୁ ଏମ୍ସ ଭୁବନେଶ୍ୱରରେ ଏମ୍‌ବିବିଏସ୍ କରୁଥିଲାବେଳେ ଦିବ୍ୟଜ୍ୟୋତି ଜେନା କଟକର ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ଆରିୟାନ ସାହୁ ବାଲେଶ୍ୱରର ଏଫ୍‌ଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମେଡିକାଲ ପାଠ ପଢୁଛନ୍ତି। ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ତଥା ବିଆଇପିଏଫ୍‌ର ଟ୍ରଷ୍ଟି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଶିକ୍ଷା ସାମାଜିକ ପରିବର୍ତ୍ତନ ଏବଂ ଆର୍ଥିକ ପ୍ରଗତି ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ହୋଇଥିଲାବେଳେ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରଶିପ୍ ବା ପିଜିଡିଏସ୍ ମାଧ୍ୟମରେ ଆମେ ଭବିଷ୍ୟତର ନେତୃତ୍ୱମାନଙ୍କ ଉପରେ ବିନିଯୋଗ କରିଥାଉ।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୧୧।୬:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୩ (୧୨୩.୪୨) ପଏଣ୍ଟ ବୃଦ୍ଧି ଘଟି ୮୨,୫୧୫ (୮୨,୫୧୫.୧୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି–୫୦ ରେ ମଧ୍ୟ ୩୭ (୩୭.୧୫) ପଏଣ୍ଟ ବଢ଼ି ୨୫,୧୪୧ (୨୫,୧୪୧.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଅଭୟ ନାଲ୍‌କୋର ନୂତନ ନିର୍ଦ୍ଦେଶକ

ଭୁବନେଶ୍ୱର,୧୧।୬(ଅଭୟ ଦାଶ)



ଅଭୟ କୁମାର ବେହୁରିଆ

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ନୂତନ ନିର୍ଦ୍ଦେଶକ (ଅର୍ଥ) ଭାବେ ଅଭୟ କୁମାର ବେହୁରିଆ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନାଲ୍‌କୋରେ ଯୋଗଦେବା ପୂର୍ବରୁ ଅଭୟ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ ଏବଂ ଆକାଉଣ୍ଟସ୍) ଭାବେ କାର୍ଯ୍ୟରତ ଥିଲେ। ଏପରିକି ତାଙ୍କର ଦକ୍ଷତା ଏବଂ ନେତୃତ୍ୱ ଯୋଗୁ କମ୍ପାନୀ ଏକ ଚ୍ୟାଲେଞ୍ଜିଂ ବଜାର ପରିସ୍ଥିତି ମଧ୍ୟରେ ରେକର୍ଡ ଆର୍ଥିକ ଫଳାଫଳ ହାସଲ କରିଥିଲା। ସେହିଭଳି ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ବେହୁରିଆଙ୍କର ୩ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ନିର୍ଦ୍ଦେଶକ (ଅର୍ଥ) ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବେହୁରିଆଙ୍କୁ ଅଭିନନ୍ଦନ ଜଣାଇ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଥିଲେ,ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ ରୂପାନ୍ତରଣରେ ବେହୁରିଆଙ୍କର ବ୍ୟାପକ ଅଭିଜ୍ଞତା ନାଲ୍‌କୋର ବିଭିନ୍ନ ପ୍ରକଳ୍ପ ଏବଂ ପରିଚାଳନା ପଦକ୍ଷେପଗୁଡ଼ିକ ନିମନ୍ତେ ସହାୟତା ପ୍ରଦାନକରିବା ସହ ଅନେକ କ୍ଷେତ୍ରରେ ଉତ୍କର୍ଷ ଏବଂ ନବସୃଜନ ଆଣିବ। ନିର୍ଦ୍ଦେଶକ (ଅର୍ଥ) ଭାବେ ତାଙ୍କର ଯୋଗଦାନ ନାଲ୍‌କୋ ବୋର୍ଡକୁ ଆହୁରି ଦୃଢ଼ୀଭୂତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

# ଜିଓ ବ୍ଲାକ୍‌ରକ୍‌କୁ ସେବିର ଅନୁମୋଦନ

ଭୁବନେଶ୍ୱର,୧୧।୬

ଜିଓ ବ୍ଲାକ୍‌ରକ୍ ନିବେଶ ପରାମର୍ଶଦାତା ପ୍ରାଇଭେଟ୍ ଲିମିଟେଡ୍ ଭାରତରେ ଏକ ନିବେଶ ପରାମର୍ଶଦାତା ସଂସ୍ଥା ଭାବେ ବ୍ୟବସାୟ ଆରମ୍ଭ କରିବା ପାଇଁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଏବଂ ବିଏସ୍‌ଇ ଲିମିଟେଡ୍‌ଠାରୁ ଅନୁମୋଦନ ଲାଭ କରିଛି। ଅପରପକ୍ଷରେ ଜିଓବ୍ଲାକରକ ନିବେଶ ପରାମର୍ଶଦାତା ପ୍ରାଇଭେଟ୍ ଲିମିଟେଡ୍ ହେଉଛି ଜିଓ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ (ଜେଏଫ୍‌ଏସ୍‌ଏଲ୍) ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବ୍ଲାକରକ ଇଙ୍କର ଏକ ମିଳିତ ଯୌଥ ଉଦ୍ୟୋଗ। ବିଶ୍ୱସ୍ତରରେ ଆର୍ଥିକ ସେବା ପ୍ରଦାନ କ୍ଷେତ୍ରରେ ଦୀର୍ଘ ୨୫ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ମାର୍କ ପିଲଗ୍ରେମ୍‌ଙ୍କୁ କମ୍ପାନୀର ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ମେ ୨୭ରେ ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦେଶରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ ପାଇଁ ସେବି ଅନୁମୋଦନ ଲାଭ କରିଥିଲା। ଏ ସମ୍ପର୍କରେ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ହିତେଶ ସେଠିଆ କହିଛନ୍ତି, ଆମେ ଘୋଷଣାକରି ଖୁସି ଯେ ଜିଓବ୍ଲାକରକ ନିବେଶ ପରାମର୍ଶଦାତାଙ୍କୁ ନିୟାମକ ଅନୁମୋଦନ ମିଳିଛି, ଯାହା ବ୍ଲାକରକ୍ ସହିତ ଆମର ସହଭାଗିତାରେ ଏକ ମାଇଲଖୁଣ୍ଟ। ଭାରତୀୟ ନିବେଶକମାନେ ବ୍ୟକ୍ତିଗତ ଆର୍ଥିକ ସମାଧାନ ଖୋଜୁଥିବାରୁ ଏହି ମିଳିତ ଉଦ୍ୟମ ବିଶ୍ୱସ୍ତରୀୟ ପରାମର୍ଶଦାତା ସେବାଗୁଡ଼ିକ ଉପଲବ୍ଧ କରାଇବା ସୁନିଶ୍ଚିତ କରିବା। ଆମେ ବିଶ୍ୱାସ କରୁଛୁ ଯେ ଜିଓବ୍ଲାକରକ ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ସ୍ଥାନୀୟ ପ୍ରାସଙ୍ଗିକତା ସହ ନିବେଶକମାନଙ୍କୁ ସଶକ୍ତକରି ଭାରତରେ ସମ୍ପତ୍ତି ସୃଷ୍ଟିର ଭବିଷ୍ୟତକୁ ନୂତନ ଭାବେ ପରିଭାଷିତ କରିବ। ବ୍ଲାକରକ୍‌ର ସିଓଓ ରବ୍ ଗୋଲ୍ଡଷ୍ଟାଇନ୍ କହିଛନ୍ତି, ଭାରତ ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ନିବେଶ ବଜାର ମଧ୍ୟରୁ ଅନ୍ୟତମ। ଜିଓବ୍ଲାକରକ ନିବେଶ ପରାମର୍ଶଦାତାଙ୍କୁ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍‌ର ଉପଲବ୍ଧତା ସହ ବ୍ଲାକରକର ବିଶ୍ୱସ୍ତରୀୟ ନିବେଶ ବିଶେଷଜ୍ଞତା ଏବଂ ବଜାରର ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାରୁ ଲାଭ ମିଳିବ। ଏହି ଅନନ୍ୟ ମିଳିତ ଶକ୍ତି ଆମକୁ ବିଶ୍ୱସ୍ତରୀୟ, ବ୍ୟକ୍ତିଗତ ନିବେଶ ପରାମର୍ଶ ପ୍ରଦାନ କରିବାକୁ ସକ୍ଷମ କରିବ।

# ଚାଷୀଙ୍କଠୁ ଭାରତ ମସଲା କିଣିଲା ୨ଏମ୍‌ଟି ଶୁଖିଲା ଅଦା

ଭୁବନେଶ୍ୱର,୧୧।୬




ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମସଲା ଉଦ୍ୟୋଗ ଭାରତ ମସଲା ନିକଟରେ ଝାରସୁଗୁଡ଼ା ଜିଲାସ୍ଥିତ ଲକ୍ଷଣପୁର ବ୍ଲକ୍‌ର ଚାଷୀମାନଙ୍କଠାରୁ ୨ ମେଟ୍ରିକ ଟନ୍ (ଏମ୍‌ଟି) ଶୁଖିଲା ଅଦା କ୍ରୟ କରିଛି। ଅପରପକ୍ଷରେ କୃଷିଜାତ ଦ୍ରବ୍ୟକୁ ସିଧାସଳଖ କୃଷକମାନଙ୍କଠାରୁ କ୍ରୟକରି କମ୍ପାନୀ ପରୋକ୍ଷରେ ସେମାନଙ୍କୁ ସାହାଯ୍ୟ କରିବା ସହ ପୂର୍ବରୁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଆସୁଛି। ସେହିଭଳି ଚୁକ୍ତିନାମା ଅନୁଯାୟୀ ଭାରତ ମସଲା ଚାଷୀଙ୍କଠାରୁ କୃଷିଜାତ ଦ୍ରବ୍ୟ ସିଧାସଳଖ କ୍ରୟ କରୁଥିଲାବେଳେ ଓର୍‌ମାସ ମଧ୍ୟ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲା। ଉଲ୍ଲେଖଯୋଗ୍ୟ, କୋଇଲି ଗୁରୁର ଫାର୍ମର ସଂସ୍ଥାକୁ ଏଫ୍‌ପିଓ ମାଧ୍ୟମରେ ବୈଷୟିକ ତାଲିମ ଦେଇ ଉନ୍ନତ ମାନର ଶୁଖିଲା ଅଦା (ଜିଞ୍ଜର ଚିପ୍‌ସ) ଉତ୍ପାଦନ କରିବାରେ ଉଭୟ ଓର୍‌ମାସ ଓ ଭାରତ ମସଲା ଆବଶ୍ୟକ ସହାୟତା ପ୍ରଦାନ କରିଥିଲା। ଫଳରେ ଚାଷୀମାନେ ପୂର୍ବରୁ ବିନା ପ୍ରକ୍ରିୟାରେ ଅଦା କେଜି ମାତ୍ର ୪୦ ଟଙ୍କାରେ ବିକ୍ରି କରୁଥିବାବେଳେ ବର୍ତ୍ତମାନ ନୂତନ ପ୍ରକ୍ରିୟାରେ ବହୁ ଅଧିକ ମୂଲ୍ୟରେ ଭାରତ ମସଲାକୁ ଏହା ବିକ୍ରି କରୁଛନ୍ତି।

ଅପରପକ୍ଷରେ ପ୍ରଥମ ଥର ପାଇଁ ଚାଷୀମାନଙ୍କଠାରୁ ଭାରତ ମସଲା ୨ ଏମ୍‌ଟି ଶୁଖିଲା ଅଦା କ୍ରୟ କରିଛି। ତେବେ ଆଗକୁ କମ୍ପାନୀ ୫୦ ଏମ୍‌ଟି ଶୁଖିଲା ଅଦା କ୍ରୟକରିବ ବୋଲି ଆକଳନ କରାଯାଉଥିଲା ବେଳେ ଚାଷୀମାନଙ୍କୁ ଅଧିକ ଅଦାଚାଷ କରିବାକୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବ ବୋଲି ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିପରି କମ୍ପାନୀ ପୂର୍ବରୁ ବାମଡ଼ା, କୁଚିଣ୍ଡା, ଦେବଗଡ଼ ଏବଂ ଗଞ୍ଜାମ ଭଳି କୃଷିଭିତ୍ତିକ ଅଞ୍ଚଳରୁ ଶୁଖିଲା ଲଙ୍କା ସଂଗ୍ରହ କରିଛି। ଏପରିକି ଭାରତ ମସଲା ମଧ୍ୟ ବିଭିନ୍ନ ଜିଲାରୁ ଟମାଟୋ ସଂଗ୍ରହକରି ଚାଷୀମାନଙ୍କୁ ମିଡିଲ ମ୍ୟାନମାନଙ୍କ ଶୋଷଣରୁ ରକ୍ଷାକରିବା ସହ ପରୋକ୍ଷରେ କମ୍ପାନୀ ଅନେକ ପ୍ରକାର ସହଯୋଗ କରିଆସୁଛି। ଏହି ପରିପ୍ରେକ୍ଷୀରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସମେତ ଓର୍‌ମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୯୦୦ କୋଟିର ଋଣ ବିତରଣ

ଭୁବନେଶ୍ୱର,୧୧।୬

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ତଥା ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ୨୦୨୪–୨୫ ଆର୍ଥିକ ବର୍ଷରେ କମ୍ପାନୀ ଗ୍ରାହକଙ୍କୁ ପାରମ୍ପରିକ ବୀମା ଉପରେ ୯୦୦ କୋଟି ଟଙ୍କାର ଋଣ ବିତରଣ କରିଛି। ଫଳରେ ଲୋନ୍ ଏଗେନ୍‌ଷ୍ଟ ପଲିସି ବା ବୀମା ଉପରେ ଋଣ ଫିଚର ଖୁବ୍ ଉପଯୋଗୀ ହୋଇପାରିଛି। କାରଣ ଏହା ଗ୍ରାହକଙ୍କୁ ସେମାନଙ୍କର ଦୀର୍ଘାବଧି ସଞ୍ଚୟ ଯୋଜନାକୁ ପ୍ରଭାବିତ ନ କରି ତରଳତା ପ୍ରଦାନ କରିଥାଏ। ୨୦୨୪–୨୫ ଆର୍ଥିକ ବର୍ଷରେ କମ୍ପାନୀ ୪୨,୭୦୦ରୁ ଅଧିକ ଗ୍ରାହକଙ୍କୁ ଏଭଳି ଋଣ ବିତରଣ କରାଯାଇଛି। ବୀମା ଉପରେ ଋଣ ପାଇବା ପାଇଁ ପ୍ରକ୍ରିୟା ଶୀଘ୍ର ଓ ପେପରଲେସ୍ ରହିଛି। ୨୦୨୪–୨୫ ଆର୍ଥିକ ବର୍ଷରେ ୯୮%ରୁ ଅଧିକ ଋଣ କେବଳ ୨୪ ଘଣ୍ଟା ମଧ୍ୟରେ ବିତରଣ କରାଯାଇଥିଲା। ଏପରିକି ଗ୍ରାହକମାନେ ଋଣ ପାଇଁ ଆବେଦନ କରିବା ଲାଗି କମ୍ପାନୀ ୱେବ୍‌ସାଇଟ କିମ୍ବା ଆମର ମୋବାଇଲ ଆପ୍‌ର ବ୍ୟବହାର କରିପାରିବେ । ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଅମିଶ ବଙ୍କର କହିଛନ୍ତି, ଜୀବନ ବୀମା ହେଉଛି ଏକ ଦୀର୍ଘାବଧି ଉତ୍ପାଦ ଏବଂ ଗ୍ରାହକମାନେ ବୀମା ଅବଧି ସମୟରେ ତରଳତା ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇପାରନ୍ତି। ବୀମା ଉପରେ ଋଣ ସୁବିଧା ବିନା ବାଧାରେ ଆର୍ଥିକ ସଞ୍ଚୟ ଯୋଜନାକୁ ଟ୍ରାକ୍‌ରେ ରଖିବା ସୁନିଶ୍ଚିତ କରିପାରେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ରାହକମାନେ ବୀମା ସରେଣ୍ଡର ଭାଲ୍ୟୁର ୮୦% ପର୍ଯ୍ୟନ୍ତ ରାଶି ଋଣ ଭାବେ ପାଇପାରିବେ। ୨୦୨୪–୨୫ ଆର୍ଥିକ ବର୍ଷରେ ଋଣ ବିତରଣ କ୍ଷେତ୍ରରେ ବାର୍ଷିକ ଆଧାରରେ ୬୦% ବୃଦ୍ଧି ହେବା ସହ ଆମେ ଆମର ଗ୍ରାହକଙ୍କ ମଧ୍ୟରେ ବୀମା ଉପରେ ଋଣ ସୁବିଧାକୁ ଆପଣାଇବାରେ ଏକ ବୃଦ୍ଧିର ସାକ୍ଷୀ ହୋଇଛୁ। ଏହି ପାଣ୍ଠିକୁ ପ୍ରିମିୟମ ପଇଠ କରିବା ପାଇଁ ମଧ୍ୟ ଉପଯୋଗ କରାଯାଇପାରିବ,ଯାହା ବୀମାର ନିରନ୍ତରତା ଓ ଏହାର ଲାଭଗୁଡିକୁ ସୁନିଶ୍ଚିତ କରିଥାଏ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଆସିକା/ଭଞ୍ଜନଗର/ଗୋପାଳପୁର,୧୧।୬
(ସୁରେନ୍ଦ୍ର ନାଥ ସାହୁ/ ବାବୁଲା ପ୍ରଧାନ/ ନବୀନ ରାଜ ଆଚାରୀ):

ଆସିକା ବ୍ଲକ ମିଶନ ଶକ୍ତି ଭବନଠାରେ ବୁଧବାର ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲିପିନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । ସିଡିପିଓ ଇନ୍ଦିରା ମହାପାତ୍ର, ଆସିକା ଡାକ୍ତରଖାନାର ଅଧୀକ୍ଷକ ଡା. ବାଲଗୋପାଳ ବେହେରା, ବିଧାୟକ ପ୍ରତିନିଧି ସମ୍ବିତ ପାଢୀ, ଜୀବୀକା ମିଶନ ବିପିଏମ ଅନିତା ମହାରଣା, ତହସିଲର ବିଭାଗୀୟ ଅଧିକାରୀ କିରଣ କୁମାର ପାଢୀ, ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ କିରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେଞ୍। କାର୍ଯ୍ୟକ୍ରମରେ ବ୍ଲକର ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ପ୍ରସ୍ତୁତ ପାରମ୍ପରିକ ଖାଦ୍ୟ ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ମା ବାଙ୍କେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠି ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତା ଲାଗି ଯୋଗ୍ୟ ବିବେଚିତ ହୋଇଛି।

ଭଞ୍ଜନଗର ବ୍ଲକ ମିଶନ ଶକ୍ତି ଭବନରେ ମଙ୍ଗଳବାର ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାକୁ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।ଫାଷ୍ଟଫୁଡ ସ୍ୱାସ୍ଥ୍ୟ ପାଇଁ ଖରାପ। ତେଣୁ ପାରମ୍ପରିକ ଖାଦ୍ୟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପାରମ୍ପରିକ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ବିଧାୟକ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସିଡିପିଓ ମିଲିମା କୁମାରୀ ପଣ୍ଡା, ଜିଲା ପରିଷଦ ଏମପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସରପଞ୍ଚ ପ୍ରତିନିଧି ସୁବାଷ ବରାଡ, ବ୍ଲକ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର, ଅବସରପ୍ରାପ୍ତ ତହସିଲଦାର ପ୍ରମୋଦ ଦଳବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ରଙ୍ଗେଇଲୁଣ୍ଡା ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ବୁଧବାର ବ୍ଲକ ପରିସରରେ ଥିବା ସଦଭାବନା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡ଼ିଓ ବିଶ୍ୱଜିତ ରାୟ, ଏସ୍‌ବିଆର ମହାବିଦ୍ୟାଳୟ ସହକାରୀ ପ୍ରଫେସର ଡ଼.ନମିତା କୁମାରୀ ମହାପାତ୍ର, ସିଡିପିଓ ସଂଘମିତ୍ର ମିଶ୍ର, ଡିପିଏମ୍ ସନ୍ତୋଷ ରଥ, ଏସଡିପିଓ ଶାନ୍ତି ସୁଧାକର ପଟ୍ଟନାୟକ, ଡିପିସି ଜୟ କୃଷ୍ଣ ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିପିଏମ ସୋନାଲି ପ୍ରିୟଦର୍ଶିନୀ ସଭାପତିତ୍ୱ କରିଥିଲେ। ୩୨ ପଞ୍ଚାୟତର ୩୨ଟି ଏସଏଚ୍‌ଜି ଗ୍ରୁପର ସଦସ୍ୟ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତି କରି ପ୍ରଦର୍ଶନ କରିଥିଲେ। ବଡ଼ କୁସ୍ତଳୀ ଗ୍ରାମ ପଞ୍ଚାୟତର ଓଁ ସାଇ ନାଥ ଏସଏଚଜି ପ୍ରଥମ ହୋଇଥିବା ବେଳେ ତୁରାର ତୁଳସୀ ଏସଏଚଜି ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମକୁ ୫ ହଜାର ଓ ଦ୍ୱିତୀୟକୁ ୪ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁବାର ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ହୋଇଥିବା ଏସଏଚଜି ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଏସଡିସି ଦୟାନିଧି ବେହେରା, ବିଏଲସି ପବିତ୍ର ଦୋରା, ସମସ୍ତ ପଞ୍ଚାୟତ ଏମବିକେ ଓ ଅନ୍ୟମାନେ ସହଯୋଗ କରିଥିଲେ।


## EKLAVYA MODEL RESIDENTIAL SCHOOL
KUCHINDA, DIST.: SAMBALPUR (768222), ODISHA

**SHORT TENDER CALL NOTICE FOR HIRING OF VEHICLE**

Letter No. 281 Date: 12.06.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.: Sambalpur Odisha.

**Tender Details:**
- Tender issue Date: 13.06.2025
- Last date for submission: 30.06.2025
- Tender forms and terms & conditions can be obtained from the school website **https://emrskuchinda.com** or office during working hours.
- Date and time of opening of tender documents - Intimated later on.

Interested parties may submit their sealed quotations with all required documents to the Principal, EMRS Kuchinda, Dist.: Sambalpur Odisha by the due date.
Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

**Principal, EMRS Kuchinda, Samablpur**


# ଗଞ୍ଜାମ ଏନ୍‌ଏସି ଯୁବ ବିଜେଡି ବନ୍ଧୁ ମିଳନ

ଗଞ୍ଜାମ,୧୧।୬ (ବିଦ୍ୟାଧର ସାହୁ) ଗଞ୍ଜାମ ଏନ୍‌ଏସି ଯୁବ ବିଜେଡି ଗୋଷ୍ଠୀଙ୍କ ପକ୍ଷରୁ ସହର ସ୍ଥିତ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ବୁଧବାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ସ୍ୱେଚ୍ଛାସେବୀ ତଥା ଯୁବ ବିଜେଡି ସୁଧୀର ପାତ୍ରଙ୍କ ନେତୃତ୍ୱରେ ଏହି ବନ୍ଧୁମିଳନ ଆୟୋଜନ ହୋଇଥିଲା। ଏଥିରେ ସୁଦାମ ଚରଣ ଜେନାଙ୍କ ସଭାପତିତ୍ୱରେ କରିଥିଲେ। ବର୍ତ୍ତମାନ ଗଞ୍ଜାମ ସହରର ବିକାଶ ଓ ଉନ୍ନୟନ କାର୍ଯ୍ୟ ଗତ ତିନି ବର୍ଷ ହେବ ଠପ ହୋଇଯାଇଥିବା ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସମସ୍ତେ ଏକଜୁଟ ହୋଇ ଏକ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ସମସ୍ତଙ୍କ ମତ ଲୋଡ଼ିଥିଲେ ସୁଧୀର। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୱାର୍ଡ ନଂ ୧୦ କାଉନସିଲର ସୁଜାତା ମହାନ୍ତି, ୱାର୍ଡ ନଂ ୪ ସବିତା ବେହେରା, ୱାର୍ଡ ନଂ ୮ ମହାଲକ୍ଷ୍ମୀ ନାୟକ, ୱାର୍ଡ ନଂ ୧୨ ପି.ଚନ୍ଦ୍ରଶେଖର ରେଡି, ୱାର୍ଡ ନଂ ୯.କାଉନସିଲର ସ୍ୱାଗତ ଆଶିଷ ନାୟକ, ପୂର୍ବତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ସାହୁ, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକ, ବରିଷ୍ଠ ନେତା ସୁଦାମ ଚରଣ ଜେନା, ଶ୍ରମିକ ୟୁନିୟନ ନେତା ପ୍ରଣବ ପ୍ରଧାନ, ପ୍ରତୀକ ରାଉଳ, ପୂର୍ବତନ ସାଂସଦ ପ୍ରତିନିଧି ସୁଦାମ ଚରଣ ପଲାଇ, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ବୟୋଜ୍ୟେଷ୍ଠ ନେତା ନବ ପଣ୍ଡା, ଯୁବ ନେତା ଅଶୋକ ପଲାଇ, ଧରଣୀ ସାହୁ, ବିଶ୍ୱଭୂଷଣ ଦଳାଇ, ମନୋଜ ପ୍ରଧାନ, ପପି ମହାଲୁଡ, ନିରଞ୍ଜନ ପରିଡା, ବିଭୁତି ପଲାଇଙ୍କ ସମେତ ଶତାଧିକ ଯୁବ କର୍ମୀ ଉପସ୍ଥିତ ଥିଲେ।

# ରଞ୍ଜନ ବ୍ରହ୍ମପୁର ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ମନୋନୀତ

ଗଞ୍ଜାମ,୧୧।୬(ବିଦ୍ୟାଧର ସାହୁ)

ରାମଗଡ଼ ପଞ୍ଚାୟତ ପ୍ରୟାଗି ଗ୍ରାମର ରଞ୍ଜନ କୁମାର ତରାଇ ବ୍ରହ୍ମପୁର ଏମ୍‌ପିଙ୍କ ଗଞ୍ଜାମ ବ୍ଲକ ପ୍ରତିନିଧି ମନୋନୀତ ହୋଇଛନ୍ତି। ରଞ୍ଜନ ଭାଜପାର ଜଣେ ଟାଣୁଆ ଯୁବ ସଂଗଠକ। ଏମ୍‌ପି ପ୍ରତିନିଧି ଘୋଷଣା ହେବା ପରେ ବ୍ଲକ୍‌ର ସବୁ ପଞ୍ଚାୟତର ବିଭିନ୍ନ ଗ୍ରାମ ଗୁଡ଼ିକର କିଭଳି ଉନ୍ନୟନ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହ ଦଳର ସମସ୍ତଙ୍କ ସହ ସୁସମ୍ପର୍କ ରଖି କାମ କରିବେ ବୋଲି କହିଛନ୍ତି। ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ଏବଂ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପର୍ଯ୍ୟଟକଙ୍କୁ ମାଡ଼ମାରି ଲୁଟ୍ ଘଟଣା, ୫ ଗିରଫ

ଫୁଲବାଣୀ,୧୧।୬ (ରାକେଶ କୁମାର ରାଉତ) ଫୁଲବାଣୀ ପୁଟୁଡ଼ି ଜଳପ୍ରପାତ ବୁଲିବା ପାଇଁ ଆସିଥିବା ପର୍ଯ୍ୟଟକଙ୍କୁ ମାଡ଼ମାରି ଟଙ୍କା ଓ ଜିନିଷ ଛଡ଼ାଇ ନେବା ଘଟଣାରେ ସଦର ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଘଟଣାର ମାଷ୍ଟର ମାଇଣ୍ଡ ସମେତ ଆଉ କେତେଜଣ ବାହାରେ ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସଦର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ଶୁଭଜିତ ବିଶ୍ୱାଳ ସୂଚନା ଦେଇଛନ୍ତି। ଗିରଫ ଯୁବକମାନଙ୍କ ପାଖରୁ ମାରଣାସ୍ତ୍ର ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ରବିବାର ବାହାର ରାଜ୍ୟର କେତେଜଣ ବ୍ୟକ୍ତି ଫୁଲବାଣୀ ବ୍ଲକ ଅନ୍ତର୍ଗତ ପୁଟୁଡ଼ି ଜଳପ୍ରପାତକୁ ବୁଲିବା ପାଇଁ ଆସିଥିଲେ। ଅପରାହ୍ନରେ ସେମାନେ ଫେରିବା ବେଳେ ବାଟରେ କାର୍ ଖରାପ ହୋଇଯାଇଥିଲା। ସେଠାରେ ସାହାଯ୍ୟ ପାଇଁ ସେମାନେ ଅପେକ୍ଷା କରିଥିବା ବେଳେ କେତେଜଣ ଯୁବକ ଆସି ସେମାନଙ୍କୁ ମାଡ଼ ମାରି ଟଙ୍କା ଓ ଜିନିଷପତ୍ର ଛଡ଼ାଇ ନେଇଥିଲେ। ଏହି ପର୍ଯ୍ୟଟକ ଆସି ଗାଉନ ଥାନା ଓ ସଦର ଥାନାରେ ସୂଚନା ଦେଇଥିଲେ। ସୂଚନା ପାଇ ସଦର ପୋଲିସ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲା। ଏସପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ୩ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।


## ପୂର୍ବ ତଟ ରେଳପଥ

ଫାଇଲ ନଂ-DRM/Engg/KUR/25-26/E-Tender/25,ତା.09.06.2025ରିଖ

ଟେଣ୍ଡର ସଂ.e-tender-EASTKUR-55-2025,ତା.28.05.2025ରିଖ

[illegible] 57.72 ଲକ୍ଷ, EMD 1,15,500/- [illegible] 06 ମାସ [illegible] 20.06.2025 [illegible] 1500 [illegible] www.ireps.gov.in [illegible]

PR-221/Q/25-26



## DISTRICT PROJECT MANAGEMENT UNIT, (PM-POSHAN), ANGUL
(DISTRICT EDUCATION OFFICE, ANGUL)

No. 3851/MDM/ Date.10.06.2025

**TENDER CALL NOTICE**

**(Engagement of Manpower Service Providing Agency for providing Programmer-cum- Accountant and Data Entry Operators)**

Sealed tenders are invited from Registered Manpower Service Providing Agencies to provide 1no's of Programmer-cum-Accountant and 9 no's of Data Entry Operators (DEOs) for **PM-Poshan Scheme** who are to be engaged at Programmer-cum- Accountant at DPMU and 8 Data Entry Operators at BEO offices at Block HQ & 1 Data Entry Operators at DPMU, **PM- Poshan**, Angul respectively for a period of one year. The interested Bidders shall submit the technical & Financial Bid along with tender paper cost of Rs.5,000/- (non-refundable) latest by **05.07.2025 (04.00 P.M.)** at the Office of the District Education Officer, Angul. Tender Papers shall be opened on **10.07.2025 at 03:00 P.M.** the Office Chamber of the Collector & District Magistrate, Angul. For detailed terms & conditions kindly visit district website **https://angul.odisha.gov.in**. The authority reserves the right to reject any or all tenders without assigning any reason thereof.

**By order of the Collector-cum-Chairman (MDM) Angul**

**Sd./- District Education Officer-cum-District Nodal Officer (MDM) Angul**



## जिला दण्डाधिकारी एवं उपायुक्त का कार्यालय, पूर्वी सिंहभूम, जमशेदपुर
(जिला योजना)

**Expression of Interest (EOI)**

पूर्वी सिंहभूम जिला अंतर्गत Project Aamdani – Food Cart for Transgender and Women in East Singhbhum District (JNAC, Mango Nagar Nigam and Jugsalai Nagar Parishad) से संबंधित Expression of Interest (EOI) इच्छुक प्रतिष्ठित फर्म / संस्थान से दर आमंत्रित किया जाता है।

इच्छुक प्रतिष्ठित फर्म / संस्थान दिनांक–25.06.2025 के अपराह्न 01:00 बजे तक जिला योजना कार्यालय, पूर्वी सिंहभूम (समाहरणालय जमशेदपुर) में Expression of Interest (EOI) जमा कर सकते हैं। इस संबंध में विस्तृत विवरणी पूर्वी सिंहभूम जिला के वेबसाईट https://jamshedpur.nic.in पर देखा जा सकता है।

जिला योजना पदाधिकारी,
पूर्वी सिंहभूम, जमशेदपुर।

PR 354660 (Planning and Development) 25-26 (D)



## EKLAVYA MODEL RESIDENTIAL SCHOOL
KUCHINDA, SAMBALPUR, ODISHA - 768222

**ADVERTISEMENT**

**APPOINTMENT OF TEACHERS ON CONTRACTUAL BASIS FOR 2025-26**

A Walk-in-Interview will be conducted on 25.06.2025 in the School premises from 7.30 A.M. to 9.00 A.M. (Certificate Verification) and 9.00 onwards Walk-in-Interview in order to prepare a panel of contractual teachers in the following subjects for the academic session 2025-26 for EMRS, Kuchinda (Sambalpur) & EMRS, Kirmira (Jharsuguda). Interested candidates having the requisite qualification may send their Bio-data along with a set of self attested copies of academic qualification certificate with marksheet, experience certificate (if any) on or before 25.06.2025 to the school postal address or to the mail - **emrskuchinda2018@gmail.com**

**VENUE OF INTERVIEW: AT EMRS, KUCHINDA, SAMBALPUR**

| Sl. No. | Name of Post | Consolidated Pay per Month | Qualification | Age Limit |
|---|---|---|---|---|
| 1. | PGT (History)<br>PGT (Economics)<br>PGT (Geography)<br>For both the Schools | Per Period Rs.320/- & restricted to 45000/- | MA in concerned subject with at least 50% marks from any recognized University/ Institute with B.Ed. or equivalent & proficiency in teaching in Hindi and English. | 62 years |
| 2. | PET (Male)<br>For EMRS Kirmira | Per Period Rs.300/- & restricted to 42000/- | Bachelor's Degree in Physical Education from a recognized institute/university | 62 years |

**NOTE:**
1. Preference will be given to the eligible candidates having knowledge and experience of Computer application.
2. No TA & DA will be paid for attending interview.
3. Remuneration and working hours as per EMRS norms.
4. A set of photo copies of all original certificate and mark sheets should be submitted at the time of interview.
5. Candidates are requested to report for certificate verification and submission of testimonial at 7.30 A.M.

**PRINCIPAL**



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁରୁଗାଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ସତ୍ୟମେବ ଜୟତେ

## ଫର୍ମ ନଂ. ଏସ୍‌ଟିକେ-୭
## ସର୍ବସାଧାରଣ ବିଜ୍ଞପ୍ତି

[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୧) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୭/୨୪୮(୧)/୨୦୨୫-୨୬/୪୦୯ ତାରିଖ: ୦୩।୦୬।୨୦୨୫

ସନ୍ଦର୍ଭ: (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ଓ୍ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବିଏଡ଼ି୬୬୩୩ | ୟୁ୦୧୪୦୦ଓଆର୨୦୧୧ପିଟିସି୦୧୩୭୦୦ | ମୋ ଚାଷୀ ଭାଇ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ |
| ୨ | ଏବିଏଡ଼ି୫୯୬୬ | ୟୁ୪୫୨୦୦ଓଆର୨୦୨୦ପିଟିସି୦୩୪୫୭୬ | ସେଜଲ୍ ନାଇନ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବିଏଡ଼ି୬୨୦୫ | ୟୁ୭୪୯୯୯ଓଆର୨୦୧୮ପିଟିସି୦୨୭୭୩୩ | କୋଲଟେକ୍ ଗାର୍ଡେନ୍ ମେଣ୍ଟେନାନ୍ସ ପ୍ରାଇଭେଟ୍ ଲିମିଟେଡ୍ |

[illegible]

ରଜନ ତିର୍କି, ସହକାରୀ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0241/2526



## HDFC BANK — We understand your world
## AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 19-Jun-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75693369 | RAJANIKANTA MISHRA | 405500 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 2 | 73460498 | JAYANTA SAHU | 130782 | |
| 3 | 75120655 | RATIKANTA BAIDHANK | 50000 | |
| 4 | 74622028 | NAMRATA MOHARANA | 26000 | |
| 5 | 74602375 | MANJEET SINGH | 107100 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 6 | 75593090 | TAPAN KUMAR DEHURY | 28900 | |
| 7 | 75702406 | AJIT BHOI | 96100 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 8 | 75139955 | SUMITRA GARNAYAK | 67700 | |
| 9 | 75540302 | SIMARANI BISWAL | 32100 | |
| 10 | 75421160 | DIPAK KUMAR SAHOO | 287400.00 | |
| 11 | 75251615 | SATYANANDA BEHERA | 284000.00 | |
| 12 | 75706569 | ANSUMAN MAITY | 46500 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 13 | 74752638 | PRASANT KUMAR NAYK | 26920 | HDFC BANK LTD, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 14 | 75286203 | JHUNU PADHI | 32000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 15 | 74886060 | AJIT KUMAR SAHU | 138500 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 16 | 5020004 8332481 | SATYAPRIYA PRADHAN | 212031.82 | |
| 17 | 75686859 | MITALI DUTTA | 286800.00 | |
| 18 | 75647572 | MOHAMMAD RIZWAN | 550000 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 19 | 75117096 | BANAMBER MOHANTY | 73500 | |
| 20 | 75467299 | SRIKANTA SWAIN | 42600 | HDFC BANK LTD, CHANDVALI CHOWK, ATHGARH-754029 |
| 21 | 75139527 | DHIREN MOHAPATRA | 100500 | HDFC BANK LTD, DHIPASAHI, STATION ROAD, BARIPADA-757001 |
| 22 | 75423140 | SK AZHAR UDDIN | 281100 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 23 | 75629450 | RAJKISHORE PARIDA | 178800 | |
| 24 | 75218668 | RAJKISHORE PARIDA | 177400 | |
| 25 | 75389211 | RAJKISHORE PARIDA | 129000 | |
| 26 | 75448638 | RAJKISHORE PARIDA | 108800 | |
| 27 | 75839013 | RATNAKAR MALLICK | 85200 | |
| 28 | 75760219 | CHARULATA JENA | 40800 | |
| 29 | 75235520 | LINGARAJ RANA | 35200 | |
| 30 | 75808800 | CHARULATA JENA | 34300 | |
| 31 | 75601188 | MD SAHIL KHAN | 26000 | |
| 32 | 75137526 | DHANANJAYA SAHOO | 105000.00 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 33 | 75133359 | DILESWARI SAHU | 48300 | |
| 34 | 73992698 | SOUMYA MOHANTA | 31200 | |
| 35 | 75111985 | LITU MUDULI | 29000 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, KALPANA SQUARE, BHUBANESWAR-751006 |
| 36 | 74534348 | ANIL KUMAR MALLICK | 61200 | HDFC BANK LTD, GANESH TALKIES SQUARE, NIMAPARA, PURI-752106 |
| 37 | 74553081 | MANOJ NAYAK | 19500 | |
| 38 | 74464271 | ANIL KUMAR MALLICK | 14200 | |
| 39 | 75436201 | K RAMESH CHOUDHARY | 187800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 40 | 75136649 | SUBRAJA KISHOR ROUT | 54900 | HDFC BANK LTD, GHASIPURA, ANANDPUR, KEONJHAR -758015 |
| 41 | 465332758 | NIBA BISHOYI | 846000 | HDFC BANK LTD, GRD. FLOOR, MAIN ROAD, OLD CINEMA HALL CHAKA, NEAR UNION BANK-II, HINJILICUT, GANJAM-761102 |
| 42 | 75136090 | GOLAKHA CH MALIK | 51000 | HDFC BANK LTD, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 43 | 75091216 | SUNIL SAHU | 16500 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 44 | 75593676 | S AJITKUMAR PATRA | 44500 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 45 | 75111726 | PRADEEP KUMAR PUJARI | 61600 | HDFC BANK LTD, GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 46 | 74415414 | SRIMANTA MAITY | 49800 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 47 | 74877651 | JYOTIRANJAN PRADHAN | 51000 | HDFC BANK LTD, GROUND FLOOR, RAJENDRA VIHAR APPARTMENT, BLOCK- D, FOREST PARK, BHUBANESWAR-751009 |
| 48 | 75391107 | MANJULA SAHU | 130000 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 49 | 75396898 | MANJULA SAHU | 80500 | |
| 50 | 75120853 | SANTOSH KUMAR MISHRA | 63700 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 51 | 75033917 | SABIT KUMAR DALIA | 232000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 52 | 75171165 | RAMESH NAIK | 123000 | |
| 53 | 73473197 | RAJ KUMAR DAS | 80620 | |
| 54 | 75823592 | K J MARGARET | 80000 | |
| 55 | 75090752 | BHOLANATH NAYAK | 64000 | |
| 56 | 74896615 | GAYATRI BEHERA | 48000 | |
| 57 | 75322689 | SUJATA SAHU | 41000 | |
| 58 | 75660984 | A KIRANKUMAR REDDY | 41000 | |
| 59 | 75081672 | SURAJA KUMAR JENA | 40000 | |
| 60 | 75705800 | DEEPAK BEHERA | 1116000.00 | HDFC BANK LTD, PLOT NO-6, MAHANADI VIHAR, CUTTACK-753004 |
| 61 | 75564879 | RAJALAXMI SAHOO | 109500 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 62 | 75782112 | SANJAY GOUDA | 99000 | HDFC BANK LTD, HOLDING NO 123/106, WARD NO 11, ASIKA, GANJAM-761110 |
| 63 | 75072518 | BIDYADHAR BEHERA | 96200 | |
| 64 | 75093712 | PRAKASH CHANDRA PRAMANIK | 126000 | HDFC BANK LTD, MAHIPAL, KENDRAPARA-754211 |
| 65 | 75837020 | GOLEKHA CHANDRA ROUT | 111400 | |
| 66 | 75130025 | BHAGABAT ROUT | 96100 | |
| 67 | 75603102 | RABINDRA BEHERA | 65800 | |
| 68 | 74211802 | ANAKAR PALAI | 59895 | |
| 69 | 75125797 | ANNADA KUMAR NAYAK | 50900 | |
| 70 | 75121212 | BAPUJI MALLIK | 42700 | |
| 71 | 75137105 | BABULI RAY | 41000 | |
| 72 | 75318348 | PATITA RAUTA | 200000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 73 | 75596546 | ASHOK KUMAR SAHU | 21000 | |
| 74 | 75126234 | NUTAN BEHERA | 82100 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 75 | 75063711 | JITUN KUMAR NAYAK | 55000 | |
| 76 | 75068326 | PRAMILA BISOI | 53900 | |
| 77 | 75293259 | S RENUKA | 436900 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 78 | 75289199 | D RAJAMANI | 275700 | |
| 79 | 75724705 | LITU PATRA | 1358000.00 | |
| 80 | 75293259 | S RENUKA | 436900.00 | |
| 81 | 75879454 | PRASANTA PRADHAN | 257500.00 | |
| 82 | 75088758 | PHAKIR NAIK | 195000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 83 | 74869751 | NIRAL ENEM HORO | 92000 | |
| 84 | 74313379 | GITANJALI MANGARAJ | 27300 | |
| 85 | 75702968 | ARUN KUMAR SAHU | 314400 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 86 | 75686431 | PRIYANKA PANI | 262000 | |
| 87 | 75273675 | PRASHODINI NAIK | 118400 | |
| 88 | 74340649 | SRIKANTA KUMAR RANA | 71700 | |
| 89 | 74453520 | SRIKANTA KUMAR RANA | 66500 | |
| 90 | 75238682 | GUPTA ADAKATIA | 47100 | |
| 91 | 75331498 | SANJAY KHORA | 27800 | |
| 92 | 75619989 | RUKUNI DEEP | 125000 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 93 | 75078023 | CHINMAYA KISHORE BIDIKA | 162000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 94 | 75426742 | SURYAKANTA NAYAK | 143300 | |
| 95 | 75825287 | DEEPAK KUMAR JENA | 130400 | |
| 96 | 75137744 | NAKULA KHEMUNDU | 103700 | |
| 97 | 75084451 | CHINMAYA KISHORE BIDIKA | 91000 | |
| 98 | 74803401 | SADAN GOUDA | 32000 | |
| 99 | 75079251 | SANTOSH BISOYI | 19600 | HDFC BANK LTD, OPPOSITE TOWN POLICE STATION, PURI-752001 |
| 100 | 75559598 | SANTOSH KUMAR BERIHA | 32600 | HDFC BANK LTD, PARIJAT PALACE COMPLEX, N.A.C. CHHAK, BAUDHGARH, BOUDH-762014 |
| 101 | 75723309 | JAMUNA REDDY | 100400 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 102 | 75447412 | CH BADAL PRUSTY | 297500 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 103 | 75458723 | CH BADAL PRUSTY | 250000 | |
| 104 | 74502237 | PRADYUMNA KUMAR SARANGI | 204000 | |
| 105 | 75660213 | SASMITA SAHOO | 193000 | |
| 106 | 73457181 | MANI SHANKAR DUTTA | 120000 | |
| 107 | 75356625 | SANJAY PRADHAN | 111000 | |
| 108 | 4000079703 | SANJAY PRADHAN | 110000 | |
| 109 | 75657788 | ARCHIT GHARAI | 41000 | |
| 110 | 75273660 | ARCHIT GHARAI | 41000 | |
| 111 | 75100615 | PRAMODANADA MALLIA | 31000 | |
| 112 | 75359542 | CHINMAYEE MANGARAJ | 18300 | |
| 113 | 74726069 | SK MANSOOR | 62800 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 114 | 75277267 | ANADI CHARAN DALAI | 169300 | HDFC BANK LTD, PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 115 | 502000 29556381 | PRADEEP KUMAR SUTAR | 683468.14 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 116 | 463233237 | AMBIKA NAYAK | 361800.00 | |
| 117 | 75702017 | PRALINA MUDULI | 470100 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 118 | 74652740 | RANJIT KUMAR JENA | 379000 | |
| 119 | 75266673 | AMARJIT DAS | 76100 | |
| 120 | 75574046 | NIRANJAN ROUT | 54000 | |
| 121 | 75584785 | BIDYADHARA MOHARANA | 66000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 122 | 75409431 | RAJ KISHOR JAGDEV | 63000 | HDFC BANK LTD, PLOT NO-1903/1000, INFRONT OF NEW BUS STAND, PO-PALLAHATA, KHURDA-752056 |
| 123 | 75064749 | PURSTAM PRADHAN | 20000 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 124 | 75072873 | SULOCHANA KANHAR | 15900 | |
| 125 | 75697103 | KUNTI BEHERA | 80000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 126 | 74518632 | KOUTUKA SAHU | 40000 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 127 | 75844293 | MOHAMMAD JEET | 300100 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 128 | 75250964 | ABHIRAM DAS | 110700 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 129 | 75248117 | MANOJ KUMAR SAMAL | 56900 | |
| 130 | 75257992 | MANOJ KUMAR SAMAL | 38600 | |
| | 75725321 | ANIQUA BEGUM | 110700.00 | |
| 131 | 75288033 | SUNITA KUMARI BEHERA | 774700 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 132 | 75723039 | SUBHASISH NAYAK | 407600 | |
| 133 | 75267301 | RAMA CHANDRA BEHERA | 336400 | |
| 134 | 75356345 | KAILASH CHANDRA SAHU | 294400 | |
| 135 | 75136300 | GYANA PRAKASH ROUT | 96000 | HDFC BANK LTD, VIP PLAZA, VIP ROAD, PURI-752001 |
| 136 | 75779717 | PRADEEPTA DAS | 52000 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the Borrower(s) mentioned above deposit the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 12/06/2025,
Place : ODISHA

Sd/- Authorized Officer,
HDFC BANK LTD.

# ଜିଲ୍ଲାବାସୀଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କରୁଛନ୍ତି ସରକାର

**ଅନୁଗୋଳରେ ଯୋଗାଣ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ**

ଅନୁଗୋଳ,୧୧।୬(ମାନସ ବିଶ୍ୱାଳ)



ଖବରଦାତା ସମ୍ମିଳନୀରେ ରାଜ୍ୟ ଯୋଗାଣ ମନ୍ତ୍ରୀ, ଏମ୍ପି, ବିଧାୟକଙ୍କ ସହ ଅନ୍ୟମାନେ।

ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ନେଇ ଭାଜପା ଡବଲ ଇଞ୍ଜିନ ସରକାର କାର୍ଯ୍ୟକରୁଛି। କୃଷକ, ଶ୍ରମିକ, ଗରିବ, ଯୁବକ ଓ ମହିଳାଙ୍କ ପାଇଁ ଭାଜପା ସରକାର ସମର୍ପିତ। ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ଦିଗରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟରତ। ନିର୍ବାଚନ ସମୟରେ ଭାଜପା ସଂକଳ୍ପପତ୍ରରେ ସ୍ଥାନିତ କରିଥିବା ୧୧ଟି ପ୍ରତିଶ୍ରୁତି ପୂରଣ କରାଯାଇଛି। କେନ୍ଦ୍ର ମୋଦି ସରକାରଙ୍କ ୧୧ ବର୍ଷ ଓ ରାଜ୍ୟରେ ମୋହନ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହା କହିଛନ୍ତି। ଭାଜପା ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଯୋଗାଣ ମନ୍ତ୍ରୀ କହିଥିଲେ, ମୋଦି ସରକାର ସେବାକୁ ସଂକଳ୍ପ, ସୁଶାସନକୁ ସଂସ୍କୃତି, ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛି, ଏହା ହିଁ ନୂଆ ଭାରତ, ଏହା ହିଁ ବିଶ୍ୱର ବିଶ୍ୱାସ। ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲା, ରତ୍ନ ଭଣ୍ଡାର ଖୋଲି ଗଣନା, ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ୫ ବର୍ଷରେ ୫୦ ହଜାର ଟଙ୍କା, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଚାଲୁ କରି ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ, ୨୦୩୬ ପାଇଁ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ, ନିଯୁକ୍ତି, ସବୁ ଜିଲାରେ ଶିଳ୍ପ ଅଭିବୃଦ୍ଧି ପାଇଁ ୧୭ ଲକ୍ଷ କୋଟିର ପୁଞ୍ଜି ନିବେଶ, ଲକ୍ଷାଧିକ ଯୁବକଙ୍କୁ ଆତ୍ମନିର୍ଭର କରିବା, ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବା, ପ୍ରତି ପଞ୍ଚାୟତରେ ଗୋଟିଏ ଆଦର୍ଶ ବିଦ୍ୟାଳୟ, ଆୟୁଷ୍ମାନ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩.୪୬ କୋଟି ଲୋକଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ଚିକିତ୍ସା, ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା, ସବୁ ଜିଲାରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରୟାସ ଆଦି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ରାଜ୍ୟ ସରକାର କରିଛନ୍ତି ବୋଲି ଯୋଗାଣମନ୍ତ୍ରୀ କହିଥିଲେ। ଢେଙ୍କାନାଳ ଏମ୍ପି ରୁଦ୍ର ନାରାୟଣ ପାଣି କହିଲେ, କେନ୍ଦ୍ର ସରକାରଙ୍କ ୧୧ ବର୍ଷରେ ଅପରେସନ ସିନ୍ଦୂର, ଆତଙ୍କବାଦ ଉପରେ କଠୋର କାର୍ଯ୍ୟାନୁଷ୍ଠାନ, ବିଶ୍ୱର ଚତୁର୍ଥ ଅର୍ଥନୀତି, ଡିବିଟି ମାଧ୍ୟମରେ ୫୫ କୋଟି ଗରିବ ଲୋକଙ୍କୁ ଆର୍ଥିକ ସହାୟତା, ୨୭ କୋଟି ଲୋକଙ୍କୁ ଗରିବରୁ ମୁକ୍ତି, ରାଜପଥ, ରେଳପଥ, ଆକାଶ ପଥ ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ତ୍ୱରାନ୍ୱିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଜିଲା ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିକାଶମୂଳକ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

ଅନୁଗୋଳ,୧୧।୬ (ମାନସ ବିଶ୍ୱାଳ)

ରାଜ୍ୟ ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଗୋଳ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବୁଧବାର ସମୀକ୍ଷା କରିଛନ୍ତି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ଓ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଅନୁଗୋଳ ସହରସ୍ଥିତ ସର୍କିଟ ହାଉସଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ପାତ୍ର ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଲୋକମାନଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିକାଶମେଳାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ବିଷୟରେ ଅବଗତ କରାଇଥିଲେ। ଚଳିତ ମାସ ୧୨ ତାରିଖରୁ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଏହି ବିକାଶ ମେଳା ଅନୁଷ୍ଠିତ ହେବ। ଓରମାସ ତରଫରୁ ୨୫ ଗୋଟି ଓ ମିଶନ ଶକ୍ତି ତରଫରୁ ୨୫ ଷ୍ଟଲ କରାଯିବ। ଏହି ସମୀକ୍ଷା ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ସମ୍ବଲପୁର ଏମ୍ପିଙ୍କ ପ୍ରତିନିଧି ସୁଦୀପ ଗଡନାୟକ, ଢେଙ୍କାନାଳ ଏମ୍ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିହାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତି, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରାଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୧୧।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ଅଙ୍ଗପଡା ଗ୍ରାମର ସତ୍ୟବାଦୀ ନାୟକଙ୍କୁ ସେହି ଗ୍ରାମର ବିଦେଶୀ ନାୟକ ଟାଙ୍ଗିଆରେ ଆକ୍ରମଣ କରିଥିବା ସତ୍ୟବାଦୀ କିଶୋରନଗର ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୬୫/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, କୋଠ ଘର ନିର୍ମାଣ ପାଇଁ ସତ୍ୟବାଦୀଙ୍କ ଶ୍ୱଶୁର ଜମି ଯୋଗାଇ ଦେଇଥିବାବେଳେ ଏହାକୁ ନେଇ ବିଦେଶୀ ଗଣ୍ଡଗୋଳ କରିଥିଲେ। ପରେ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଅନୁଗୋଳ,୧୧।୬(ମାନସ ବିଶ୍ୱାଳ)

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଅନୁଗୋଳ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଜିଲା ପରିଷଦ ସମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ୭ଟି ବ୍ଲକରୁ ୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ଅନ୍ତର୍ଗତ ଓମ୍‌ସାଇ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ଅନୁଗୋଳ ବ୍ଲକ ବନିଆବାହାଲ ୱାର୍ଡ ନମ୍ବର ୯ରେ ନାରୀଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ, ବଣ୍ଡରପାଳ ବ୍ଲକ କୁମଣ୍ଡ ପଞ୍ଚାୟତର ମା' ସନ୍ତୋଷୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଥିଲା। ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ମାନପତ୍ର ଓ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସାମାଜିକ ସୁରକ୍ଷା ବୋର୍ଡ ଯୋଜନାରେ କଳାକାରଙ୍କୁ ପଞ୍ଜୀକୃତ

ପବିତ୍ରନଗର,୧୧।୬(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଝରାବେରେଣୀ କଲ୍ୟାଣମଣ୍ଡପ ଠାରେ ଜିଲା ଶ୍ରମ କାର୍ଯ୍ୟାଳୟ ଦ୍ୱାରା ବ୍ଲକ କଳା ସଂସ୍କୃତି ସଂଘ କଳାକାରଙ୍କୁ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ତରଫରୁ ଅଣସଂଗଠିତ ଶ୍ରମିକଙ୍କ ନିମନ୍ତେ ସାମାଜିକ ସୁରକ୍ଷା ବୋର୍ଡ ଯୋଜନାରେ ପଞ୍ଜୀକରଣ କରି ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଶ୍ରମ ଅଧିକାରୀ ବିପୁଲ ସୁନ୍ଦର ସାହୁ ଉପସ୍ଥିତ ରହି ହିତାଧିକାରୀମାନେ ସମସ୍ତ ପ୍ରକାର ସୁବିଧା କିପରି ପାଇପାରିବେ ତାହା ବୁଝାଇଥିଲେ। କଳାକାର ସଂଘ ପକ୍ଷରୁ ଏଥିପାଇଁ ସରକାରଙ୍କୁ ଜିଲା କଳାକାର ସାମୁଖ୍ୟ ସଭାପତି ନବଘନ ସାମଲ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ଶତାଧିକ ଦଳପତି ଓ ବରିଷ୍ଠ କଳାକାର ଯୋଗ ଦେଇଥିଲେ।ଶାନ୍ତିଲତା ଦାଶ, ନୟନ ଦେହୁରୀ, ମଲ୍ଲିରାଣୀ ସାହୁ, ଛବିଳ ସାହୁ, ଅନିତା ସାହୁ, ବିଜୟ ସାହୁ, ଯଶସିନୀ ସାହୁ, କ୍ଷୀରୋଦ ସାହୁ, ଶରତ ସାହୁ, ପ୍ରମୋଦ ସାହୁ, ଅଲେଖ ସାହୁ, ପ୍ରହ୍ଲାଦ ନାଏକ, ଶରତ ସାହୁ ପ୍ରମୁଖ ଅନେକ ବରିଷ୍ଠ କଳାକାର ଉପସ୍ଥିତ ଥିଲେ।

## ଜିନ୍ଦଲ କୃଷି ସେବା କାର୍ଯ୍ୟକ୍ରମ ଆରମ୍ଭ

ଅନୁଗୋଳ,୧୧।୬(ମାନସ ବିଶ୍ୱାଳ)


ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜିନ୍ଦଲ କୃଷି ସେବା ଆରମ୍ଭ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି।

ଅନୁଗୋଳ ଜିଲାରେ ପ୍ରାକୃତିକ କୃଷି ଏବଂ ରାସାୟନିକ ସାର ଓ କୀଟନାଶକମୁକ୍ତ କୃଷି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ହରିୟାଣା କୁରୁକ୍ଷେତ୍ରର ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରୁ ଅନୁପ୍ରାଣିତ ହୋଇ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ 'ଜିନ୍ଦଲ କୃଷି ସେବା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ସବୁଜ ପତାକା ଦେଖାଇ ଏକ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ ଭ୍ୟାନ୍‌ର ଶୁଭାରମ୍ଭ କରିବା ସହିତ ଏହି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଅନୁଗୋଳ ଜିଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅମ୍ବର ଲୁବୁନ, ନାବାର୍ଡ ଜିଲା ଉନ୍ନୟନ ପରିଚାଳକ ଆଶୁତୋଷ ରାୟ ପ୍ରମୁଖ ବୈଜ୍ଞାନିକ ଏବଂ କେଭିକେ ଅନୁଗୋଳର ମୁଖ୍ୟ ଦେବାଶିଷ ମିଶ୍ର, ଜେଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ, ସିଏସ୍‌ଆର୍ ଏବଂ ଶିକ୍ଷାର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ ପ୍ରଶାନ୍ତ କୁମାର ହୋତାଙ୍କ ସହିତ ୩ ଶହରୁ ଅଧିକ ଚାଷୀ, ସରକାରୀ ଅଧିକାରୀ ଏବଂ କୃଷି ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଶାଲୁ ଜିନ୍ଦଲ କହିଥିଲେ, ଜିନ୍ଦଲ କୃଷି ସେବା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାକୃତିକ କୃଷି ପଦ୍ଧତିକୁ ଆପଣାଇବା ପାଇଁ କୃଷକଙ୍କୁ ତାଲିମ ପ୍ରଦାନ ସହିତ ସେମାନଙ୍କ ଦକ୍ଷତା ବିକାଶ, ପ୍ରାକୃତିକ ବିହନ ଉପଚାର, ପ୍ରାକୃତିକ କୃଷି ସାମଗ୍ରୀ, ଫସଲ ବିବିଧତା, ଆଧୁନିକ କୃଷି ଉପକରଣର ବ୍ୟବହାରକୁ ପ୍ରୋତ୍ସାହିତ

**ଶାଲୁ ଜିନ୍ଦଲଙ୍କ ଦ୍ୱାରା ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ ଭ୍ୟାନ୍‌ର ଶୁଭାରମ୍ଭ**

କରାଯିବ। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ଜିଲାର ୨ ହଜାରରୁ ଅଧିକ ଚାଷୀ ଉପକୃତ ହୋଇପାରିବେ। ଆଗାମୀ ଦିନରେ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଏହାକୁ ପୂରା ଜିଲା ଏବଂ ରାଜ୍ୟରେ ବିସ୍ତାର କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ ଯାନ ବିଭିନ୍ନ ଗ୍ରାମ ଭ୍ରମଣ କରିବା ସହ ମୃତ୍ତିକା ସ୍ୱାସ୍ଥ୍ୟର ସମସ୍ତ ବିବରଣୀ ଏକ ଘଣ୍ଟା ମଧ୍ୟରେ କୃଷକମାନଙ୍କୁ ପ୍ରଦାନ କରିବ। ପ୍ରାରମ୍ଭିକ ଭାବରେ ଏହି ସେବା ଜିଲାର ୪୯ଟି ଗାଁର ଚାଷୀଙ୍କ ପାଇଁ ଉପଲବ୍ଧ ହେବ। କୁଲେଇ ଅଞ୍ଚଳର ପୀତାମ୍ବର ପ୍ରଧାନ, ଟୁକୁ ଅଞ୍ଚଳର ପ୍ରତାପ ପ୍ରଧାନ ଏବଂ ମଝିକା ଅଞ୍ଚଳର ଦ୍ୱାରୀ ପ୍ରଧାନ ଜିନ୍ଦଲ ଫାଉଣ୍ଡେଶନର କୃଷି ପଦକ୍ଷେପକୁ ପ୍ରଶଂସା କରିଥିଲେ।

## ୨୦ରେ ଜିଲାପାଳଙ୍କ ଅଫିସ ଘେରାଉ

**ସାତକୋଶିଆ ଅଭୟାରଣ୍ୟରୁ ସ୍ୱେଚ୍ଛାକୃତ ବିସ୍ଥାପନ ବନ୍ଦ ଦାବି**

ଅନୁଗୋଳ,୧୧।୬(ମାନସ ବିଶ୍ୱାଳ)

ଅନୁଗୋଳ ସହର ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରଠାରେ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା କମିଟି ସାତକୋଶିଆ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ପକ୍ଷରୁ ସାତକୋଶିଆ ଅଭୟାରଣ୍ୟରୁ ସ୍ୱେଚ୍ଛାକୃତ ବିସ୍ଥାପନ ବନ୍ଦ କରିବାକୁ ଦାବି କରାଯାଇଛି। ସାତକୋଶିଆ ଅଭୟାରଣ୍ୟରେ ବ୍ୟାଘ୍ର ପ୍ରକଳ୍ପ ପାଇଁ ସ୍ୱେଚ୍ଛାକୃତ ସ୍ଥାନାନ୍ତରଣ କରିବାକୁ ରାଜ୍ୟ ବନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜିଲା ବନ ବିଭାଗ ପକ୍ଷରୁ ବଳପୂର୍ବକ କରାଯାଉଥିବା ବିସ୍ଥାପନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ଅଭୟାରଣ୍ୟ ଅଧିବାସୀଙ୍କ ଭିଟାମାଟି ଓ ଜୀବନଜୀବିକାର ସ୍ଥାୟୀ ସୁରକ୍ଷା ପାଇଁ କମିଟି ସଭାପତି ବିଦ୍ୟାଧର ପ୍ରଧାନ ଦାବି କରିଛନ୍ତି। କମିଟି ସଭାପତି କହିଛନ୍ତି, ଅଭୟାରଣ୍ୟସ୍ଥ ଟିକରପଡ଼ା ପଞ୍ଚାୟତର ଟିକରପଡ଼ା, ମଝିପଡ଼ା, ବେହେରାସାହି, କରଡ଼ାପଡ଼ା, ହାତୀବାରି, ଗଇଁଦି, ରାମିମୁଣ୍ଡା ଆଦି ଗ୍ରାମବାସୀ ସାତକୋଶିଆ ଅଭୟାରଣ୍ୟ ଘୋଷଣା ହେବାର ଶତାଧିକ ବର୍ଷ ପୂର୍ବରୁ ଏଠାରେ ବସବାସ କରିଆସୁଛନ୍ତି। ସ୍ୱେଚ୍ଛାକୃତ ବିସ୍ଥାପନ ହେଉଥିବା ଜନସାଧାରଣଙ୍କୁ କୌଣସି ସ୍ଥାନରେ ଥଇଥାନ କରାଯିବାର ବ୍ୟବସ୍ଥା ନାହିଁ। ଫଳରେ ଗ୍ରାମ ଛାଡୁଥିବା ଜନସାଧାରଣ ନିଜର ପରିଚୟ ସମ୍ପୂର୍ଣ୍ଣ ଭାବରେ ହରାଇ ଯାଯାବରରେ ପରିଣତ ହେବ ବୋଲି ସମ୍ପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ବିଭିନ୍ନ ଦାବିରେ ୨୦ ତାରିଖରେ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ କରାଯିବ। ଏହି ଆନ୍ଦୋଳନରେ ସାତକୋଶିଆ ଅଞ୍ଚଳବାସୀଙ୍କ ସମେତ ଜିଲାର ଗଣତନ୍ତ୍ରପ୍ରେମୀ ସହଯୋଗ କରିବାକୁ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ବାଇକ୍ ସହ ହାଇୱା ଜବତ, ୨ ଗିରଫ

ବଇଣ୍ଡା,୧୧।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ପୋଲିସ ମଙ୍ଗଳବାର ଗାଡି ମୋଟର ଯାଞ୍ଚ କରିଛି। ମଦ୍ୟପାନ କରି ଦ୍ରୁତଗତିରେ ହାଇୱା ଚଳାଉଥିବା ଅଭିଯୋଗରେ ସାନଦାଦର ଗ୍ରାମର ସୁନୀଲ କୁମାର ପ୍ରଧାନଙ୍କୁ ଗିରଫ କରାଯିବା ସହ ହାଇୱାକୁ ଜବତ କରାଯାଇଛି। ଏନେଇ ଏକ ମାମଲା ରୁଜୁ କରାଯାଇଛି। ସେହିପରି ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ହଣ୍ଡପା ଥାନା ପରଶୁମାଳ ଗ୍ରାମର ସନ୍ତୋଷ ନାୟକଙ୍କୁ ଗିରଫ କରାଯିବା ସହ ବାଇକ୍ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି।

## ବିକଶିତ କୃଷି ସଙ୍କଳ୍ପ ସଚେତନତା କାର୍ଯ୍ୟକ୍ରମ



ବଇଣ୍ଡା,୧୧।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଆମ୍ବସରମୁଣ୍ଡା ପଞ୍ଚାୟତର ହିଞ୍ଜୀଗୋଳା ଗ୍ରାମରେ ବିକଶିତ କୃଷି ସଙ୍କଳ୍ପ ଅଭିଯାନର ଏକ ସଚେତନତା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ବିଜ୍ଞାନ କେନ୍ଦ୍ର ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରକାଶ ସାହୁ, ସରପଞ୍ଚ ସସ୍ମିତା ସେଠୀ, ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଅଧିକାରୀ, ବୈଜ୍ଞାନିକ ଡ. ଶ୍ରୀନିବାସ, ମତ୍ସ୍ୟ ଅଧିକାରୀ ରଶ୍ମିତା ପ୍ରଧାନ, ଉଦ୍ୟାନ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ ମଞ୍ଚ ପରିଚାଳନା କରିଥିଲେ। ଆମ୍ବସର ମୁଣ୍ଡା ଗ୍ରାମ ପଞ୍ଚାୟତର ପ୍ରାୟ ୩୦୦ କୃଷକ ଏବଂ କୃଷିଜୀବୀ ମହିଳା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୃଷି ଗ୍ରାମସେବକ ସୁନୀଲ କୁମାର ପ୍ରଧାନ, ବ୍ଲକ କୋଅର୍ଡିନେଟର ରମାକାନ୍ତ ସାହୁ ଓ ଦୁଃଶାସନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଛେଣ୍ଡିପଦା,୧୧।୬(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ଶକ୍ତି ବିଭାଗ ପକ୍ଷରୁ ବୁଧବାର ବ୍ଲକ ସଭାଗୃହଠାରେ ବ୍ଲକ୍‌ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ବିଜୟ ମାଝୀ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ପ୍ରଦୀପ କୁମାର ସାହୁ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ବିଡିଓ ଅରବିନ୍ଦ ବେହେରା, ଏବିଡିଓ ହିମାଂଶୁ ଶେଖର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବ୍ଲକର ୩୪ ପଞ୍ଚାୟତରୁ ୩୩ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇଥିଲେ। ବାଗଡ଼ିଆର ଶକ୍ତିସ୍ୱରୂପା ଉତ୍ପାଦକ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ, ଟାଙ୍ଗିରି ପଞ୍ଚାୟତର ମା' ବାୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ଓଡ଼ିଶା ଜୀବିକା ମିଶନର ବ୍ଲକ୍ ପ୍ରକଳ୍ପ ପରିଚାଳକ ବିଜୟ କୁମାର ନାଏକ, ସଂଯୋଜକ ସଞ୍ଜୟ କୁମାର ସାହୁ, ହିରଣ୍ମୟୀ ପ୍ରଧାନ, ପଞ୍ଚାନନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।





ଆଠମଲ୍ଲିକ ସ୍ନାନମଣ୍ଡପରେ ୩ ଠାକୁର।


ପୋଡ଼ାପଦରରେ ଜଗନ୍ନାଥଙ୍କ ପହଣ୍ଡି।




ପଞ୍ଚଶ୍ରୀକ୍ଷେତ୍ର ଓ ନାଲ୍‌କୋନଗର ଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପରେ ହାତୀବେଶ।



ଛେଣ୍ଡିପଦା ଓ ପାଲଲହଡ଼ା ସ୍ନାନମଣ୍ଡପରେ ୩ ଦିଅଁ।

## ସ୍ନାନମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ

ଅନୁଗୋଳ,୧୧।୬ (ମାନସ ବିଶ୍ୱାଳ)/ ବଣ୍ଡରପାଳ (ସୁବାସ ସାହୁ)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ଛେଣ୍ଡିପଦା (ଅଜିତ ଧଳ)/ ବଇଣ୍ଡା (ପରିକ୍ଷିତ ସାହୁ)



ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ନାନମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ମହାପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସେହିପରି ବଣ୍ଡରପାଳ ବ୍ଲକ ପଞ୍ଚ ଶ୍ରୀକ୍ଷେତ୍ରଠାରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସତ୍ୟବାନ ବରାହ ଓ କୁମୁଦିନୀ ବରାହ, ପୂଜକ ଅଚ୍ୟୁତାନନ୍ଦ ଦାସ, ପ୍ରାଣବନ୍ଧୁ ନାଥ, ନରେଶ ଚନ୍ଦ୍ର ନାଥ, ଅଶୋକ କୁମାର ଶତପଥୀ, ମନୋରଞ୍ଜନ ପଣ୍ଡା ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥଲେ। ସନ୍ଧ୍ୟାରେ ଚତୁର୍ଦ୍ଧା ବିଗ୍ରହ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। କମିଟିର ନରେଶ ଚନ୍ଦ୍ର ସାହୁ, ପୀତାମ୍ବର ସାହୁ, ପ୍ରଦୀପ କୁମାର ମାଝୀ, ଶୁଭେନ୍ଦୁ ବେଉରିଆ, ଗଗନ ମହାଲିକ, ବିପ୍ରଚରଣ ଜେନା, ନିର୍ମଳ ଗଡନାୟକ, ପ୍ରେମାନନ୍ଦ ପ୍ରଧାନ, ସୁଧୀର ବରାହ, ରବି ବେହେରା, ଛବିସାହୁ, ଶ୍ରୀମୁଖ ଭୂତିଆ ପ୍ରମୁଖ ସହଯୋଗ କରିଥଲେ। ସେହିପରି ନାଲ୍‌କୋନଗର ଜଗନ୍ନାଥ ମନ୍ଦିରରେ ଶ୍ରୀବିଗ୍ରହଙ୍କ ଦେବସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା। ବଳଭଦ୍ରଙ୍କୁ ଦେବେନ୍ଦ୍ର କୁମାର ନନ୍ଦ, ଦେବୀ ସୁଭଦ୍ରାଙ୍କୁ ପ୍ରଦୀପ କୁମାର ପଣ୍ଡା ଓ ଜଗନ୍ନାଥଙ୍କୁ ରାଜାରାମ ମିଶ୍ର ପ୍ରମୁଖ ପହଣ୍ଡି କରି ସ୍ନାନ ମଣ୍ଡପକୁ ଆଣିଥିଲେ। ସମସ୍ତ ସେବାୟତଙ୍କ ଉପସ୍ଥିତିରେ ନୀତିକାନ୍ତି କରାଯାଇ ହାତୀ ବେଶରେ ସଜ୍ଜିତ କରାଯାଇଥିଲା। ମୁଖ୍ୟ ପୂଜକ ତାପସ ଦାଶ ଓ ପ୍ରମେଶ ଚନ୍ଦ୍ର ମିଶ୍ର, ସୁଶାନ୍ତ ଦାଶ, ମାନସ ରଥ, ଉମାକାନ୍ତ ପଣ୍ଡା, ସୌମ୍ୟରଞ୍ଜନ ପାଳ ପ୍ରମୁଖ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସ୍ନାନ ସମୟରେ ନାଲ୍‌କୋ କର୍ପୋରେଟ ଡାଇରେକ୍ଟର କମର୍ସିଆଲ ସଦାଶିବ ସାମନ୍ତରାୟ ଓ ନାଲକୋ ଇଡି ସୁବ୍ରମଣ୍ୟମ ନରେଲା ଉପସ୍ଥିତ ଥିଲେ। ସେହିପରି ପାଲଲହଡ଼ା ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରରେ ବ୍ରାହ୍ମଣ ସମାଜର ସଦସ୍ୟମାନେ ତିନି ଠାକୁରଙ୍କୁ ପହଣ୍ଡି କରି ସ୍ନାନ ବେଦିକୁ ବିଜେ କରାଇଥିଲେ। ପୁରୋହିତ ପ୍ରଭାତ ପଣ୍ଡା ଓ ଅନ୍ୟ ସେବାୟତ ତିନି ଠାକୁରଙ୍କୁ ସ୍ନାନ କରାଇଥିଲେ। ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ରବୀନ୍ଦ୍ର କୁମାର ପଟେଲ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦିବ୍ୟସ୍ନାନ ନୀତି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପୂଜକ ଚିତ୍ତ ରଞ୍ଜନ ପାଣିଗ୍ରାହୀଙ୍କ ପୂଜାନୀତି ସମ୍ପନ୍ନ ପରେ ପହଣ୍ଡିଆଙ୍କ ଦ୍ୱାରା ଠାକୁରଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସ୍ୱତନ୍ତ୍ର ପୂଜାରେ କର୍ତ୍ତା ଭାବରେ ଉପଜିଲାପାଳ ଉପେନ୍ଦ୍ର ଲୁହା ଦାୟିତ୍ୱ ତୁଲାଇଥିଲେ। ସେହିପରି ଛେଣ୍ଡିପଦା ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା। ଛେଣ୍ଡିପଦା ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ମହାସ୍ନାନ ପରେ ଗଜାନନ ବେଶକୁ ଭକ୍ତମାନେ ଦର୍ଶନ କରିଥିଲେ। ପରିଚାଳନା କମିଟି ସଭାପତି ଲମ୍ବୋଦର ପ୍ରଧାନ, ଛେଣ୍ଡିପଦା ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ଅଶୋକ ପ୍ରଧାନ, ସରପଞ୍ଚ ସୁଦୀପ୍ତ ପ୍ରଧାନ, ପୂଜକ ଚିତ୍ତରଞ୍ଜନ ମିଶ୍ର, ପଣ୍ଡିତ ଉମେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଗଡିଆ ଠାରେ ଜଗନ୍ନାଥ ମନ୍ଦିରର ସ୍ନାନଯାତ୍ରା ଗ୍ରାମ୍ୟ କମିଟି ପରିଚାଳନାରେ ସମ୍ପନ୍ନ କରାଯାଇଛି। ପାତ୍ରପଡ଼ା, ବାଲିପଟା, କୋରଡ଼ା, ଜରପଡା, ତୁକୁଡା, କମ୍ପସଲା, ବ୍ରାହ୍ମଣବିଲ, କୋଶଳା ଆଦି ଗ୍ରାମରେ ଜଗନ୍ନାଥଙ୍କ ସ୍ନାନଯାତ୍ରା ପାଳନ କରାଯାଇଛି। ସେହିପରି କିଶୋରନଗର ବ୍ଲକ ବିଲେଇନାଳି, ଗୋବିନ୍ଦପୁର, ଉରୁଳୁଳା, ସିଙ୍ଗିରିପାଲି, ବାମୁର, ଇଛାପୁର, ଠାକୁରଗଡ ଥାନାର ପୋଡାପଦର, ଠାକୁରଗଡ, ପେଡିପଥର ଆଦି ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ

### ନାବାଳିକା ଝିଅଙ୍କୁ ବଳାତ୍କାର: ପୂର୍ବତନ ଜଜ୍‌ଙ୍କୁ ମିଳିଲାନି ସୁପ୍ରିମକୋର୍ଟ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୧।୬ (ପି.ଟି.)

ନିଜ ନାବାଳିକା ଝିଅଙ୍କୁ ବଳାତ୍କାର କରିଥିବା ମାମଲାରେ ଜଣେ ପୂର୍ବତନ ନ୍ୟାୟିକ ଅଧିକାରୀଙ୍କ ବିରୋଧରେ ଚାଲିଥିବା ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ବୁଧବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି, ଏହି ମାମଲାରେ ପୂର୍ବତନ ନ୍ୟାୟିକ ଅଧିକାରୀଙ୍କ ଝିଅ ନିଜେ ଅଭିଯୋଗ କରିଛନ୍ତି। ତେଣୁ ଏହା ଏକ ଆଶ୍ଚର୍ଯ୍ୟକର ମାମଲା। ଏହି ମାମଲାରେ ଗତ ଏପ୍ରିଲ ୧୫ ତାରିଖରେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜକରି ଅଭିଯୁକ୍ତ ପୂର୍ବତନ ଜଜ୍‌ଙ୍କ ପକ୍ଷରୁ ଦାଖଲ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ୨୦୧୯ ଜାନୁଆରୀ ୨୧ରେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ମହାରାଷ୍ଟ୍ରର ଭଣ୍ଡାରାରେ ତାଙ୍କ ବାପା ତଥା ଅଭିଯୁକ୍ତ ପୂର୍ବତନ ଜଜ୍‌ଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ ହୋଇଥିଲା। ୨୦୧୪ରୁ ୨୦୧୮ ମଧ୍ୟରେ ସେ ଅନେକ ଥର ବଳାତ୍କାରର ଶିକାର ହୋଇଥିବା ନେଇ ପୀଡ଼ିତା ଜଣକ ନିଜ ଅଭିଯୋଗରେ କହିଥିଲେ।

### ଏୟାରପୋର୍ଟରେ ଭାରତୀୟଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ: ଆମେରିକା ନିକଟରେ ଭାରତର ଆପତ୍ତି

ନୂଆଦିଲ୍ଲୀ, ୧୧।୬

ଆମେରିକାର ନ୍ୟୁଜର୍ସିସ୍ଥିତ ନେୱାର୍କ ଲିବର୍ଟି ଅନ୍ତର୍ଜାତୀୟ ଏୟାରପୋର୍ଟରେ ଜଣେ ଭାରତୀୟ ଛାତ୍ରଙ୍କୁ ହାତକଡ଼ି ପକାଇବା ସହ ସୁରକ୍ଷା କର୍ମୀମାନେ ତାଙ୍କୁ ତଳେପକାଇ ଚାପି ଧରିଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ଭାରତ ପକ୍ଷରୁ ଆପତ୍ତି ଜାହିର କରାଯାଇଛି। ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବରେ ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସ ସମ୍ମୁଖରେ ଏହି ଘଟଣାକୁ ଉଠାଯାଇଛି। ଉକ୍ତ ଘଟଣାକୁ ନେଇ ନ୍ୟୁୟର୍କସ୍ଥିତ ବାଣିଜ୍ୟିକ ଦୂତାବାସ ପକ୍ଷରୁ କୁହାଯାଇଛି, ଦୁର୍ବ୍ୟବହାରର ସମ୍ମୁଖୀନ ହୋଇଥିବା ଭାରତୀୟ ଛାତ୍ର ଜଣକ ହରିୟାଣାର ନିବାସୀ ହୋଇଥିବାବେଳେ ସେ ବେଆଇନ୍‌ଭାବେ ଆମେରିକାରେ ପ୍ରବେଶ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଆମେରିକାରୁ ନିର୍ବାସିତ କରାଯାଉଥିଲା।

### ନଦୀରେ ବୁଡ଼ି ୮ ମୃତ

ଜୟପୁର, ୧୧।୬

ରାଜସ୍ଥାନର ଟୋଙ୍କ ଜିଲାସ୍ଥିତ ବନାସ ନଦୀରେ ବୁଡ଼ି ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ୧୧ ଜଣିଆ ଯୁବକଙ୍କ ଏକ ଦଳ ଗାଧୋଇବା ପାଇଁ ବନାସ ନଦୀରେ ପଶିଥିବାବେଳେ ଗଭୀର ପାଣି ମଧ୍ୟରେ ଗୋଡ଼ ଖସିଯିବାରୁ ସେମାନେ ବୁଡ଼ିଯାଇଥିଲେ। ଏହି ଦଳର ଯୁବକମାନେ ଜୟପୁରର ନିବାସୀ ହୋଇଥିବା ବେଳେ ସେମାନେ ବଣଭୋଜି ପାଇଁ ବନାସ ନଦୀ ଆସିଥିଲେ।

# ଲସ୍‌ଏଞ୍ଜେଲ୍ସରେ ଅରାଜକତା, କର୍ଫ୍ୟୁ




ଲସ୍‌ଏଞ୍ଜେଲ୍ସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆପ୍ରବାସନ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

## ଟ୍ରମ୍ପଙ୍କ ଆପ୍ରବାସନ ନୀତି ବିରୋଧୀ ବିକ୍ଷୋଭ ବେଳେ ଶତାଧିକ ଗିରଫ

ଲସ୍‌ଏଞ୍ଜେଲ୍ସ, ୧୧।୬

ଆମେରିକାର ଅନେକ ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଘର ଥିବା କାଲିଫର୍ନିଆର ଲସ୍‌ଏଞ୍ଜେଲ୍ସ କାଉଣ୍ଟି ଏବେ ଅରାଜକତା ଦେଇ ଗତି କରୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଆପ୍ରବାସନ ଓ ସୀମା ପ୍ରବର୍ତ୍ତନ (ଆଇସିଇ) ଏବଂ ପ୍ରତ୍ୟର୍ପଣ ନୀତିକୁ ବିରୋଧ କରି ଜୁନ୍ ୬ରେ ମୁଣ୍ଡ ଟେକିଥିବା ବିକ୍ଷୋଭର ନିଆଁ ବ୍ୟାପିବାରେ ଲାଗିଛି। ସହରରେ ଟ୍ରମ୍ପ୍ ନ୍ୟାଶନାଲ ଗାର୍ଡଙ୍କୁ ମୁତୟନ କରିବା ପରେ ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମୁହାଁମୁହିଁ ହୋଇଥିବାବେଳେ ବିକ୍ଷୋଭର ପଞ୍ଚମ ଦିନ ବୁଧବାର କର୍ଫ୍ୟୁ ଜାରି କରାଯାଇଛି। ବହୁ ସଂଖ୍ୟକ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଥିବା ଲସ୍‌ଏଞ୍ଜେଲ୍ସ ପୋଲିସ ସୂଚନା ଦେଇଛି। ଲସ୍‌ଏଞ୍ଜେଲ୍ସ ମେୟର କରେନ୍ ବାସ୍ କହିଛନ୍ତି, ଅନେକ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ଲୁଟ୍ କରାଯିବା ପରେ ସେଗୁଡ଼ିକରେ ଭଙ୍ଗାରୁଜା ଓ ଜଳାପୋଡ଼ାକୁ ଦୃଷ୍ଟିରେ ରଖି ସହର ଉପକଣ୍ଠ ଅଞ୍ଚଳରେ ମଙ୍ଗଳବାର ରାତିରେ କର୍ଫ୍ୟୁ ଅର୍ଡର ଦିଆଯାଇଛି। ଅନ୍ୟ ସମସ୍ତ ସ୍ଥାନରେ ଇମିଗ୍ରେଶନ୍ ରେଡ୍ସ ଯୋଗୁ ବିକ୍ଷୋଭ ଜାରି ରହିଛି। ନ୍ୟାଶନାଲ ଗାର୍ଡ ଟ୍ରୁପ୍ ଏବେ ସୀମା ନିୟନ୍ତ୍ରଣ ଏଜେଣ୍ଟମାନଙ୍କୁ ସୁରକ୍ଷା ଦେଉଛନ୍ତି। ଇତିମଧ୍ୟରେ ରିପବ୍ଲିକାନ୍ ରାଷ୍ଟ୍ରପତି ଟ୍ରମ୍ପ୍ ସହରକୁ ମୁକ୍ତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। କିନ୍ତୁ ୨୦୨୮ରେ ଡେମୋକ୍ରାଟିକ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଆଶାୟୀ ଥିବା କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସୋମ୍ ଏହାକୁ ଗଣତନ୍ତ୍ର ଉପରେ ଟ୍ରମ୍ପଙ୍କ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ଏଥିସହ ଟ୍ରମ୍ପ୍ ଆଗକୁ ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ଟାର୍ଗେଟ କରିପାରନ୍ତି ବୋଲି ନ୍ୟୁସୋମ୍ ସତର୍କ କରାଇଛନ୍ତି।

ସେପଟେ ଲସ୍‌ଏଞ୍ଜେଲ୍ସକୁ ୪,୦୦୦ ନ୍ୟାଶନାଲ ଗାର୍ଡ ଟ୍ରୁପ୍ ଓ ୭୦୦ ମରିନ୍ସଙ୍କୁ ପଠାଇଥିବା ଟ୍ରମ୍ପ୍ ନିଜ ନିଷ୍ପତ୍ତିକୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଏକ ବିଦେଶୀ ଶତ୍ରୁ ଦ୍ୱାରା ସହର ଦଖଲ ଉଦ୍ୟମ ଏଡ଼ାଇବା ପାଇଁ ଏପରି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ୪,୦୦୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଲସ୍‌ଏଞ୍ଜେଲ୍ସ କାଉଣ୍ଟିରେ ଲସ୍‌ଏଞ୍ଜେଲ୍ସ ସହର ଓ ବେଭେର୍ଲି ହିଲ୍ସ, ହଲିଉଡ୍, ଲଙ୍ଗ୍ ବିଚ୍, ମାଲିବୁ, ପାସାଡେନା, ସାଣ୍ଟା ମୋନିକା ରହିଛି। ଏଠାରେ ବସବାସ କରୁଥିବା ପ୍ରାୟ ୧୦ ନିୟୁତ ଅର୍ଥାତ୍ କାଲିଫର୍ନିଆ ଜନସଂଖ୍ୟାର ୨୭% ଲୋକ ହେଉଛନ୍ତି ଆପ୍ରବାସୀ। ସେମାନଙ୍କ ମଧ୍ୟରୁ ୯ ଲକ୍ଷ ଲୋକ ବେଆଇନ ଭାବେ ବିନା କୌଣସି ଦସ୍ତାବିଜରେ ରହୁଛନ୍ତି। ସେମାନଙ୍କୁ ଚିହ୍ନଟ କରି ବିଦା କରିବା ପାଇଁ ଟ୍ରମ୍ପ୍ ଯୋଜନା କରିଥିବାବେଳେ ଗଭର୍ନର ନ୍ୟୁସୋମ୍‌ଙ୍କ ସହ ମୁହାଁମୁହିଁ ହୋଇଛନ୍ତି। ଇତିମଧ୍ୟରେ ଶତାଧିକ ଲୋକଙ୍କୁ ଗିରଫ କରାଗଲାଣି।

### ଜାତୀୟ ସୁରକ୍ଷାକୁ ନେଇ ସଂସଦରେ ବିତର୍କ ପାଇଁ ପ୍ରଧାନମନ୍ତ୍ରୀ ରାଜି ହେବେ କି: କଂଗ୍ରେସ

ନୂଆଦିଲ୍ଲୀ, ୧୧।୬

କଂଗ୍ରେସ ବୁଧବାର ପୁଣିଥରେ ଦେଶର ସୁରକ୍ଷାକୁ ନେଇ ସଂସଦରେ ବିତର୍କ ପାଇଁ ଦାବି କରିଛି। ଅପରେଶନ ସିନ୍ଦୂରକୁ ନେଇ ବିଦେଶ ଗସ୍ତକରି ଫେରିଥିବା ବିଭିନ୍ନ ବହୁଦଳୀୟ ପ୍ରତିନିଧି ମଣ୍ଡଳୀର ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭେଟିଥିଲେ। ତେଣୁ ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ପହଲ୍‌ଗାମ୍ ଆକ୍ରମଣ ପରେ ଦେଶର ସୁରକ୍ଷା ଏବଂ ବୈଦେଶିକ ନୀତି ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ ଉପରେ ପୂର୍ଣ୍ଣ ବିତର୍କ ପାଇଁ ପ୍ରଧାନମନ୍ତ୍ରୀ ମୋଦି ରାଜି ହେବେ କି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ପ୍ରଶ୍ନ କରିଛନ୍ତି। ଦେଶର ସୁରକ୍ଷାକୁ ନେଇ ପ୍ରଧାନମନ୍ତ୍ରୀ ସମସ୍ତ ରାଜନୈତିକ ଦଳର ନେତାଙ୍କ ସହ ଏକ ବୈଠକର ଅଧ୍ୟକ୍ଷତା କରନ୍ତୁ ବୋଲି ସେ ଦାବି କରିଛନ୍ତି। ସେହିପରି ଚାଇନା ଏବଂ ପାକିସ୍ତାନ ସହ ସମ୍ପର୍କକୁ ନେଇ ଭାରତର ଭବିଷ୍ୟତର ରଣନୀତିରେ ବିରୋଧୀ ଦଳଗୁଡ଼ିକୁ ସାମିଲ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ପ୍ରକାଶ ଯେ, ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୧ରୁ ଆରମ୍ଭ ହୋଇ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ।

### ଜ୍ୟୋତି ମାଲହୋତ୍ରାଙ୍କ ଜାମିନ ଆବେଦନ ଖାରଜ

ହିସାର, ୧୧।୬

ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଜେଲରେ ଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଜାମିନ ଆବେଦନକୁ ବୁଧବାର ହରିୟାଣାର ହିସାରସ୍ଥିତ ଏକ ସ୍ଥାନୀୟ କୋର୍ଟ ଖାରଜ କରିଦେଇଛନ୍ତି। ସେ ଗତ ମାସ ୧୬ ତାରିଖରେ ଗିରଫ ହୋଇଥିଲେ। ଶୁଣାଣି ସମୟରେ ଜ୍ୟୋତିଙ୍କ ଏହି ଜାମିନ ଆବେଦନକୁ ପୋଲିସ ବିରୋଧ କରିଥିଲା। ଜ୍ୟୋତି ଭାରତର ବିଭିନ୍ନ ସମ୍ବେଦନଶୀଳ ସୂଚନା ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ପଠାଇଥିବା ନେଇ କୋର୍ଟଙ୍କୁ ପୋଲିସ ଅବଗତ କରିଥିଲା।

## ‘ଆକ୍ସିଓମ୍-୪’ ମିଶନ ପୁଣି ସ୍ଥଗିତ

ଫ୍ଲୋରିଡା, ୧୧।୬

### ଫାଲ୍‌କନ୍ ୯ ରକେଟରେ ଲିକ୍ୟୁଡ୍ ଅକ୍ସିଜେନ୍ ଲିକ୍ ଚିହ୍ନଟ

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଏବଂ ୩ ଅନ୍ୟ ଅଷ୍ଟ୍ରୋନଟଙ୍କୁ ଧରି ମହାକାଶ ଯିବାକୁ ଥିବା ଆକ୍ସିଓମ୍-୪ ମିଶନକୁ ପୁନର୍ବାର ସ୍ଥଗିତ ରଖାଯାଇଛି। ଏନେଇ ଆମେରିକୀୟ ସ୍ପେସ୍ ଟେକ୍ନୋଲୋଜି କମ୍ପାନୀ ସ୍ପେସଏକ୍ସ’ ପକ୍ଷରୁ ଏକ୍ସ’ରେ ସୂଚନା ଦିଆଯାଇଛି। ପୋଷ୍ଟ ଷ୍ଟାଟିକ୍ ଫାୟାର ବୁଷ୍ଟର ଇନ୍‌ସ୍ପେକ୍ସନ ସମୟରେ ଫାଲ୍‌କନ୍ ୯ ରକେଟରେ ଲିକ୍ୟୁଡ୍ ଅକ୍ସିଜେନ୍ ଲିକ୍ ଚିହ୍ନଟ ହୋଇଥିଲା। ଲିକ୍ ମରାମତି ପାଇଁ ସ୍ପେସଏକ୍ସ’ର ଇଞ୍ଜିନିୟରଙ୍କୁ କିଛି ଅତିରିକ୍ତ ସମୟ ଆବଶ୍ୟକ ବୋଲି ଏକ ଖବରଦାତା ସମ୍ମିଳନୀ କରି ସ୍ପେସଏକ୍ସ’ର ଭାଇସ୍ ପ୍ରେସିଡେଣ୍ଟ ୱିଲିୟମ୍ ଗେର୍ଷ୍ଟେନ୍‌ମାୟର କହିଛନ୍ତି। ମରାମତି କାର୍ଯ୍ୟ ଶେଷହେଲେ ନୂତନ ଲଞ୍ଚିଂ ତାରିଖ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ), ନାସା, ସ୍ପେସ୍‌ଏକ୍ସ’ ଏବଂ ଆକ୍ସିଓମ୍ ସ୍ପେସ୍‌ର ଏହି ମିଳିତ ମିଶନର ଲଞ୍ଚିଂ ବୁଧବାର ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ହେବ ବୋଲି ସ୍ଥିର ହୋଇଥିଲା। ଏହି ମିଶନ ସହ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ପହଞ୍ଚିବେ। ସେହିପରି ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ସେ ଦ୍ୱିତୀୟ ଭାରତୀୟ ହେବେ।

## ଶ୍ରମିକ ଆତ୍ମହତ୍ୟା କରି ୪ ପୁଅଙ୍କୁ ମରଣମୁହଁକୁ ଠେଲିଦେଲେ

ଗୁରୁଗ୍ରାମ, ୧୧।୬



### ପାର୍କ ବୁଲାଇବାକୁ କହି ରେଳ ଲାଇନ୍‌କୁ ନେଇଯାଇଥିଲେ

ଜଣେ ଶ୍ରମିକଙ୍କ ହାତରେ ଚିପ୍ସ ଓ କୋଲା ଥାଏ। ସେ ନିଜ ୪ ପୁଅଙ୍କୁ ରେଳ ଟ୍ରାକ୍‌ରେ ଧରି ଯାଉଥାଆନ୍ତି ଟ୍ରେନ୍ ଆସିବା ଯାଏ। ଶେଷରେ ଏକ୍ସପ୍ରେସ୍ ଟ୍ରେନ୍ ଆସି ସେମାନଙ୍କୁ ଧକ୍କାଦେଲା। ଏଥିରେ ୫ ଜଣ ଯାକ ପ୍ରାଣ ହରାଇଛନ୍ତି। ହରିୟାଣାର ଫରିଦାବାଦସ୍ଥିତ ବଲ୍ଲଭଗଡ଼ରେ ମଙ୍ଗଳବାର ଅପରାହ୍ନରେ ଏହି ଘଟଣା ଘଟିଛି।

ନିଜ ୪ ପୁଅଙ୍କୁ ଧରି ରେଳ ଲାଇନ୍ ଉପରେ ଆତ୍ମହତ୍ୟା କରିଥିବା ବ୍ୟକ୍ତି ମନୋଜ ମେହତୋ ଏବଂ ତାଙ୍କ ଘର ବିହାର ବୋଲି ମୃତଦେହ ନିକଟରୁ ମିଳିଥିବା ତାଙ୍କ ଆଧାର କାର୍ଡରୁ ପୋଲିସ ଜାଣିବାକୁ ପାଇଛି। ୩୬ ବର୍ଷୀୟ ଦିନ ମଜୁରିଆ ମନୋଜଙ୍କ ପକେଟରେ ଏକ କାଗଜ ଚିଠା ରହିଥିଲା। ସେଥିରେ ତାଙ୍କ ସ୍ତ୍ରୀ ପ୍ରିୟାଙ୍କ ମୋବାଇଲ ନମ୍ବର ଲେଖାହୋଇଥିଲା। ପିଲାମାନଙ୍କ ବୟସ ୩ ରୁ ୯ ବର୍ଷ ମଧ୍ୟରେ ହେବ। ମନୋଜ ପୁଅମାନଙ୍କୁ ନିକଟସ୍ଥ ଏକ ପାର୍କକୁ ଖେଳାଇ ନେବାକୁ କହି ମଧ୍ୟାହ୍ନ ୧୨ଟା ୧୫ରେ ସୁଭାଷ କଲୋନିସ୍ଥିତ ଘରୁ ବାହାରିଥିଲେ। କିନ୍ତୁ ପାର୍କକୁ ବୁଲାଇ ନେବା ପରିବର୍ତ୍ତେ ଏଲ୍‌ସନ୍ ଛକ ଫ୍ଲାଏଓଭର ତଳକୁ ନେଇ ଯାଇଥିଲେ। ସେମାନଙ୍କ ହାତକୁ ଜୋର୍‌ରେ ଜାବୁଡ଼ି ଧରି ଘଣ୍ଟାଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଟ୍ରାକ୍ ଉପରେ ଗୋଲ୍ଡେନ୍ ଟେମ୍ପଲ ଏକ୍ସପ୍ରେସ୍ ଆସିବା ଯାଏ ସେଠାରେ ରହିଥିଲେ। ଏପରି କି ସେ ପିଲାଙ୍କ ପାଇଁ ଚିପ୍ସ ଓ ସଫ୍ଟ ଡ୍ରିଙ୍କ୍ସ ମଧ୍ୟ କିଣିଦେଇଥିଲେ। ୪ ପୁଅ ଛାଡ଼ିଦେବାକୁ ବାପା ଆଗରେ ଯେତେ ନେହୁରା ହୋଇଥିଲେ ମଧ୍ୟ ସେ କାହା କଥା ଶୁଣି ନ ଥିଲେ। ମୁମ୍ବାଇରୁ ଆସୁଥିବା ଏହି ଟ୍ରେନ୍ ଚକ ତଳେ ମଙ୍ଗଳବାର ଅପରାହ୍ନ ୧ଟା ୧୦ରେ ୫ ଜଣଙ୍କ ଜୀବନ ଚାଲିଯାଇଥିବା ଜିଆର୍‌ପି ୟୁନିଟ୍ ଏସ୍‌ଏଚ୍‌ଓ ରାଜପାଲ ସୂଚନା ଦେଇଛନ୍ତି। ଘଟଣା ପରେ ଲୋକୋ ପାଇଲଟ ବଲ୍ଲଭଗଡ଼ ଷ୍ଟେଶନ୍‌କୁ ଏନେଇ ଆଲର୍ଟ କରାଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ ପରେ ବାଦ୍‌ଶାହା ଖାନ୍ ସିଭିଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ପୋଲିସ କହିଛି, ଫୋନ୍ ନମ୍ବର ମିଳିବା ପରେ ମନୋଜଙ୍କ ସ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଥିଲେ, ମନୋଜ ପିଲାଙ୍କୁ ପାର୍କକୁ ବୁଲାଇନେବାକୁ କହି ଯାଇ ଆଉ ଫେରିନାହାନ୍ତି। ମନୋଜ ନିଜେ ଆତ୍ମହତ୍ୟା କରି ୪ ପିଲାଙ୍କୁ ମରଣ ମୁହଁକୁ କାହିଁକି ଠେଲିଦେବା ଭଳି ଚରମ ନିଷ୍ପତ୍ତି ନେଲେ ସେନେଇ ତଦନ୍ତ ଜାରି ରହିଛି।

## ଫୁର୍‌ସତ୍

### ୫ ମିନିଟ୍ ଆଲିଙ୍ଗନ ପାଇଁ ୬୦୦ ଟଙ୍କା

ବେଜିଂ



ଚାଇନାରେ ରୋଜଗାରର ଏକ ନିଆରା ଉପାୟ ସାମ୍ନାକୁ ଆସିଛି। ସାଉଥ୍ ଚାଇନା ମର୍ନିଂ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଚାଇନାରେ ଯୁବତୀମାନେ ଅତ୍ୟଧିକ କାର୍ଯ୍ୟଚାପରୁ ମୁକ୍ତି ପାଇବା ନିମନ୍ତେ ‘ମ୍ୟାନ୍ ମମ୍ସ’ଙ୍କର ସାହାଯ୍ୟ ନେଉଛନ୍ତି। ଏହି ଯୁବତୀମାନେ ମ୍ୟାନ୍ ମମ୍ସମାନଙ୍କୁ ୫ ମିନିଟ ପର୍ଯ୍ୟନ୍ତ ଆଲିଙ୍ଗନ କରି ଏହାର ପ୍ରତି ବଦଳରେ ସେମାନଙ୍କୁ ୫୦ ୟୁଆନ୍ (ପ୍ରାୟ ୬୦୦ ଟଙ୍କା) ଦେଇଥାନ୍ତି। ଚାଇନାରେ ମ୍ୟାନ୍ ମମ୍ସ ଶବ୍ଦ ଜିମ୍ ଯାଉଥିବା ବଳଶାଳୀ ଯୁବକଙ୍କ ପାଇଁ ବ୍ୟବହାର କରାଯାଇଥାଏ।

ଜଣେ ମ୍ୟାନ୍ ମମ୍ସ ଭାବେ ପ୍ରତିଦିନ ଅନେକ ସଂଖ୍ୟାରେ ଯୁବତୀଙ୍କୁ ଆଲିଙ୍ଗନ କରି ଏହି ସେବା ଯୋଗାଉଥିବା ୱାଙ୍ଗ୍ ହୁଆଇ କହିଛନ୍ତି, ତାଙ୍କର ଲକ୍ଷ୍ୟ କେବଳ ଅର୍ଥ ରୋଜଗାର କରିବା ନୁହେଁ, ବରଂ କାର୍ଯ୍ୟଚାପର ସମ୍ମୁଖୀନ ହେଉଥିବା ଯୁବତୀଙ୍କୁ ଭାବନାତ୍ମକ ସମର୍ଥନ ଦେବାପାଇଁ ମଧ୍ୟ ସେ ଏପରି କରୁଛନ୍ତି। ସମ୍ପ୍ରତି ଦ୍ରୁତ ଗତିର ଜୀବନଶୈଳୀରେ ଅନେକ ଯୁବତୀ ଏକଲାପଣର ଅନୁଭବ କରୁଛନ୍ତି। ତେଣୁ ଏକ ଉଷ୍ମ ଆଲିଙ୍ଗନ ସେମାନଙ୍କ ଜୀବନରେ ବହୁତ କିଛି ପରିବର୍ତ୍ତନ ଆଣିପାରିବ ବୋଲି ୱାଙ୍ଗ୍ କହିଛନ୍ତି। ବିଭିନ୍ନ ଚାଟ୍ ଆପ୍ ମାଧ୍ୟମରେ ବି ଏହି ସେବା ପାଇଁ ଆଗୁଆ ଅର୍ଡର ଦେବାର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି। ଚାଇନାର ବିଭିନ୍ନ ସାର୍ବଜନୀନ ତଥା ନିରାପଦ ସ୍ଥାନରେ ପ୍ରତ୍ୟେକ ଦିନ ଯୁବତୀମାନେ ଏହି ନିଆରା ସେବାର ଫାଇଦା ଉଠାଉଥିବା ନେଇ ରିପୋର୍ଟରେ କୁହାଯାଇଛି।

### ଜୁନ୍ ୨୪ରେ ‘ପଞ୍ଚାୟତ ୪’

#### ଟ୍ରେଲର ଜାରି

ମୁମ୍ବାଇ



ଲୋକପ୍ରିୟ ସିରିଜ ‘ପଞ୍ଚାୟତ’ର ଚତୁର୍ଥ ସିଜନ୍‌ର ଟ୍ରେଲରକୁ ବୁଧବାର ଜାରି କରାଯାଇଛି। ଏହାସହ ଆସନ୍ତା ୨୪ ତାରିଖରୁ ‘ପଞ୍ଚାୟତ ୪’ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓରେ ଷ୍ଟ୍ରିମିଂ ହେବ ବୋଲି ଘୋଷଣା କରାଯାଇଛି। ଏହି ଟ୍ରେଲରରେ ପ୍ରସିଦ୍ଧ ‘ସଚିବ ଜୀ’ଙ୍କ ଭୂମିକାରେ ଅଭିନେତା ଜିତେନ୍ଦ୍ର କୁମାରଙ୍କୁ ପୁଣିଥରେ ଦେଖିବାକୁ ମିଳିଛି। ତାଙ୍କ ପ୍ରେମିକା ରିଙ୍କିଙ୍କ ଭୂମିକାରେ ଅଭିନେତ୍ରୀ ସାନ୍‌ଭିକା ନଜରକୁ ଆସିଛନ୍ତି। ଟ୍ରେଲରରେ ସାନଭିକାଙ୍କ ସହ ଜିତେନ୍ଦ୍ରଙ୍କ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଏହି ଟ୍ରେଲରରେ ରିଙ୍କିଙ୍କ ମା’ ମଞ୍ଜୁ ଦେବୀ ଏବଂ କ୍ରାନ୍ତି ଦେବୀଙ୍କ ମଧ୍ୟରେ ଫୁଲେରା ଗ୍ରାମ ପଞ୍ଚାୟତର ନିର୍ବାଚନ ପାଇଁ ମୁକାବିଲା ହେଉଥିବାର ଦେଖିବାକୁ ମିଳିଛି। ନିର୍ବାଚନ ପ୍ରଚାରରେ ଉଭୟ ମହିଳା ପୂରା ଦମ୍ ଲଗାଉଥିବା ନଜରକୁ ଆସିଛନ୍ତି। ମଞ୍ଜୁ ଦେବୀଙ୍କ ଭୂମିକାରେ ଅଭିନେତ୍ରୀ ନୀନା ଗୁପ୍ତା ଏବଂ କ୍ରାନ୍ତି ଦେବୀଙ୍କ ଭୂମିକାରେ ଅଭିନେତ୍ରୀ ସୁନୀତା ରାଜ୍‌ୱର ଖୁବ୍ ଉଚ୍ଚକୋଟୀର ଅଭିନୟ କରିଥିବା ଦର୍ଶକ କହିଛନ୍ତି। ‘ପଞ୍ଚାୟତ ୪’ର ନିର୍ଦ୍ଦେଶନା ଦୀପକ କୁମାର ମିଶ୍ରା ଦେଇଛନ୍ତି।

### ୫୦ ବର୍ଷ ପରେ ଚତୁର୍ଥ ଶ୍ରେଣୀ ଝଗଡ଼ାର ପ୍ରତିଶୋଧ

ଥିରୁଭାନନ୍ତପୁରମ୍



ଭି.ଜେ. ବାବୁ

୫୦ ବର୍ଷ ତଳର ପୁରୁଣା ଝଗଡ଼ା ପାଇଁ କେରଳର କସରଗୋଡ଼ ଜିଲାର ୨ ଜଣ ବୟସ୍କ ବ୍ୟକ୍ତି ଅନ୍ୟଜଣେ ବୟସ୍କ ବ୍ୟକ୍ତିଙ୍କୁ ଆକ୍ରମଣ କରିଛନ୍ତି। ଗତ ସୋମବାର ଭି.ଜେ. ବାବୁ (୬୨) ନାମକ ଜଣେ ବ୍ୟକ୍ତିଙ୍କୁ ୨ ଅଭିଯୁକ୍ତ ବାଲକ୍ରିଷ୍ଣନ ଏବଂ ମାଥ୍ୟୁ ଭାଲିୟାପ୍ଲାକ୍କଲ ଆକ୍ରମଣ କରିଥିଲେ। ବାଲକ୍ରିଷ୍ଣନଙ୍କ ସହଯୋଗରେ ମାଥ୍ୟୁ ଭି.ଜେ. ବାବୁଙ୍କ ମୁହଁ ଏବଂ ପିଠିରେ ପଥରରେ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ବାବୁଙ୍କୁ ପରିୟାରମସ୍ଥିତ କନ୍ନୁର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାକୁ ନେଇ ତଦନ୍ତ ଚଳାଇଥିବା ସହ ବାଲକ୍ରିଷ୍ଣନ ଏବଂ ମାଥ୍ୟୁଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମାଲୋମସ୍ଥିତ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଲକ୍ରିଷ୍ଣନ, ମାଥ୍ୟୁ ଏବଂ ବାବୁ ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳେ ପରସ୍ପରର ସହପାଠୀ ଥିଲେ। ଏହି ସମୟରେ ଏକଦା ବାବୁ ଏବଂ ବାଲକ୍ରିଷ୍ଣନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ବାଲକ୍ରିଷ୍ଣନଙ୍କ ଉପରକୁ ବାବୁ ଆକ୍ରମଣ କରିଥିଲେ। ତେଣୁ ଏହାର ପ୍ରତିଶୋଧ ନେବା ପାଇଁ ମାଥ୍ୟୁଙ୍କ ସହ ମିଶି ବାଲକ୍ରିଷ୍ଣନ ବାବୁଙ୍କୁ ଆକ୍ରମଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ।







# ମିନାବଜାର ଦଧିବାମନଜୀଉ ମନ୍ଦିରରେ ଦେବସ୍ନାନ ନୀତି

ଢେଙ୍କାନାଳ,୧୧।୬(ରତନ ନାୟାର)

ଢେଙ୍କାନାଳ ସହର ମିନାବଜାର ଦଧିବାମନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଦେବସ୍ନାନ ପୂର୍ଣ୍ଣିମା ନୀତି ମହାସମାରୋହରେ ବୁଧବାର ପାଳନ ହୋଇଯାଇଛି। ପ୍ରାତଃ ୫ଟା ସମୟରେ ଜୟ ବିଜୟ ଆଳତି କରାଯାଇ ଦ୍ୱାର ଫିଟା ଯାଇଥିଲା ଓ ପରେ ମଙ୍ଗଳ ଆଳତି କରାଯାଇଥିଲା । ଠାକୁରଙ୍କୁ ମଇଲମ ନୀତି କରାଯାଇଥିଲା। ଠାକୁରଙ୍କୁ ପହଣ୍ଡି କରାଯାଇ ସ୍ନାନ ବେଦୀକୁ ଅଣାଯାଇଥିଲା। ପରେ ସେଠାରେ ପୂଜାର୍ଚ୍ଚନା କରାଯାଇ ୧୦୮ ଗଡୁରେ ସ୍ନାନ କରଯାଇଥିଲା। ନୂତନ ବସ୍ତ୍ର ପରିଧାନ କରାଇ ଚନ୍ଦନ ନୀତି ବେଶ କରାଯାଇଥିଲା। ତୁଳସୀ ଫୁଲ ହାର ଲାଗି କରାଯାଇ ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନ ସମୟରେ ଖେଚୁଡ଼ି, ଡାଲମା, ଖଟା, କ୍ଷୀରି ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଆଳତି ସହ ବିଭିନ୍ନ ଫଳ ଭୋଗ ଲାଗି କରାଯାଇଥିଲା। ରାତ୍ରରେ ପହଣ୍ଡି କରାଯାଇ ଅଣସର ପିଣ୍ଡିରେ ତିନି ଠାକୁରଙ୍କୁ ବିଜେ କରାଯାଇଥିଲା। ପୂଜକ ରବି ନାରାୟଣ ଦାସ ପୂଜାର୍ଚ୍ଚନା କରିଥିଲେ ଓ ମନ୍ଦିରର ଉପଦେଷ୍ଟା ପ୍ରତାପ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଦେବସ୍ନାନ ପୂର୍ଣ୍ଣିମା ନୀତି ପାଳନ କରାଯାଇଥିଲା।



ମିନାବଜାର ଦଧିବାମନଜୀଉ ମନ୍ଦିରରେ ଦେବସ୍ନାନ ନୀତି ।

# ଢେଙ୍କାନାଳ ସିଦ୍ଧ ବଳରାମଙ୍କ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା





ସିଦ୍ଧ ବଳରାମ ମନ୍ଦିର ପରିସରରେ ମହାପ୍ରଭୁ ଶ୍ରୀବଳରାମ ସ୍ନାନ ମଣ୍ଡପରେ ବିଜେ। ସ୍ନାନ ମଣ୍ଡପରେ ମହାପ୍ରଭୁ ଶ୍ରୀଜଗନ୍ନାଥ।

■ସୁନା ବେଶରେ ଦର୍ଶନ ଦେଲେ ମହାପ୍ରଭୁ

■୨ ରଥ ଅଖରେ ଲାଗିଲା ଚକ

ଢେଙ୍କାନାଳ,୧୧।୬(ରତନ ନାୟାର)

ଢେଙ୍କାନାଳ ଶ୍ରୀସିଦ୍ଧ ବଳରାମ ମନ୍ଦିର ପରିସରରେ ବୁଧବାର ସ୍ନାନ ପୂର୍ଣ୍ଣିମା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଭୋର ୪ଟା ୧୫ ମିନିଟରେ ମନ୍ଦିରର ଦ୍ୱାରଫିଟା ହେବାପରେ ନୀତିକାନ୍ତି ହୋଇ ସକାଳ ୫ଟାରେ ମଙ୍ଗଳାର୍ପଣ ହୋଇଥିଲା । ଏହାପରେ ଶ୍ରୀସିଦ୍ଧ ବଳରାମ, ମାତା ସୁଭଦ୍ରା, ମହାପ୍ରଭୁ ଶ୍ରୀକୃଷ୍ଣ ଓ ରୁକ୍ମଣୀଙ୍କର ମନ୍ଦିର ପରିସରରେ ଥିବା ସ୍ନାନ ମଣ୍ଡପକୁ ପହଣ୍ଡି କରାଯାଇ ବିଜେ କରାଯାଇଥିଲା। ଏହାପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସକାଳ ୭ଟା ୧୫ ମିନିଟ ସୁଦ୍ଧା ସ୍ନାନ ମଣ୍ଡପକୁ ପହଣ୍ଡି କରି ଅଣାଯାଇଥିଲା। ଏହି ଅବସରରେ ଶ୍ରୀଜୀଉମାନଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା । ପରେ ଶ୍ରୀଜୀଉମାନଙ୍କର ଚନ୍ଦନଲାଗି ଓ ସୁନା ଅଳଙ୍କାର ବେଶ ଅନୁଷ୍ଠିତ ହୋଇଥିଲା । ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମାନଙ୍କର ନାହିଁ ନଥିବା ଭିଡ ଲାଗିଥିଲା । ମନ୍ଦିର ପରିସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଜୟ ଜଗନ୍ନାଥ ଧ୍ୱନୀରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି, ଜିଲା ଦେବୋତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ପ୍ରମୁଖ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଦେବୋତ୍ତର ନୀରିକ୍ଷକ ପ୍ରଦ୍ୟୁନ୍ନ ତ୍ରିପାଠୀ ସ୍ନାନ ପୂର୍ଣ୍ଣିମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି ପୂଜାର୍ଚ୍ଚନା ପରେ ରଥଗଡାରେ ଦୁଇ ରଥର ଅଖରେ ଚକ ସଂଯୋଗ କରାଯାଇଥିଲା ।

# ସ୍ନାନମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ

ଭୁବନ, ୧୧।୬(ବିପିନ ବିହାରୀ ସେଠୀ)


ଢେଙ୍କାନାଳ ଜିଲା ଭୁବନ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋରରୁ ମହାପ୍ରଭୁଙ୍କ ମଇଲମ, ତଡ଼ପଲାଗି, ଅବକାଶ ନୀତି ସମ୍ପନ୍ନ ହେବାସହ ସକାଳ ନୀତିକାନ୍ତ ସରିବା ପରେ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ପ୍ରଥମେ ବଡଜୀଉ ବଳଭଦ୍ର, ପରେ ଦେବୀ ସୁଭଦ୍ରା ଏବଂ ଶେଷରେ କାଳିଆ ଠାକୁରଙ୍କୁ ପହଣ୍ଡି କରି ମନ୍ଦିର ସାମ୍ନାରେ ଥିବା ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ମହାପ୍ରଭୁଙ୍କ ଦକ୍ଷିଣ ଆଳତି ପରେ ବିଭିନ୍ନ ତୀର୍ଥରୁ ଆସିଥିବା ୧୦୮ ଘଡା ଜଳ, ପଇଡ଼ ଇତ୍ୟାଦିରେ ପ୍ରଥମେ ଚନ୍ଦନ ଲାଗି ପରେ ସୁବାଶିଷ ଜଳରେ ସ୍ନାନ କରାଯାଇଥିଲା। ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଭୁବନ ତଥା ବିଭିନ୍ନ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲ। ଅପରାହ୍ନ ୪ଟାରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



# କପିଳାସ ପୀଠ ଗର୍ଭଗୃହ ଫଟୋ ଭାଇରାଲ

**ଦେବୋତ୍ତର ବିଭାଗ ପକ୍ଷରୁ ଥାନାରେ ମାମଲା**

ଢେଙ୍କାନାଳ,୧୧।୬(ରତନ ନାୟାର)





ରାଜ୍ୟ ତଥା ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିରର ଗର୍ଭଗୃହ ଫଟୋ ବୁଧବାର ସାମାଜିକ ଗଣମାଧମରେ ଭାଇରାଲ ହୋଇଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ବହୁ ବ୍ୟକ୍ତି ବିଶେଷ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେହିପରି ସାଧାରଣରେ ମଧ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗର୍ଭଗୃହ ଫଟୋ ଉଠାଇବା ନିଷେଧ ଥିବା ବେଳେ କିପରି ଭାବେ ଜଣେ ବ୍ୟକ୍ତି ନିଜ ମୋବାଇଲରେ ଗର୍ଭଗୃହ ଫଟୋ ଉଠାଇ ଏହାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କଲେ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗର୍ଭଗୃହ ଫଟୋ ନ ଉଠାଇବା ପାଇଁ ମନ୍ଦିର ପରିସରରେ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସୂଚନା ଫଳକ ଲାଗିଛି କି ନାହିଁ ତାହା ମଧ ଯାଂଚ ହେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏହି ଘଟଣା ଜଣାପଡିବା ପରେ କପିଳାସ ସୁରକ୍ଷା ପରିଷଦର ଆବାହକ ତଥା ପୂର୍ବତନ ବିଧାୟକ ନବୀନ ନନ୍ଦ, ରାଜ୍ୟ ଏଣ୍ଡାମେଂଟ କମିଶନର ଓ ଢେଙ୍କାନାଳ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇବା ସହିତ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ସେହିପରି ଦେବୋତ୍ତର ବିଭାଗ ପକ୍ଷରୁ କପିଳାସ ପୀଠର ଜିମାଦାର ବସନ୍ତ ରଥ ଗଁଦିଆ ଥାନାରେ ଏହି ଘଟଣାକୁ ନେଇ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଜିଲା ଦେବୋତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ କୁହନ୍ତି ଯେ, ଘଟଣା ଜଣାପଡିବା ପରେ ଗଁଦିଆ ଥାନାରେ ଏହାକୁ ନେଇ ଏକ ମାମଲା ରୁଜୁ କରାଯାଇଛି । ଫଟୋ ଉଠାଇ ସାମାଜିକ ଗଣମାଧମରେ ପୋଷ୍ଟ କରିଥିବା ବ୍ୟକ୍ତି ଜଣକ କଟକ ଜିଲା ବାଙ୍କି ଅଞ୍ଚଳର ବୋଲି ଜଣାପଡିଛି ବୋଲି ଜିଲା ଦେବୋତ୍ତର ଅଧିକାରୀ କହିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ

**ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ**

ଢେଙ୍କାନାଳ,୧୧।୬(ରତନ ନାୟାର)



ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ଭିଡ଼ିଓ କନଫେରେନ୍ସିଂ ହଲଠାରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଆଗାମୀ ଦିନରେ ବର୍ଷା ଓ ବାତ୍ୟାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟର ପରିଚାଳନା ନିମନ୍ତେ ବୁଧବାର ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯେ କୌଣସି ସମୟରେ ବର୍ଷା ହେବାର ସମ୍ଭାବନା ରହିଥିବାରୁ ସମସ୍ତ ବ୍ଲକରେ ଥିବା ବହୁମୁଖୀ ଆଶ୍ରୟ ସ୍ଥଳୀଗୁଡିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ପ୍ରସ୍ତୁତ ରଖିବାକୁ ଅତିରିକ୍ତ ଜିଲାପାଳ ସମସ୍ତ ବିଡ଼ିଓ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରସ୍ତୁତି ସମ୍ପର୍କରେ ସମସ୍ତ ବିଡ଼ିଓ, ତହସିଲଦାର ଓ ସରପଞ୍ଚମାନଙ୍କ ସହିତ ସବିଶେଷ ଆଲୋଚନା କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବଜ୍ରାଘାତ, ସାପ କାମୁଡା, ପାଣିବୁଡି ଆଦିରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ତୁରନ୍ତ ପୋଷ୍ଟମର୍ଟମ ରିପୋର୍ଟ ପ୍ରଦାନ ସହିତ ସଂପୃକ୍ତ ପରିବାରଙ୍କୁ ଆର୍ଥିକ ସହାୟତା ରାଶି ଯୋଗାଇ ଦେବା ଉପରେ ମେଡିକାଲ ଅଫିସର, ବିଡ଼ିଓ ଏବଂ ତହସିଲଦାରମାନେ ଗୁରୁତ୍ୱ ଦେବାକୁ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠି ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ଜିଲା ଆପାତକାଳୀନ ଅଧିକାରୀ ସୁଦିପ୍ତ କୁମାର ସାହୁ ବର୍ଷା ଦିନରେ ସାମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ପୂର୍ବ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ଆସନ୍ତା ୧୯ ତାରିଖ ଦିନ ଜିଲା, ବ୍ଲକ ଏବଂ ଏନ୍‌ଏସି ସ୍ତରରେ ମକ୍‌ଡ୍ରିଲ କରାଯାଇ ଉଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯିବ। ଡମି ମେସେଜ ମାଧ୍ୟମରେ ଜିଲାରୁ ତଳସ୍ତର ପର୍ଯ୍ୟନ୍ତ କିଭଳି ଭାବରେ ଖବର ପହଞ୍ଚାଯିବା ସହିତ ସତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ ପ୍ରଦର୍ଶନ କରାଯିବ । ଉଦ୍ଧାର କାର୍ଯ୍ୟରେ ପୂର୍ବରୁ ଟ୍ରେନିଂପ୍ରାପ୍ତ ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗ ନିଆଯିବ । ସ୍ୱାସ୍ଥ୍ୟ, ପୋଲିସ, ଅଗ୍ନିଶମ, ପରିବହନ ବିଭାଗ ଅଧିକ ସଜାଗ ରହିବେ। ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନେ ସମନ୍ୱୟ ରକ୍ଷାକରି ଶିଶୁ, ଗର୍ଭବତୀ ମହିଳା ଓ ରୋଗୀ ଏବଂ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବାକୁ ସେ ସ୍ୱେଚ୍ଛାସେବୀ, ଓଡ୍ରଫର କର୍ମକର୍ତ୍ତା ଓ ଅଗ୍ନିଶମ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ଫାଇନାନ୍ସ କର୍ମଚାରୀଙ୍କଠୁ ଲୁଟ୍ ଅଭିଯୋଗ

ପରଜଙ୍ଗ,୧୧।୬ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଭାଲୁମୁଣ୍ଡା-ସାଆନ୍ଦା ପୂର୍ତ୍ତ ବିଭାଗ ରାସ୍ତାର ବଡଯୋରୁଡ଼ା ଆଶ୍ରମ ଛକ ନିକଟରେ ବୁଧବାର ଅପରାହ୍ନ ୨ଟା ବେଳେ ଏଲ୍‌ଏଣ୍ଡଟି ଫାଇନାନ୍ସ କର୍ମଚାରୀ ବିଶ୍ୱଜିତ ମହାନ୍ତିଙ୍କଠାରୁ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହେଲାଇଛି। ଲୋନ୍ ନେଇଥିବା ମହିଳା ସଙ୍ଘମାନଙ୍କଠାରୁ ୧ ଲକ୍ଷ ୮ ହଜାର ୫ ଶହ ଟଙ୍କା ଆଦାୟ କରି ବାଇକ ଯୋଗେ ପରଜଙ୍ଗ ସ୍ଥିତ କାର୍ଯ୍ୟାଳୟକୁ ଫେରୁଥିବା ସମୟରେ କେହି ବାଇକରେ ପଛରୁ ଆସି ଆକ୍ରମଣ କରି ଟଙ୍କା ନେଇ ପଳାଇ ଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ବିଶ୍ୱଜିତ୍‌ଙ୍କୁ ଆହତ ଅବସ୍ଥାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଭିଯୋଗରେ ଦର୍ଶାଇଥିବା ଘଟଣା ସହିତ ସ୍ପଟରେ ଦର୍ଶାଉଥିବା ଘଟଣାରେ ତାଳ ମେଳ ରହୁନଥିବା ପରଜଙ୍ଗ ଥାନା ଏସ୍‌ଆଇ ଦେବଗ୍ରାହୀ ମହାନ୍ତି ସୂଚନା ଦେଇଛନ୍ତି। ବିଶ୍ୱଜିତଙ୍କୁ ପୋଲିସ ଅଧିକ ପଚରା ଉଚରା କରୁଛି।

# ଶହୀଦ ବାଜି ରାଉତଙ୍କ ଜୀବନୀ ଉପରେ କାର୍ଯ୍ୟକ୍ରମ

ଭୁବନ, ୧୧।୬ (ବିପିନ ବିହାରୀ ସେଠୀ)




ଢେଙ୍କାନାଳ ଜିଲା ଭୁବନ ମୀରାବାଇ କଳାବିକାଶ କେନ୍ଦ୍ର ପକ୍ଷରୁ ବୁଧବାର ଶହୀଦ ବୀର ବାଜି ରାଉତ କାର୍ଯ୍ୟକ୍ରମ କପାଳ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନ ମୀରାବାଇ କଳା ବିକାଶ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ବାଜି ରାଉତଙ୍କ ଜୀବନୀ ଉପରେ ଆଧାରିତ ଗୀତିନାଟ୍ୟ ପରିବେଷଣ କରାଯାଇଥିବା ବେଳେ ଢେଙ୍କାନାଳ ଜିଲ୍ଲାର ବରିଷ୍ଠ କବି, ଲେଖକମାନଙ୍କ ଦ୍ୱାରା କବିତା ଆସର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ବାଜି ରାଉତଙ୍କ ଜୀବନୀ ଉପରେ ଆଧାରିତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୀରାବାଇ କଳା ବିକାଶ କେନ୍ଦ୍ରର ସମ୍ପାଦକ ଭଗବାନ ଗୁରୁ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ଦୌରାଜଜ ତଥା ସାହିତ୍ୟ ସଂସଦର ବରିଷ୍ଠ ନାଗରିକ ଭିକାରୀ ଚରଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ସାହିତ୍ୟର ମାନ ଓ ଏହାକୁ ଆଦର କମିବା ଦ୍ୱାରା କିପରି ଯୁବପିଢି ପଥଭ୍ରଷ୍ଟ ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ପ୍ରମୋଦ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ କଣପାଳ ସାମିଲ ମହୁଲପାଳ ପଞ୍ଚାୟତ ସରପଞ୍ଚ ଲିପ୍ସା ରାଉତ, କବି ଓ ଚିତ୍ରଶିଳ୍ପୀ ନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ କବି ସୁରେନ୍ଦ୍ର କୁମାର ପୃଷ୍ଟି ଓ ଉପମା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶାନ୍ତନୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଡିଆ ସର୍ଭିସ୍ କେନ୍ଦ୍ରକୁ ଏମ୍‌ପିଙ୍କ ପରିଦର୍ଶନ

ଢେଙ୍କାନାଳ,୧୧।୬(ରତନ ନାୟାର)

ଢେଙ୍କାନାଳ ବସଷ୍ଟାଣ୍ଡ ନିକଟରେ ଥିବା ମିଶନ ରିକନଷ୍ଟ୍ରକସନର ବେସିକ ଇନଫରମେଶନ ମିଡିଆ ସର୍ଭିସ କେନ୍ଦ୍ରକୁ ମଙ୍ଗଳବାର ସନ୍ଧ୍ୟାରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ପରଦର୍ଶନରେ ଆସିଥିଲେ। ଏହି ଅବସରରେ ସେ ରେଡିଓ ରିଲେ କେନ୍ଦ୍ରର ସମ୍ପାଦକ ଓ ଅନ୍ୟ ସଦସ୍ୟଙ୍କ ସହ କେନ୍ଦ୍ରର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ । ପୌରାଞ୍ଚଳରେ ସବୁ ୱାର୍ଡରେ ରେଡିଓ ରିଲେ କେନ୍ଦ୍ର ମାଧ୍ୟମରେ ସୂଚନା ସେବା ପ୍ରଦାନ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମନ କି ବାତ୍ କାର୍ଯ୍ୟକ୍ରମକୁ ସବୁ ମାସରେ ରେଡିଓ ରିଲେରେ ପ୍ରସାରଣ ପାଇଁ ପରାମର୍ଶ ଦେଇଥିଲେ । ଆସନ୍ତା ୨୯ ତାରିଖରେ ମନ କି ବାତ କାର୍ଯ୍ୟକ୍ରମରେ ଏମ୍‌ପି ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିଲେ। ଏହି କେନ୍ଦ୍ର ସମ୍ମୁଖରେ ଟିଭି ପରଦା ମାଧ୍ୟମରେ ପ୍ରକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁବରଣ କରୁଥିବା ଲୋକମାନଙ୍କ ପାଇଁ କ୍ଷତିପୂରଣ ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ଏମ୍‌ପି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପଦେଷ୍ଟା ଡ. ବିରଞ୍ଚି ନାରାୟଣ ସେଠ୍, ପୂର୍ବତନ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ଏମ୍‌ପିଙ୍କ ପୌରାଞ୍ଚଳ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାଜପା ଏମ୍‌ପି ସମ୍ବିତ ପାତ୍ରଙ୍କ ବିରୋଧରେ ଥାନାରେ ଏତଲା



କାମାକ୍ଷାନଗର, ୧୧।୬ (ସୁଧୀର କୁମାର ପରିଡ଼ା)

ଲୋକସଭାରେ ବିରୋଧୀଦଳ ନେତା ତଥା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ଓ ଅପମାନସୂଚକ ମନ୍ତବ୍ୟ ଦେଇଥିବା ଭାଜପା ଏମପି ସମ୍ବିତ ପାତ୍ରଙ୍କ ବିରୋଧରେ କାମାକ୍ଷାନଗର କଂଗ୍ରେସ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଥାନାରେ ସମ୍ବିତ ପାତ୍ରଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି। କାମାକ୍ଷାନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିପ୍ରବର ସାହୁଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନରେ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ ଯୋଗଦେଇ ସମ୍ବିତ ପାତ୍ରଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ। ପରେ କଂଗ୍ରେସର କର୍ମୀମାନେ କାମାକ୍ଷାନଗର ଥାନାରେ ପହଞ୍ଚି ଅଭିଯୋଗ ଜଣାଇବା ସହ ସମ୍ବିତ ପାତ୍ରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ବରିଷ୍ଠ କର୍ମୀ କାମାକ୍ଷା ପ୍ରସାଦ ପଣ୍ଡା, ଦୁଃଶାସନ ସାହୁ, ସଞ୍ଜୀବ ବେହେରାଙ୍କ ସମେତ ଅନେକ କାର୍ଯକର୍ତ୍ତା ସାମିଲ ଥିଲେ।

# ବାରବାଙ୍କ ଜଳସେଚନ ପ୍ରକଳ୍ପରେ ହାତୀଙ୍କ ଜଳକ୍ରୀଡ଼ା

ପରଜଙ୍ଗ, ୧୧।୬(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ବାରବାଙ୍କ କ୍ଷୁଦ୍ରଜଳସେଚନ ପ୍ରକଳ୍ପରେ ବୁଧବାର ଏକ ୨୩ ଟିକିଆ ହାତୀ ପଲଙ୍କ ଜଳ କ୍ରୀଡ଼ା ଦେଖିବାକୁ ମିଳିଛି। ମୁକ୍ତାପଶି ସେକ୍ସନ ଅଞ୍ଚଳରେ କିଛି ଦିନ ତଳେ ଉକ୍ତ ହାତୀପଲ ଥିବା ସୂଚନା ରହିଥିଲା। ତେବେ ମଙ୍ଗଳବାର ରାତିରେ ଉକ୍ତ ସେକ୍ସନରୁ ଏହି ହାତୀପଲ ଡିହଡୋଳ ସେକ୍ସନ ଅଞ୍ଚଳକୁ ପଳାଇ ଆସିଛନ୍ତି। ଏହି ହାତୀପଲ ବାରବାଙ୍କ କ୍ଷୁଦ୍ରଜଳସେଚନ ପ୍ରକଳ୍ପରେ ବୁଧବାର ଅପରାହ୍ନରେ ଜଳ କ୍ରୀଡା କରୁଥିବା ଲୋକମାନେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ହାତୀପଲଙ୍କ ଉପରେ ନଜର ରଖିଛନ୍ତି ବୋଲି ଡିହଡୋଳ ଫରେଷ୍ଟର ସତ୍ୟବ୍ରତ ସିଂ ସୂଚନା ଦେଇଛନ୍ତି।

# ‘ଆମ ସରକାର ସାଧାରଣ ଲୋକଙ୍କ ସରକାର’

**କେନ୍ଦ୍ରର ୧୧ବର୍ଷ, ରାଜ୍ୟର ୧ବର୍ଷ ଉପଲକ୍ଷେ ଖବରଦାତା ସମ୍ମିଳନୀ**




ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଢେଙ୍କାନାଳ,୧୧।୬(ରତନ ନାୟାର): କେନ୍ଦ୍ରର ୧୧ବର୍ଷ ଓ ରାଜ୍ୟର ୧ବର୍ଷ ଉପଲକ୍ଷେ ଭାଜପା ପକ୍ଷରୁ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କହିଲେ ଯେ, କେନ୍ଦ୍ରରେ ଭାଜପା ସରକାର ୧୧ବର୍ଷ ପୂରଣ କରିଥିବା ବେଳେ ରାଜ୍ୟର ମୋହନ ମାଝୀଙ୍କ ସରକାର ୧ବର୍ଷ ପୂରଣ କରିଛି । ବର୍ଷ ଏକ ହେଲେ ମଧ ଅନୁଭୂତି ଅନେକ। ୨୪ବର୍ଷର ଗତ ସରକାର ତୁଳନାରେ ୧ବର୍ଷର ଏହି ସରକାର ଓଡିଶାରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି । ଆମ ସରକାର ସାଧାରଣ ଲୋକଙ୍କ ସରକାର । ଲୋକଙ୍କ ପାଇଁ କାମ କରୁଛି । ଗତ ନିର୍ବାଚନ ପରେ ଶପଥ ଗ୍ରହଣ ଉତ୍ସବର ୨୪ଘଣ୍ଟା ମଧ୍ୟରେ କ୍ୟାବିନେଟ୍ ବୈଠକରେ ନିଷ୍ପତି ନିଆଯାଇ ପୁରୀ ଶ୍ରୀମନ୍ଦିରର ଉନ୍ନତି ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ, ମନ୍ଦିର ଚାରିଦ୍ୱାର ଖୋଲା ଯାଇଥିଲା । ସେହିପରି ଏକ ଘଣ୍ଟା ମଧ୍ୟରେ ୮୦୦ଟଙ୍କା ଇନପୁଟ୍ ସହାୟତା ସହ ଚାଷୀମାନଙ୍କୁ ୩୧୦୦ଟଙ୍କା ଧାନର ସର୍ବମୂଲ୍ୟ ପ୍ରଦାନ ଘୋଷଣା କରାଯାଇଥିଲା । ସେହିପରି ଭଉଣୀମାନଙ୍କ ପାଇଁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ପ୍ରଦାନ କରାଗଲା । ୬ମାସ ମଧ୍ୟରେ ଏହି ଯୋଜନାରେ ୧୬ଲକ୍ଷରୁ ଉର୍ଦ୍ଧ୍ୱ ଭଉଣୀ ଆଜି ଲକ୍ଷପତି ଦିଦି ହେଲେ । ସାରା ଭାରତରେ ଲକ୍ଷପତି ଦିଦି ଓଡିଶାରେ ପ୍ରଥମସ୍ଥାନ ଅଧିକାର କରିଛି । ଚାଷୀମାନଙ୍କ ଉନ୍ନତି ପାଇଁ ବିହନ, ସାର ଯୋଗାଣ କରାଯିବା ସହ ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ଖୋଲାଯିବା ପାଇଁ ସରକାର ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ଲକ୍ଷ ଚାଷୀ ଉପକୃତ ହେବେ । ସେହିପରି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ବାରିକ ଠାରୁ ଆରମ୍ଭ କରି କୁମ୍ଭାର, ରାଜମିସ୍ତ୍ରୀ ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି । ସାଢେ ୪ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ଶିଳ୍ପ ପ୍ରତିଷ୍ଠା କରାଯାଉଛି । କଳା ସଂସ୍କୃତିର ସୁରକ୍ଷା ପାଇଁ ୨୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଘୋଷଣା ହୋଇଛି । ଓଡିଶା ଅସ୍ମିତା ଭବନ ନିର୍ମାଣ ପାଇଁ ନିଷ୍ପତି ହୋଇଛି । ଶିକ୍ଷକ ଅଭାବକୁ ଦେଖି ୨୦ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଗୋଦାବରିଶ ମିଶ୍ରଙ୍କ ନାମରେ ପ୍ରତି ପଞ୍ଚାୟତରେ ଆଦର୍ଶ ସ୍କୁଲକୁ ନବୀକରଣ କରାଯାଇ ଶିକ୍ଷକ ନିଯୁକ୍ତି ଦିଆଯିବ । ମାଧୋ ସିଂ ଯୋଜନାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ପ୍ରତି ଜିଲାରେ ମେଡିକାଲ କଲେଜ ଘୋଷଣା କରାଯାଇଛି । ଡାକ୍ତର ଅଭାବ ପୂରଣ ପାଇଁ ୬ହଜାର ଡାକ୍ତର ନିଯୁକ୍ତି ଦିଆଯାଇଛି । ବେକାର ଯୁବତୀ ଯୁବକମାନଙ୍କ ପାଇଁ ଚାକିରି ବୟସ ସୀମାକୁ ୪୨ବର୍ଷକୁ ବୃଦ୍ଧି କରାଯାଇଛି । କ୍ରୀଡା ପ୍ରତିଭା ବିକଶିତ ପାଇଁ ରାଜ୍ୟର ୩୧୪ଟି ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ । ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ ହେଉଛି । ପ୍ରତି ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କରାଯାଇ ସବୁପ୍ରକାର ରକ୍ତ ପରୀକ୍ଷା ବ୍ୟବସ୍ଥା କରାଯିବ । ଆମ ସରକାରରେ ନିଜେ ମୁଖ୍ୟମନ୍ତ୍ରୀ କେବଳ ଭୁବନେଶ୍ୱର ନୁହେଁ, ସମ୍ବଲପୁରକୁ ମଧ ଯାଇ ଅଭିଯୋଗ ଶୁଣାଣି କରିଛନ୍ତି । ଦକ୍ଷିଣ ଓ ଉତ୍ତର ଓଡିଶା ପରିଷଦ ଗଠନ ହୋଇଛି । ମୁଖ୍ୟମନ୍ତ୍ରୀ କନ୍ୟା ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା କ୍ୟାବିନେଟ୍‌ରେ ମଞ୍ଜୁର ହୋଇଛି । କଟକ-ଭୁବନେଶ୍ୱର-ବ୍ରହ୍ମପୁର ଭଳି ସହରକୁ ବୃଦ୍ଧି କରାଯିବ । ୨୦୨୭ ମସିହା ସୁଦ୍ଧା ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ । ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା ସଭାପତିତ୍ୱ କରିଥିବା ବେଳେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ଜିଲା ସାଧାରଣ ସମ୍ପାଦକ ସୁନିଲ ଶର୍ମା ଓ ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବଦଳିଲେ ୫୧ ଓଏଏସ୍ ଅଧିକାରୀ

ଭୁବନେଶ୍ୱର,୧୧।୬ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ପୁଣି ଏକ ବଡ଼ଧରଣର ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୫୧ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ହୋଇଛି। ସେମାନଙ୍କ ମଧ୍ୟରେ ନାରାୟଣ ପାଟଣା ତହସିଲଦାର ଦେବବ୍ରତ ମହାରଣାଙ୍କୁ ନନ୍ଦପୁର ବଦଳି କରାଯାଇଥିବାବେଳେ ନନ୍ଦପୁରର ତହସିଲଦାର ପ୍ରଭାତୀ ଖେତ୍ରିଆଙ୍କୁ ନାରାୟଣପାଟଣାରେ ଅବସ୍ଥାପିତ କରାଯାଇଛି। ସେହିପରି ତପସ୍ୱିନୀ ହାଁସଦାଙ୍କୁ ବଣେଇରୁ ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ ଅବଶିଷ୍ଟ ୪୮ ଓଏଏସ୍ ଅଧିକାରୀଙ୍କୁ ବିଭିନ୍ନ ଜିଲାର ତହସିଲଦାର, ବିଡିଓ ଏବଂ ସରକାରଙ୍କ ଅନୁସଚିବ ଭାବେ ବଦଳି କରାଯାଇଛି।

# ଆଜି ରାଇଘରରେ କଳା ଦିବସ ପାଳିବ ବିଜେଡି

ଭୁବନେଶ୍ୱର, ୧୧।୬ (ସୁନିତ୍ ମିଶ୍ର)

ଅବିଭକ୍ତ କୋରାପୁଟ ଜିଲାରେ ୩୪୪ ଜଣ ଚାଷୀଙ୍କ ଧାନ ବିକ୍ରି ଟଙ୍କା ୪ ମାସ ପରେ ମଧ୍ୟ ମିଳି ନ ଥିବାରୁ ଚାଷୀ ସମାଜ ମଧ୍ୟରେ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟିହୋଇଛି। ଚାଷୀମାନଙ୍କୁ ତୁରନ୍ତ ତାଙ୍କ ପ୍ରାପ୍ୟ ପ୍ରଦାନ ଦାବିରେ ଚାଷୀ ସଙ୍ଗଠନ ତରଫରୁ ଗୁରୁବାର ରାଇଘରରେ ୧୨ ଘଣ୍ଟିଆ ବନ୍ଦ ସହ କଳା ଦିବସ ପାଳନ ପାଇଁ ଡାକରା ଦିଆଯାଇଛି। ଚାଷୀମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଡାକରାକୁ ବିଜେଡି ସମର୍ଥନ ଘୋଷଣା କରିଛି। ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଉପସଭାପତି ରବି ନାରାୟଣ ନନ୍ଦ କହିଛନ୍ତି, ଉପାନ୍ତ ଅଞ୍ଚଳ ରାଇଘରରେ ମୁଖ୍ୟତଃ ଆଦିବାସୀ ଲୋକମାନେ ଚାଷ ଉପରେ ନିର୍ଭର କରନ୍ତି। ସରକାରଙ୍କ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବାପରେ ରାଇଘର ଅଞ୍ଚଳରେ ୩୪୪ ଜଣ ଚାଷୀଙ୍କୁ ଗତ ୧୫ ଫେବ୍ରୁଆରୀରୁ ୧୭ ମାର୍ଚ୍ଚ ଭିତରେ ଧାନ ବିକ୍ରି କରିବା ପାଇଁ କୁହାଯାଇଥିଲା। ସେହି ହିସାବରେ ଏହି ଚାଷୀମାନେ ୧୪,୨୫୨ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ। ଏହି ଧାନର ପରିମାଣ ହିସାବରେ ଚାଷୀମାନେ ପ୍ରାୟ ସାଢ଼େ ୪ କୋଟିଟଙ୍କା ପାଇବା କଥା। ନିୟମ ଅନୁଯାୟୀ ୨୪ରୁ ୪୮ଘଣ୍ଟା ଭିତରେ ଧାନ ବିକ୍ରି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିବା କଥା। କିନ୍ତୁ ପ୍ରାୟ ୪ ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଧାନ ଟଙ୍କା ମିଳିନାହିଁ। ଏହି ଟଙ୍କା ପାଇବା ପାଇଁ ଧାନ ବିକ୍ରିକାରୀ ଚାଷୀମାନେ ବାରମ୍ବାର ଶୁଳ୍କପିଣ୍ଡା ହେଉଛନ୍ତି। ଇତିମଧ୍ୟରେ ଚାଷୀମାନେ ଧାନ କିଣାରେ ସମ୍ପୃକ୍ତ ଅଧିକାରୀମାନଙ୍କ ବ୍ୟତୀତ ସିଏସ୍ଓ ଓ ଜିଲାପାଳଙ୍କୁ ଭେଟି ତାଙ୍କର ଅସୁବିଧା ଜଣାଇଛନ୍ତି। ତଥାପି ଏହି ସମସ୍ୟାର ସମାଧାନ ହୋଇ ନ ଥିବାରୁ ସରକାରଙ୍କ ବିରୋଧରେ ୧୨ ଘଣ୍ଟିଆ ବନ୍ଦ ପାଳନ ସହ କଳା ଦିବସ ପାଳନ ହେବ ବୋଲି ନନ୍ଦ କହିଛନ୍ତି।

# ଦିନମଜୁରିଆ ନୁହେଁ, ଡିଜେ ଅପରେଟର ହେବାକୁ ଇଚ୍ଛା

ଆଜିର ଶିଶୁ କାଲିର ନାଗରିକ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ପିଲାଙ୍କ ପାଠପଢ଼ା ପାଇଁ ବଡ ବଡ ଯୋଜନା କରାଯାଉଛି। ମାତ୍ର ବିଡମ୍ବନାର ବିଷୟ, ସମସ୍ତେ ଏହି ଯୋଜନାର ଉପକୃତ ହୋଇପାରୁନାହାନ୍ତି। ତେବେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲଓ) ପ୍ରଥମେ ଶିଶୁ ଶ୍ରମିକ ପ୍ରଥା ରୋକିବା ପ୍ରସଙ୍ଗ ଉଠାଇଥିଲେ। ୨୦୦୨ରେ ଏନେଇ ସର୍ବସମ୍ମତି କ୍ରମେ ଏକ ଆଇନ ପାରିତ ହେଲା। ଯେଉଁଥିରେ ୧୪ ବର୍ଷରୁ କମ ପିଲାଙ୍କୁ ଶିଶୁ ଶ୍ରମ ଏକ ଅପରାଧ ବୋଲି କୁହାଯାଇଥିଲା। ମାତ୍ର ଏବେ ବି ପିଲାମାନେ ହୋଟେଲ, ଇଟାଭାଟି, ଫ୍ୟାକ୍ଟ୍ରି ରେ କାମ କରୁଥିବା ଦେଖିବାକୁ ମିଳୁଛି। ଏହି ଶିଶୁ ଶ୍ରମିକ ଧାରା ବନ୍ଦ କରିବା ପାଇଁ ସଚେତନତା ସୃଷ୍ଟି ସକାଶେ ୨୦୦୨ରୁ ଜୁନ ୧୨କୁ ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି। ଶିଶୁ ଶ୍ରମିକ ପ୍ରଥା ହଟାଇବା ପାଇଁ ରାଜ୍ୟରେ ବହୁ ସଂସ୍ଥା କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସହଯୋଗରେ ରାଜ୍ୟରେ ଶିଶୁ ଶ୍ରମିକ ସଂଖ୍ୟା ହ୍ରାସ ପାଇଥିବା ଜଣାପଡିଛି। ଶିଶୁ ଶ୍ରମିକ ଅବସ୍ଥାରୁ ନିଜକୁ ବାହାର କରି ସାଧାରଣ ପିଲାଙ୍କ ଭଳି ପାଠ ପଢ଼ିବା ଲାଗି ସେମାନେ ମଧ୍ୟ ସ୍ୱପ୍ନ ଦେଖୁଛନ୍ତି।

କେନ୍ଦୁଝର ଜିଲାର ବବ୍ଲୁ ଲାଗୁରି। ବବ୍ଲୁର ପରିବାର କହିଲେ ବାପା, ମାଆ, ଭାଇଭଉଣୀଙ୍କୁ ବୁଝାଏ। ସେମାନେ ଭୁବନେଶ୍ୱରସ୍ଥିତ ହାଇଟେକ ମୁଣ୍ଡାସାହି ବସ୍ତିରେ ରହୁଛନ୍ତି। ବାପା, ମାଆ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ଆର୍ଥିକ ଅଭାବ ଓ ଦାରିଦ୍ର୍ୟ କାରଣରୁ ପରିବାର ଲୋକ ପିଲାଙ୍କୁ ପାଠପଢ଼ାଇବାକୁ ସମର୍ଥ ହେଉନଥିଲେ। ସେଥିପାଇଁ ବାପା ମାଆଙ୍କ ସହିତ କାମ କରିବାକୁ ବାହାରି ପଡ଼ିଥିଲେ ବବ୍ଲୁ। ଯେଉଁ ବୟସରେ ପାଠପଢ଼ିବା ଓ ଖେଳକୁଦ କରିବା କଥା ସେହି ବୟସରେ ସେ ବାଲି ସିମେଣ୍ଟ ବୁହା କାମ କରୁଥିଲେ। ଦିନମଜୁରିଆ ଭାବେ କାମ କରି ସେ ଦିନକୁ୫୦ରୁ୧୦୦ ଟଙ୍କା ରୋଜଗାର କରୁଥିଲେ। ଏଭଳି ଅବସ୍ଥାରେ ୨୦୧୮ ମସିହାରେ ଆଇଲୋ ଟ୍ରଷ୍ଟ ତାଙ୍କୁ ଉଦ୍ଧାର କରିଥିଲା। ସେତେବେଳେକୁ ବବ୍ଲୁଙ୍କ ବୟସ ମାତ୍ର ୧୦ ବର୍ଷ। ଉଦ୍ଧାର ପରେ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ପାଠ ପଢ଼ାଇବା ପାଇଁ ରାଜି କରାଯାଇଥିଲା। ସେ ହସପାଳ ହାଇସ୍କୁଲରେ ପାଠପଢ଼ିବା ଆରମ୍ଭ କରିଥିଲେ। ନିଷ୍ଠା ଓ ପରିଶ୍ରମ ବଳରେ ସେ ଦଶମ ଶ୍ରେଣୀ ପାସ କରିଛନ୍ତି। ତେବେ ଆଗକୁ ଜଣେ ଡିଜେ ଅପରେଟର ଭାବେ କାର୍ଯ୍ୟ କରିବାକୁ ବବ୍ଲୁ ଲକ୍ଷ୍ୟ ରଖିଛନ୍ତି।

ପ୍ରସ୍ତୁତି: ସୁସ୍ମିତା ସାହୁ, ଭୁବନେଶ୍ୱର

## ଆଜି ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ



**ଏମାନଙ୍କ ମତରେ**

**ସବୁ ବିଭାଗର ମିଳିତ ସହଯୋଗ ଜରୁରୀ**

ଶିଶୁ ଶ୍ରମିକ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା କରାଯାଉଛି। ତଥାପି ବିଭିନ୍ନ ଉପାନ୍ତ ଅଞ୍ଚଳରେ ଶିଶୁମାନେ ଶ୍ରମିକ ଭାବେ କାମ କରୁଥିବା ନଜରକୁ ଆସୁଛି। ରାଜ୍ୟ ସରକାରଙ୍କ ସବୁ ବିଭାଗର ମିଳିତ ସହଯୋଗରେ ଏକ କ୍ୟାମ୍ପେନିଂ କରାଯାଉ। ସରକାରୀ ଯୋଜନା ଗୁଡିକୁ କ୍ଷିପ୍ରଗତିରେ ଚାଲୁକରିବା ଦରକାର। ତା'ପରେ ଶିଶୁ ଶ୍ରମିକକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇପାରିବ।

- ଭାସ୍କର ପ୍ରଧାନ, ସାମାଜିକ କର୍ମୀ

**୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ଅଧିକାର ଆଇନରେ ସାମିଲ କରାଯାଉ**

ଭାରତରେ ବହୁ ଶିଶୁ ଅଛନ୍ତି ଯେଉଁମାନେ ଶ୍ରମିକ ଭାବେ କାମ କରୁଛନ୍ତି। ୧୮ ବର୍ଷରୁ କମ ପିଲାମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉ। ଶିକ୍ଷା ଅଧିକାର ଆଇନ ମାଧ୍ୟମରେ ସବୁ ପିଲାଙ୍କୁ ପାଠପଢ଼ାଯାଉ। ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ଅଧିକାର ଆଇନରେ ସାମିଲ କରିବାକୁ ରାଜ୍ୟ ସରକାରଙ୍କୁ ଦାବି କରୁଛୁ। ଯଦି ପିଲାମାନେ ଶିକ୍ଷାରେ ଜଡିତ ରହିବେ ତେବେ ଶିଶୁ ଶ୍ରମିକ ଏବଂ ବାଲ୍ୟ ବିବାହ ମୁକ୍ତ ଓଡିଶା ହୋଇପାରିବ।

- ବେଣୁଧର ସେନାପତି, ଶିଶୁ ସୁରକ୍ଷା ଅଧିକାରୀ

# ପାଣିରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ

ମୋରଡ଼ା,୧୧।୬(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅମର୍ଦା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ବୁଧବାର ପାଣିରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ଦ୍ୱୟ ନବ କୁମାର ଜେନାଙ୍କ ନାତୁଣୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅପରାହ୍ନ ୫ଟା ସମୟରେ ନବଙ୍କ ଘରେ ଭଗବତୀ ପୂଜା ଚାଲିଥିଲା। ଏହି ସମୟରେ ତାଙ୍କର ୨ ନାବାଳିକା ନାତୁଣୀ ସ୍ଥାନୀୟ ପୋଖରୀକୁ ଯାଇଥିବାବେଳେ ଅସାବଧାନତା ଯୋଗୁ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାରକରି ଜଳେଶ୍ୱର ଡାକ୍ତରଖାନାରେ ଭର୍ତ୍ତିକରିଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଆଜିଠାରୁ ଆବୁଧାବି ଉଡ଼ିବ ବିମାନ

ଭୁବନେଶ୍ୱର,୧୧।୬(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆବୁଧାବିକୁ ଗୁରୁବାରଠାରୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ସପ୍ତାହର ତିନିଦିନ ଅର୍ଥାତ ବୁଧବାର, ଶୁକ୍ରବାର ଏବଂ ରବିବାର ବିମାନ ସେବା ଉପଲବ୍ଧ ହେବ। ଯାତ୍ରୀମାନେ ମାତ୍ର ସାଢ଼େ ଚାରି ଘଣ୍ଟାରେ ଆବୁଧାବିରେ ପହଞ୍ଚିପାରିବେ। ଇଣ୍ଡିଗୋ ଏୟାର ଲାଇନ୍ସ ଏହି ସେବା ପ୍ରଦାନ କରିବ। ବିମାନଟି ଭୁବନେଶ୍ୱରରୁ ଗୁରୁବାର ପୂର୍ବାହ୍ନ ୯ଟା ୩୫ରୁ ଉଡ଼ାଣ ଆରମ୍ଭ କରି ସ୍ଥାନୀୟ ସମୟ ଅନୁସାରେ ମଧ୍ୟାହ୍ନ ୧୨ଟା ୩୫ରେ ୟୁଏଇର ରାଜଧାନୀ ଆବୁଧାବିରେ ଅବତରଣ କରିବ। ସେହିପରି ଆବୁଧାବିରୁ ସ୍ଥାନୀୟ ସମୟ ରାତି ୨ଟା ୩୫ରେ ବିମାନ ଯାତ୍ରା ଆରମ୍ଭ କରି ସକାଳ ୮ଟା ୩୫ରେ ଭୁବନେଶ୍ୱରରେ ପହଞ୍ଚିବ। ଏଥିପାଇଁ ବିମାନ ଭଡ଼ା ୧୨,୬୮୫ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଫେରିବା ଭଡ଼ା ୧୬,୧୩୨ ଟଙ୍କା ରହିଛି।


**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH**

E-mail ID : pwd_sng@yahoo.co.in

**"e" - Procurement Notice**

**Bid Identification No. - SE-R&B-SNG-03 OF 2025-26**

**Letter No. 3337 Date : 10.06.2025**

No.B-202

| | | | |
|---|---|---|---|
| 1 | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on On-LINE mode from eligible contractors with valid licenses for execution of **Electrical & Building Works** as detailed in DTCN. | | |
| 2 | Nature of Work | : | **Electrical & Building Works** |
| 3 | No. of work | : | **06 (Six) Nos.** |
| 4 | Tender Cost | : | **Rs. 4,000/- and 6,000/-** |
| 5 | Class of Contractor | : | **D, C & B Class** |
| 6 | Availability of bid document in the website | : | **From 10:00 A.M. Date : 13.06.2025 to 05:00 P.M. Date : 23.06.2025** |
| 7 | Date of opening of Bid | : | **11:00 A.M. On Dt. 24.06.2025** |
| 8 | The bidders have to participate in ON-LINE bidding only. Further details can be seen from the website (**https://tendersodisha.gov.in**). Any addendum/corrigendum/cancellation of tender can also be seen in the said website only. | | |

**Sd./- Superintending Engineer**
**Sundargarh (R&B) Division**

**OIPR-34043/11/0035/2526**

**Govt. of Odisha**
**DISTRICT PLANNING & MONITORING UNIT, SUNDARGARH**
**(STATISTICS WING)**

**E-mail Id:dpmustatistics.sundargarh@gmail.com, Phone No.06622-272228**

**ADVERTISEMENT FOR THE TEMPORARY ENGAGEMENT OF LOCAL YOUTH**

**No.X-13:**The Deputy Director (P&S), DPMU (Statistics Wing), Sundargarh invites applications for the temporary engagement of Enumerators to conduct the 7th Minor Irrigation Census & 2" Census of Water bodies in Sundargarh District.

**Eligibility:** 10+2 or equivalent, Basic knowledge of English & Odia.

**Age:** Must be 18 years or above.

**Responsibilities:** Field data collection, verification and reporting.

**Remuneration:** As per the Government norms.

**Application:** The application in prescribed format attached with photo copies of self-attested certificates and photo should be dropped in the box by 20th June 2025 time 5 PM placed in District Planning & Monitoring Unit (Statistics Wing), Sundargarh or sent via Regd. Post/ Speed Post to Deputy Director (P&S). District Planning and Monitoring Unit (Statistics Wing) Sundargarh, Pin- 770001.

Details advertisement & application from can be downloaded from- https://sundargarh.odisha.gov.in.

**Sd./- Deputy Director (P&S),**
**DPMU, Sundargarh**

**OIPR-21041/11/0002/2526**

**OFFICE OF THE NOTIFIED AREA COUNCIL, GANJAM**

**Letter No. 1971/NAC** **Date : 09.06.2025**

**"e" Procurement Notice**

**TENDER REFERENCE NO. : GANJAM-01/2025-26**

**No.C-486** : Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of terms and conditions of contract and other necessary documents can be seen in Govt. website. i.e. www.tendersodisha.gov.in

1. Name of the Work : PROVIDING CONSULTANCY SERVICES FOR PREPARATION OF COMPREHENSIVE DRAINAGE MASTER PLAN AND DPR FOR STORM WATER DRAINAGE SYSTEM OF GANJAM NAC
2. No. of works : **1 No.**
3. Period of completion : **As per DTCN**
4. Date & time of availability of bid document in the portal : From 10.00 A.M. of 11.06.2025 to 5.00 P.M. of 30.06.2025
5. Last date/Time for receipt of bids in the portal : 5.00 P.M. of 30.06.2025
6. Last Date/Time of receiving of documents relating of tender Off-line : From10.00 A.M. of 30.06.2025 to 5.00 P.M. of Dt.30.06.2025
7. Technical proposals received online shall be opened on : 01.07.2025 at 12.30 P.M.
8. Financial proposals received online shall be opened on : 08.07.2025 at 12.30 P.M.
9. Name and address of the Officer Inviting Bid : Executive Officer, NAC Ganjam
10. Further details can be seen from the e-procurement portal **https://tendersodisha.gov.in**

**Sd./- Executive Officer,**
**NAC, Ganjam**

**OIPR-13164/11/0002/2526**

**INVITATIONS FOR BIDS (IFB)**

**ODISHA STATE CASHEW DEVELOPMENT CORPORATION LIMITED**
**KAJU BHAWAN, GHATIKIA, BHUBANESWAR**

**E-Mail:contact@oscdc.com**

**No.CAD-727**

**e-Procurement Notice**

**Bid Identification Number-OSCDC-02 of 2025-26**
**Tender Call Notice No: 1717, Date:10.06.2025**

| | |
|---|---|
| **Name of the Work** | 1. Construction of Agro Shed-net Truss with drainage system at Jayantagiri-II nursery, Koraput.<br>2. Construction of Agro shed-net Turss at Kathagada Nursery, Ganjam<br>3. Construction of Drying yard with Working shed, Store room & toilet at Kathagada Ganjam under Khordha Division. |
| **Total No. of Projects:** | 3 (Three) Numbers |
| **Estimated Cost of Projects:** | Varies from Rs.8.73 lakh to Rs.37.00 lakh (Excluding GST) |
| **Class of Contractor:** | "D", "C" & "B" Class (of Odisha PWD) or relevant class of other licensing authorities. |
| **Period of Completion:** | As per TCN |

**Other details:**

| Procurement Officer | Bid Identification | Availability of Tender online for bidding | | Submission of Original Documents | Date & Place of Opening of |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| MANAGING DIRECTOR, OSCDC LTD., BHUBANESWAR | OSCDC-02 of 2024-25 | 11.06.2025 from 11.00 AM | 21.06.2025 upto 5.00 P.M. | During office hours of working days from dt.12.06.2025 from 11.00 AM to 23.06.2025 upto 05.00 PM in the Office of Executive Engineer, OSCDC, Kaju Bhawan, Bhubaneswar, 751029 (To be dropped in the sealed Box) | Dt.24.06.2025 at 11.30 AM in the conference hall, OSCDC, Kaju Bhawan, Bhubaneswar 751029 |

Further details can be seen from the website www.tendersodisha.gov.in

**OIPR-01049/11/0032/2526** **Sd./- Managing Director**

ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ଗଞ୍ଜାମ, ବ୍ରହ୍ମପୁର

**DISTRICT PLANNING & MONITORING UNIT, GANJAM**
**(STATISTICAL WING)**

**E-mail Id:dpmustatistics.ganjam@gmail.com**
**No.598/DPMU, Date: 10.06.25**

**ADVERTISEMENT FOR TEMPORARY ENGAGEMENT OF LOCAL YOUTH FOR 7TH MINOR IRRIGATION CENSUS & 2ND CENSUS OF WATER BODIES**

**No.X-16:**The Deputy Director (P&S), DPMU (Statistical Wing), Ganjam, Berhampur invites applications from local youth for temporary engagement as Enumerators to conduct the 7th Minor Irrigation Census & 2" Census of Water bodies in Ganjam District.

1. **Eligibility:** 10+2 or equivalent, knowledge of Odia and basic survey skills. Age: 18-45 years.
2. **Responsibilities:** Field data collection, verification and reporting.
3. **Remuneration:** As per Govt. norms, published in details.
4. **Application:** The application in prescribed format attached with certificates and photo should be dropped in the box (from 11 AM to 4:00 PM on any working day) by **30th June, 2025 by 4.00 PM** placed in District Planning and Monitoring Unit (Statistical Wing), Ganjam, Berhampur or sent via Registered post to Deputy Director (P&S), DPMU(Statistical Wing, Ganjam, Berhampur, Pin 760004.

The authority reserves the right to accept/reject any or all application/ cancel the entire selection process at any stage without assigning any reason thereof.

For further details visit: **https://ganjam.odisha.gov.in/**

**OIPR-21033/11/0001/2526** **Sd./- Joint Director, DPMU, Ganjam, Berhampur**

**GOVT. OF ODISHA**

**OFFICE OF THE EXECUTIVE ENGINEER (AGRIL.), AGRIL.ENGG. DIVISION, CUTTACK**

**At/PO: Nayabazar, District: Cuttack-753004, Phone No.(0671)- 2952638, E-mail Id:eeagril.cuttack@gmail.com**

**e-Procurement Notice: Dated 09.06.2025**

**Bid Identification No. EE(AGRIL) Cuttack Division-01/2025-26**

**No.L-18:**The Executive Engineer (Agril.), Agril Engg. Division, Cuttack, Odisha on behalf of the Governor of Odisha invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for installation of transformer and other electrical works in the district of Cuttack as detailed below.

| Sl. No. | Nos. of the work/nature of work for which Tender invited | Approximate Estimated cost put to Tender (Excluding G.S.T.)(Rs. lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Installation of 63 KVA transformer with all accessories of CDAO Office campus at Jagatpur | 630982.88 | 4000.00 | 6,400.00 | HT Electrical License | 90 days |

1. Date & Time of availability of bid document in the portal: 11.06.2025 at 10.00 AM to 19.06.2025, 5.30 PM. 2. Last date/time for receipt of bids in the portal: 19.06.2025 upto 5.30 P.M. 3. Date of submission of original bid documents in Tender Box: 11.06.2025 at 10.00 AM to 20.06.2025 upto 5.30 P.M. 4. Date & Time of opening of original documents & verification: 21.06.2025 at 11.30 AM. 5. Date & Time of opening of Online bids: 21.06.2025 at 2.00 PM onwards. The Bidders have to participate in ONLINE bidding only in the e-Procurement website: https://tendersodisha.gov.in with matching class DSC. Any addendum/ corrigendum/ cancellation of tender / other details of the DTCN can also be seen in the said website. Authority reserves the right to reject / accept any or all of the tenders, increase/ decrease the quantities of works without assigning any reason thereof.

**OIPR-01447/11/0014/2526** **Sd./- Executive Engineer (Agril.) Agril. Engg. Division, Cuttack**

**OFFICE OF THE EXECUTIVE ENGINEER, SUPPORT SERVICES DIVISION**

2nd Floor, Dam Safety Building, Secha Sadan, Bhubaneswar-751001, E-mail: eessdivision@gmail.com

**QUOTATION CALL NOTICE NO.03/2025-26**

**No.A-273:** Sealed quotations are invited from eligible Firms, Suppliers and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 19.06.2025, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 11.06.2025 to 3.00 PM of 19.06.2025 on payment of Rs.100/- (Rupees One Hundred) only.

| Sl. No. | Name of Work | Item | Paper Cost (Non-refundable) | Quotation Call Notice No. |
|---|---|---|---|---|
| 1 | Supply of One no. of Air Conditioner to the Staff Common Room of Jala Sechan Sanskrutika Parisada, in the O/o Engineer-in-Chief, WR, BBSR | 01 No. | Rs.100.00 | 03 (1)/ 2025-26 |
| 2 | Supply of twelve nos. of Conference Chair and two nos. of Main Chair (make -Featherlite) for the official use in CE, Planning Conference Hall, in the O/o Engineer-in-Chief, WR, BBSR | 02 Nos. | Rs.100.00 | 03(2)/ 2025-26 |

**OIPR-32447/11/0020/2526** **Sd./- Executive Engineer**
**Support Services Division, Bhubaneswar**

**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 3948 / P.S.C., Dt. 10.06.2025**
**(1R-11-2025/26) (DR-V)**

**No.D-102** : It is for information of all concerned that, document verification of candidates having **PPSAN** mentioned below for the post of **Professor in Computer & Science Engineering**, pursuant to Advertisement No.04 of 2024/25 shall be held on **20.06.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| **20.06.2025** | **10.30 A.M.** | P240302448, P240319226 & P240309924, P240318960 & P240242125 **= 05 Candidates** |

The candidates are required to submit the following documents (both original & One Set of Self-attested photo-copies) at the time of verification: -

1. The hard copies of **'online application forms'** indicating their **PPSAN at the top right-hand corner**.
2. Four recent passport size '**photographs**' (unsigned & unattested) which has been uploaded with online application form?
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M. Tech. /M.S./Integrated M. Tech. Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/ University/Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/ industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level- 13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the Documents in support of Research Score as provided in Annexure-A (Table-2) of Advt. No.04 of 2024-25.
18. Any other documents as mentioned in para-09 of Advt. No.04 of 2024- 25.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

**Note :** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0241/2526** **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 3963 / P.S.C., Dt. 10.06.2025**
**PF-1E-23-2025/26 (DR-III)**

**Post Graduate Teacher in Discipline - Geology**
**(Advertisement No. 25 of 2023-24)**

**No.D-103** : In Continuation to this Office Notice No. 3891/PSC, dtd. 09.06.2025, it is for information of all qualified candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Geology Discipline**, pursuant to Advertisement No. 25 of 2023-24 will be held on **25.06.2025** in the office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| **25.06.2025** | **08.30 A.M.** | **10.30 A.M.** | 201387, 304798, 304820, 304831, 304838, 304849, 304860, 402044, 402046 & 402048 **= 10 Candidates** |
| | **12.30 P.M.** | **02.30 P.M.** | 402051, 402058, 402061, 402063, 402065 & 502730 **= 06 Candidates** |

**N.B. -** The candidates are advised to report at the office of the Commission 30 minutes before the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. *(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password OTP etc through OPSC e-Chayan Portal via www.opscechayan.in)*
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelors Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the 'competent authority'.
11. Permanent Disability Certificate (indicating percentage of permanent disability i.e. **40% and more**);
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0244/2526** **Sd./- Secretary**

# ବ୍ରାଜିଲକୁ ୨୦୨୬ ବିଶ୍ୱକପ୍ ଯୋଗ୍ୟତା

**ସାଓ ପାଉଲୋ,୧୧।୬(ଏପି)**

ଆସନ୍ତା ବର୍ଷ ହେବାକୁଥିବା ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭିନିସିଅସ ଜୁନିୟରଙ୍କ ଗୋଲ ଯୋଗୁ ବ୍ରାଜିଲ ୧-୦ ଗୋଲରେ ପାରାଗୁଏକୁ ପରାସ୍ତ କରିଛି। ଏହି ବିଜୟ ସହ ବ୍ରାଜିଲ ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିଛି। ସେହିଭଳି ପେରୁ ଓ ଇକ୍ୱେଡର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବିନା ଗୋଲରେ ଶେଷ ହୋଇଛି। ଏଭଳି ଫଳାଫଳ ଯୋଗୁ ଇକ୍ୱେଡର ମଧ୍ୟ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। ପୂର୍ବରୁ ଯୋଗ୍ୟତା ହାସଲ କରିସାରିଥିବା ଡିଫେଣ୍ଡିଂ ଚାମ୍ପିୟନ ଆର୍ଜେଣ୍ଟିନା କଲମ୍ବିଆ ବିପକ୍ଷ ମ୍ୟାଚ୍‌କୁ ୧-୧ ଗୋଲରେ ଡ୍ର' ରଖିଛି। ସାଉଥ୍ ଆମେରିକାନ୍ କ୍ୱାଲିଫାଇଙ୍ଗ୍‌ରେ ଆର୍ଜେଣ୍ଟିନା ଶୀର୍ଷରେ ରହିଛି। ଇକ୍ୱେଡର ଓ ବ୍ରାଜିଲ ୨୫ ଲେଖାଏ ପଏଣ୍ଟ ସହ ଆର୍ଜେଣ୍ଟିନା ପଛରେ ରହିଛନ୍ତି। ଅଧିକ ବିଜୟ ଯୋଗୁ ଇକ୍ୱେଡର ଦ୍ୱିତୀୟ ସ୍ଥାନରେ ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ଆହୁରି ୨ ରାଉଣ୍ଡ ମ୍ୟାଚ୍ ବାକିଥିବା ବେଳେ ଦୁଇ ଦେଶ ସପ୍ତମ ସ୍ଥାନରେ ଥିବା ଦଳଠାରୁ ୬ ପଏଣ୍ଟ ଆଗରେ ରହିଛନ୍ତି। ସାଉଥ୍ ଆମେରିକାନ କ୍ୱାଲିଫାଇଙ୍ଗ୍‌ରେ ଟପ୍-୬ ଦଳ ସିଧାସଳଖ ୪୮ ଦଳବିଶିଷ୍ଟ ବିଶ୍ୱକପ୍‌ରେ ଖେଳିବେ। ଚିଲି ଲଗାତର ତୃତୀୟଥର ପାଇଁ ବିଶ୍ୱକପ୍ ମିସ୍ କରିବାକୁ ଯାଉଛି। ବୋଲିଭିଆ ବିପକ୍ଷ ମ୍ୟାଚ୍‌ରେ ୨-୦ ଗୋଲରେ ପରାଜୟ ଯୋଗୁ ୧୦ ଦେଶ ବିଶିଷ୍ଟ ରାଉଣ୍ଡ ରବିନ ଟୁର୍ନାମେଣ୍ଟରେ ଚିଲି ଅନ୍ତିମ ସ୍ଥାନରେ ରହିଛି। ଉରୁଗୁଏ ୨-୦ ଗୋଲରେ ଭେନେଜୁଏଲାକୁ ହରାଇଦେଇଛି। ଏହି ବିଜୟ ଯୋଗୁ ଉରୁଗୁଏ ୨୪ ପଏଣ୍ଟ ସହ ସିଧାସଳଖ ଯୋଗ୍ୟତା ହାସଲର ନିକଟତର ହୋଇଛି।

# ବେଲଜିୟମକୁ ହରାଇଲା ଭାରତ

**ଜୁନିୟର ମହିଳା ହକି**

**ଆଣ୍ଟୱର୍ପ,୧୧।୬(ପି.ଟି.)**

ଭାରତୀୟ ଜୁନିୟର ମହିଳା ହକି ଦଳ ୨-୧ ଗୋଲରେ ବେଲ୍‌ଜିୟମକୁ ପରାସ୍ତ କରିଛି। ୟୁରୋପିଆନ୍ ଟୁର୍‌ରେ ଏହା ଭାରତୀୟ ଦଳର ଲଗାତର ଦ୍ୱିତୀୟ ବିଜୟ। ହକି ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତକୁ ୩୫ତମ ମିନିଟ୍‌ରେ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ଲାଲଥାଣ୍ଟଲୁଆଙ୍ଗି ଗୋଲ୍‌ରେ ପରିଣତ କରିଥିଲେ। ଏହି ଗୋଲ ଯୋଗୁ ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଭାରତ ୧-୦ ଗୋଲରେ ଆଗରେ ରହିଥିଲା। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରରେ ଭାନ୍ ହେଲେମଣ୍ଟ(୪୮)ଙ୍କ ଗୋଲ ବଳରେ ବେଲଜିୟମ ସ୍କୋର ଲାଇନ୍‌କୁ ବରାବର କରିଥିଲା। ହେଲେ ଏହାର ଦୁଇ ମିନିଟ୍‌ରେ ଭାରତ ପକ୍ଷରୁ ଗୀତା ଯାଦବ (୫୦ତମ)ଏକ ସ୍କୋର କରିଥିଲେ। ଏହାପରେ ଭାରତ ବଳକା ୧୦ ମିନିଟ୍‌ରେ ଖୁବ୍ ଭଲ ଡିଫେଣ୍ଡ କରି ମ୍ୟାଚ୍ ଜିତିନେଇଥିଲା। ୧୨ ତାରିଖରେ ଏହି ଦୁଇ ଦଳ ମଧ୍ୟରେ ଅନ୍ତିମ ମ୍ୟାଚ୍ ଖେଳାଯିବ।

# Classified Everyday
**0674-2580101, 9692975378**



## REAL ESTATE
### SALE

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829



## FOR RENT

**Fully furnished running Show Room of 1000sft. Ground Floor on main road near BJB College & Shree Hospital. 9437517121.** D-75846



## Healthcare

Newly open SPA positively health benefits (expert therapist). Contact- 7327030529. D-76918

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

Positively health benefits SPA expert female therapist homely atmosphere. 9114559860. D-883

Newly open Jyoti SPA positively health benefits (expert therapist). 8458067955. D-870

**Relax, Refresh your body, Mind at Saikrupa SPA with best therapies. 7848011468.** D-859

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I Khokan Mondal, Son of Dhiren Mondal, at present residing at Vill.- M.P.V.03, P.O.- Tumsapalli, P.S./Dist.- Malkangiri do hereby solemnly affirm and state as follows. That, my minor daughter's old name is Komolini Mondal and her new name is Kamalini Mondal. That, my daughter's name is Wrongly mention as all documents as Komolini Mondal. That, I authorize and request all persons to designate and address her and her future wife and children, by such assumed name of Kamalini Mondal accordingly. D-903

I Prabin Behera, W/o- Jatindra Ku. Behera of Vill.- Uttarmundamuhan, P.O.- Janla, P.S.- Infovally, Dist.- Khurdha, Odisha state that, actual and correct name of my daughter is Kumari Shivanya but in her Aadhar Card her name is Wrongly written as Ananya Ray. Hence Kumari Shivanya and Ananya Ray is same person. D- 901

By virtue of an affidavit sworn before the Executive Magistrate, Boudh No.- 939, dated- 11.06.25, I Chandrasekhar Behera, R/o-. Village- Boudh Town (Khadalsahi), Ward No.- 5, P.O./ P.S./ Dist.- Boudh, Odisha, PIN- 762014, declare that I have changed my daughter's name from Samyashree Behera to Soumyashree Behera. Henceforth she shall be known as Soumyashree Behera for all purposes.
Chandrasekhar Behera D-904

By virtue of an affidavit sworn before the Executive Magistrate, Sohela No.- 03, dated- 11.06.25, I Maheswar Nayak, R/o. Village/P.O.- Lebidi, P.S.- Sohela, Dist.- Bargarh, Odisha declare that I have changed my daughter's name from Roshani Nayak to Roshnipriya Nayak, Henceforth she shall be known as Roshnipriya Nayak for all purposes.
Maheswar Nayak D-905

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Sundargarh, No.- 2473, dated- 06.06.25, I Sushila Naik, W/o. Laxman Kumar Naik, R/o. Village- Balijori, P.O.- Kiakachhar, P.S.- Sadar Sundargarh, Dist.- Sundargarh declare that I wish to correction of my name in Aadhar Card from Susila Naik to Sushila Naik and D.O.B. from Dt.- 18.06.1956 to Dt.- 05.02.1955 for all purposes. D-906

By virtue of an affidavit sworn before Bhubaneswar, dated- 19.05.2025, I, Urmila Mohanty, Address: At/ P.O.- Begunia, P.S.- Begunia, Dist.- Khordha, Odisha, PIN- 752062 declare that I have changed my daughter's name from Trpty Mai Mohanty to Truptimayee Mohanty. Henceforth, she shall be known as Truptimayee Mohanty for all purposes.
Urmila Mohanty D-908

By virtue of an affidavit sworn before Bhubaneswar, dated- 19.05.2025 I, Urmila Mohanty, Address At/P.O.- Begunia, P.S.- Begunia, Dist.- Khordha, Odisha, PIN- 752062 declare that I have changed my daughter's name from Thanuza Mohanty to Tanuza Mohanty. Henceforth, she shall be known as Tanuza Mohanty for all Purposes.
Urmila Mohanty D-909

I, Susanta Kumar Nayak, S/o- Baidhara Nayak, At-Napanga, P.O.- Bankamuhan, P.S.- Bhandari Pokhari, Bhadrak, 756122 declare by the affidavit before Notary, Cuttack dt.- 06.06.25 that I have changed my name from Susant Nayak to Susanta Kumar Nayak. Susant Nayak and Susanta Kumar Nayak is one and same person. Henceforth, I shall be known as Susanta Kumar Nayak for all purposes. D-910

I Swagat Kumar Joshi, S/o- Ashok Kumar Joshi, resident of M.I. Colony Brahmapura Patnagarh, P.O./P.S.- Patnagarh, Dist.- Balangir, PIN- 767025, Odisha, declare by this affidavit No.- CF.No.- 131, dtd- 10.06.2025 that now onwards I shall be known as Swagat Kumar Joshi for all future purposes. D-897

By virtue of an affidavit sworn before Executive Magistrate, Bhubaneswar, dated- 09.06.2025, I, Parama Nanda Sahoo, Address: Kalakaleswar, Kaluparaghat, Khordha, Odisha, 752022, declare that I have changed my son's name from Chaudhary Smruti Ranjan Sahoo to Smruti Ranjan Sahoo. Henceforth, he shall be Known as Smruti Ranjan Sahoo for all purpose. D-898

By virtue of an affidavit sworn before Executive Magistrate, Bhubaneswar dated- 23.05.2025, I Rubida Bibi, At/P.O.- Uchhupur, P.S.- Nimapada, Dist.- Puri, PIN- 752105, declare that I, have changed my name from Rubida Begum to Rubida Bibi. Henceforth, I shall be known as Rubida Bibi for all purposes.
Rubida Bibi D-907

By virtue of an affidavit sworn before EXECUTIVE MAGISTRATE, GOP, dated- 09.06.2025, I, MAMATA KUMARI SWAIN, Address: Permanent resident of Village/P.O.- Dimisar, P.S.- Sarankul, Dist.- Nayagarh, State- Odisha, PIN- 752092, Present Address: At-Anasara, P.O.- Dhanitri, P.S.- Konark, Dist.- Puri, State- Odisha, PIN- 752111, declare that, I have changed my name from LIZA KANDI to MAMATA KUMARI SWAIN. Henceforth, I shall be known as MAMATA KUMARI SWAIN for all purposes.
MAMATA KUMARI SWAIN D- 899

I Sri Sesaya Kuda declared that as per affidavit No.- 465, dtd- 20.05.2025, before the Executive Magistrate Koraput my daughter's old name Santi Priya Kuda has been changed to Urmila Kuda. Henceforth, she will be known as Urmila Kuda, daughte'r of Sesaya Kuda, At- Hataguda, P.O.- Panthlung, Dist.- Koraput for all purposes. D-900

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Affidavit before Executive Magistrate, Notary Chatrapur, I, Rajkumari Nahak (Old name), D/o- Jutia Nahak, A/P- Madhurchua, P.S.- Rambha Ganjam, No.- 27741/03.06.25 changed my name Rajkumari Nahak to Sarojini Nahak and D/B- 05.04.1982 as per New name. Both Rajkumar Nahak and Sarojini Nahak one and same person. Henceforth, I shall be known as Sarojini Nahak for all future purposes. D-911

By virtue of an affidavit sworn before the Executive Magistrate, Angul bearing No.- 3592, Dtd- 10.06.2025, I Amrita Panda, W/o- Late Dhruba Charan Bhukta, of Village: Rakas, P.O.- Padmabatipur, P.S.- Talcher Sadar, Dist.- Angul, Odisha declare that my actual name is Amrita Panda but in the service records of my deceased husband my name was mentioned as Swarnaprava Bhukta. Henceforth, I shall be known as Amrita Panda for all purposes. D-912

I, HANIFA W/o.- Mohammed Sabir, R/o 01, Main Road, Khariar, Khariar, Nuapada, Odisha, PIN- 766107 have changed my name to HANIFA BANU. D-913

I, Binod Patel, aged about 54 years, S/o.- Judhishthir Patel,resident of Malidihi, P.O.- H.Katapali, P.S./ Dist.- Jharsuguda, Odisha, declared by this affidavit No.- 33, dated- 31.05.2025 that now onwards I shall be known as BINOD KUMAR PATEL for all future purposes. D-914

**ଧରିତ୍ରୀ DHARITRI**
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## LEGAL NOTICE

Letter No.-1053, Dt-02.06.2025

ନୋଟିସ

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଅତିରିକ୍ତ ରିଭିଜନ କୋର୍ଟ ନଂ.-୪, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୮୩୦/୨୦୨୪

ସନ୍ତୋଷ କୁମାର ସିଓ
ବନାମ
....ବାଦୀ
ନକୁଳ ସ୍ୱାଇଁ ଓଗେର
.........ପ୍ରତିବାଦୀ

ନୋଟିସ ଅର୍ଡର-୫, ରୁଲ-୨୦ ମୁତାବକ

୧. ନକୁଳ ସ୍ୱାଇଁ, ବୟସ ୮୬ ବର୍ଷ, ୨. ସହଦେବ ଓରଫ ବୈଦ୍ୟନାଥ ସ୍ୱାଇଁ, ବୟସ ୮୧ ବର୍ଷ, ୩. କୈଳାସ ସ୍ୱାଇଁ, ବୟସ ୭୫ ବର୍ଷ, ଏମାନଙ୍କ ପିତା- ୰ମାର୍କଣ୍ଡ ସ୍ୱାଇଁ, ସା- ନାରଗୋଦା, ପୋଷ୍ଟ/ଥାନା-ତମାଣ୍ଡୋ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
......ପ୍ରତିବାଦୀମାନେ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନରଙ୍କ ଅଦାଲତ ନଂ.୪ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, କାର୍ଯ୍ୟାଳୟଠାରେ ଆସନ୍ତା ତା୧୧।୦୮।୨୦୨୫ରିଖ ଦିବା ୧୧ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା-ଶଙ୍କରପୁର, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା।
ସାବକ ଖାତା ନଂ.- ୧୪୩, ସାବକ ପ୍ଲଟ୍ ନଂ.- ୭୩, ମୋଟ ରକବା- ଏ୦.୦୫୫ଡି. ସ୍ମଧରୁ ଏ୦.୧୮୦ଡି., ପୁନଃ ସ୍ମ ଏ ୪.୨୬୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଦୁଇ
ହାଲ୍ ଖାତା ନଂ.- ୬୭୩, ହାଲ୍ ପ୍ଲଟ୍ ନଂ.-୨୧୮୨, ମୋଟ ରକବା- ଏ୦.୦୪୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଦୁଇ ଅଣଜଳସେଚିତ

କନଭରସନ

ଖାତା ନଂ.-୩୬୫/୫୯୪, ପ୍ଲଟ୍ ନଂ.- ୭୩/୧୮୨୩, ମୋଟ ରକବା- ଏ୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଘରବାରି

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./- ସହକାରୀ ଅଧିକାରୀ
ଧ-୯୦୨

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

# ଖୋର୍ଦ୍ଧା ଜିଲା ଟେନିସ୍ ଆସୋସିଏଶନ ନିର୍ବାଚନ

**ଭୁବନେଶ୍ୱର, ୧୧।୬ (ତପନ ସ୍ୱାଇଁ):** ଖୋର୍ଦ୍ଧା ଜିଲା ଟେନିସ୍ ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁସୂଦନ ପାଢ଼ୀ ସଭାପତି ଓ ଅସିତ୍ ପ୍ରଧାନ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଅସିତ୍ ତ୍ରିପାଠୀ ଓ ପି.କେ. ମିଶ୍ର ପୃଷ୍ଠପୋଷକ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦାମୋଦର ପ୍ରଧାନୀ କାର୍ଯ୍ୟକାରୀ ସଭାପତି, ଦୁଷ୍ମନ୍ତ ଡୁଙ୍ଗା, ନବ ପଟ୍ଟନାୟକ ଓ ମାନସ ଦାସ ଉପସଭାପତି, ରାଜପାଲ ସିଂ କୋଷାଧ୍ୟକ୍ଷ ଏବଂ ଦିବ୍ୟଲୋକ ପଟ୍ଟନାୟକ, ତନ୍ମୟ ମିଶ୍ର, ସଞ୍ଜୀବ ଦାସ, ସମିତ୍ ପଟ୍ଟନାୟକ, ରାଜେଶ କାନୁନ୍‌ଗୋ, ସ୍ୱରୂପ ମହାପାତ୍ର, ପି.କେ. ପ୍ରଧାନ ଓ ଜିଶାନ ଅଲ୍ଲୀ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶ ପଟ୍ଟନାୟକଙ୍କୁ ମ୍ୟାନେଜର ଭାବେ ଚୟନ କରାଯାଇଛି।

# ତିଲକ ବର୍ମା ହାମ୍ପଶାୟାର ପାଇଁ କାଉଣ୍ଟି ଖେଳିବେ

**ହାଇଦ୍ରାବାଦ,୧୧।୬(ପି.ଟି.):** ବାମହାତୀ ବ୍ୟାଟର ତିଲକ ବର୍ମା ହାମ୍ପଶାୟାର ପାଇଁ କାଉଣ୍ଟି ଚାମ୍ପିୟନଶିପ୍‌ରେ ଖେଳିବେ। ତିଲକଙ୍କୁ ଇଂଲିଶ କ୍ଲବ କାଉଣ୍ଟି ଚାମ୍ପିୟନଶିପ୍‌ରେ ଖେଳିବା ପାଇଁ ପ୍ରସ୍ତାବ ଦେଇଥିଲା ବୋଲି ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ(ଏଚ୍‌ସିଏ) ପକ୍ଷରୁ ବୁଧବାର କୁହାଯାଇଛି। ହାଇଦ୍ରାବାଦରେ ଜନ୍ମିତ ୨୨ ବର୍ଷୀୟ ତିଲକ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳନ୍ତି। ସେ ଏପର୍ଯ୍ୟନ୍ତ ଭାରତ ଲାଗି ୨୫ ଟି୨୦ ଓ ୪ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୭୪୯ ଓ ୬୮ ରନ୍ କରିଛନ୍ତି। ବର୍ମା ୧୮ଟି ଫାଷ୍ଟ-କ୍ଲାସ୍ ମ୍ୟାଚ୍‌ରେ ୫୦.୧୬ ଆଭରେଜ୍‌ରେ ୧,୨୦୪ ରନ୍ କରିଛନ୍ତି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଶ୍ରୀମତୀ ଇନ୍ଦୁମତୀ ମିଶ୍ର
ପୁରୁଷୋତ୍ତମପୁର, ବାଲିଖଣ୍ଡ
ତିରୋଧାନ: ୦୨।୦୬।୨୦୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:- ପୁତ୍ର, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୯୧୬

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



୰କଳ୍ପନା ପାତ୍ର (ଲିଲି)

ଲିଲି, ଆଜିକୁ ୩ବର୍ଷ ବିତିଗଲା ତୁ ଆମକୁ ଛାଡ଼ିକି ଯିବାର; ହେଲେ ଆଜିବି ତୋର ସେଇ ହସ ହସ ମୁହଁ ଆଖି ଆଗରେ ନାଚିଯାଉଛି। ଭଗବାନ ତୋର ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।

-:ଶୋକସନ୍ତପ୍ତ:-
ତୋର ହତଭାଗା ବାପା, ମା,ସାରଙ୍ଗ ଭାଇ, ଜୁଳି ନାନୀ,ମିଳି ନାନୀ, ମୁନା ଭାଇ ଆଉ ତୋର ଝିଆରୀ ଟୁକୁଲୁ, ପୁତୁରା: କ୍ରିଷ୍ଣା।
ଧ-୭୧୦୮୬





ରାଜ୍ୟରେ ଭାଜପା ସରକାରର ପ୍ରଥମ ବର୍ଷପୂର୍ତ୍ତି ଉତ୍ସବ ଗୁରୁବାର ପାଳନ ହେବାକୁ ଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଗାଁଠାରୁ ଆରମ୍ଭକରି ସହର ତଥା ରାଜଧାନୀର ଜନତା ମଇଦାନ ପର୍ଯ୍ୟନ୍ତ ସବୁଆଡ଼େ ଅଙ୍କା ଚାଲିଛି ବିକାଶର ଚିତ୍ର। ରାଜ୍ୟବାସୀ ୨୪ବର୍ଷର ବିଜେଡି ସରକାରରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଖୋଜି ହେଉଥିଲେ ହେଁ ପାଖରେ ପାଉ ନ ଥିଲେ। ହେଲେ ୨୦୨୪ ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ପଦରେ ଅଳଙ୍କୃତ ହେବାପରେ ମୋହନ ଚରଣ ମାଝୀ ଲୋକଙ୍କ ଅତି ନିକଟତର ହୋଇପାରିଛନ୍ତି। କେତେବେଳେ ଗାଁକୁ ଯାଇ ଲୋକଙ୍କ କଥା ଶୁଣୁଛନ୍ତି ତ’ ଆଉ କେତେବେଳେ ବିଦେଶ ଗସ୍ତକରି ରାଜ୍ୟ ପାଇଁ ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି କରିବା ଲାଗି ଉଦ୍ୟମ କରୁଛନ୍ତି।

# ବିଶ୍ୱାସର ସରକାର

## ଅନ୍ନଦାତାଙ୍କ ପ୍ରତି ଅଙ୍ଗୀକାରବଦ୍ଧ



ରାଜ୍ୟରେ ଭାଜପା ସରକାର ଅନ୍ନଦାତାଙ୍କ ଆର୍ଥିକ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇଛି। ଯେଉଁଠି ପୂର୍ବର ସରକାର ଚାଷୀଙ୍କୁ ୧୦୦ ଟଙ୍କାର ବୋନସ୍ ଘୋଷଣା କରି ମଧ ଦେଇପାରୁ ନ ଥିଲା, ସେଠାରେ ମୋହନ ସରକାର ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନ କରିଛନ୍ତି। କେବଳ ଯେ କୃଷକମାନଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନ କରିଛନ୍ତି ତାହା ନୁହେଁ, ପ୍ରତି ଉପଖଣ୍ଡରେ ଶୀତଳଭଣ୍ଡାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାସହିତ ଅଦିନିଆ ବର୍ଷାରେ ଫସଲ ନଷ୍ଟକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲକରି କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧଚାଷୀ ଉପକୃତ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଖରିଫ ଓ ରବି ଫସଲ ପାଇଁ ୩୬.୦୧ ଲକ୍ଷ ଚାଷୀଙ୍କୁ ୧୯ ହଜାର କୋଟିରୁ ଅଧିକ ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇପାରିଛି। ‘ସମୃଦ୍ଧ କୃଷି’, ‘ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି’, ‘ସିଏମ୍ କିଷାନ’ ଏବଂ ‘ସୁଭଦ୍ରା’ ସହାୟତାକୁ ମିଶାଇଲେ ପ୍ରତି କୃଷି ପରିବାରର ବାର୍ଷିକ ଆୟ ଏବେ ୯୦ ହଜାର ଟଙ୍କାରେ ପହଞ୍ଚିଛି। ପୂର୍ବରୁ ଏହା ୬୦ ହଜାରରୁ କିଛି ଅଧିକ ଟଙ୍କା ଥିଲା। କୃଷକମାନେ କେବଳ ଚାଷୀ ନୁହନ୍ତି, ସେମାନେ ହେଲେ ଅନ୍ନଦାତା। ସେଥିପାଇଁ ଗତ କୃଷି ବଜେଟରେ ରେକର୍ଡ ୩୭ ହଜାର ୮୩୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ସରକାରଙ୍କ ଆତ୍ମା ‘ଅସ୍ମିତା’

ରାଜ୍ୟରେ ୨୪ ବର୍ଷର ବିଜେଡି ସରକାରକୁ ବିତାଡ଼ିତ କରିବାରେ ‘ଅସ୍ମିତା’ ଥିଲା ଏକ ମୁଖ୍ୟ ପ୍ରସଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱଭାର ଗ୍ରହଣ କରିବା ଦିନ ହିଁ ରାଜ୍ୟର ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ୪ଟି ନିଷ୍ପତ୍ତି ମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚାରିଦ୍ୱାର ଖୋଲିବା ସହିତ ଓଡ଼ିଆ ଅସ୍ମିତା ଲାଗି ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଘୋଷଣା ହୋଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଆ ଅସ୍ମିତାକୁ ନେଇ ୨୦୨୪ ଜୁନ୍ ୧୩ରେ ତାଙ୍କ ପୂରା ମନ୍ତ୍ରୀମଣ୍ଡଳ ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ଯାଇଥିଲେ। ସେହିଦିନ ହିଁ ନୂତନ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲା। ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯାଇଥିଲା। ସରକାରଙ୍କ ପକ୍ଷରୁ ଓଡ଼ିଆ ଅସ୍ମିତା ନିମନ୍ତେ ୫୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଘୋଷଣା କରାଯିବା ସହ ଓଡ଼ିଆ ଅସ୍ମିତା ଭବନ, ତାଳପତ୍ର ପୋଥି ସଂଗ୍ରହାଳୟ, ଓଡ଼ିଆ ଅନୁବାଦ ଏକାଡେମୀ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଚେୟାର ପ୍ରତିଷ୍ଠା ଲାଗି ମଧ ସରକାର ନିଷ୍ପତ୍ତି ନେଇଛନ୍ତି।

## ଆହ୍ୱାନ ଭିତରେ ପ୍ରତିଶ୍ରୁତି ପୂରଣ




୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପାର ବଡ଼ ସଫଳତା ପରେ ମୋହନ ଚରଣ ମାଝୀ ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ଗାଦିରେ ବସିଥିଲେ। କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବାବେଳେ ୧୩ଜଣ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ମୋଟ ୧୬ଜଣଙ୍କୁ ନେଇ ମୋହନଙ୍କ ମନ୍ତ୍ରିମଣ୍ଡଳ ରାଜ୍ୟବାସୀଙ୍କ ସେବା କରିଆସୁଛନ୍ତି। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କିଭଳି ପୂରଣ ହେବ ତାହା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଯଦିଓ ଆହ୍ୱାନ ଥିଲା, ସେଥିରୁ ଅର୍ଦ୍ଧାଧିକ ପୂରଣ କରି ରାଜ୍ୟ ତଥା ଦେଶରେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ଲୋକଙ୍କ ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ ମୋହନ ସରକାର ଏବେ ଲୋକଙ୍କ ସରକାର ତଥା ମୁଖ୍ୟମନ୍ତ୍ରୀ ଏବେ ଲୋକଙ୍କ ମୁଖ୍ୟମନ୍ତ୍ରୀ ପାଲଟି ଯାଇଛନ୍ତି।

## ସାମାଜିକ ସୁରକ୍ଷାକୁ ଗୁରୁତ୍ୱ

ସାମାଜିକ ସୁରକ୍ଷାକୁ ମୋହନ ସରକାର ପ୍ରାଥମିକତା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱଭାର ଗ୍ରହଣ କରିବା ପରେ ଗତ ମେ’ରେ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ। ରାଜ୍ୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ତଥା ୮୦ପ୍ରତିଶତ ଅକ୍ଷମ ଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ମାସିକ ୩୫୦୦ ଟଙ୍କା ପେନ୍‌ସନ ଜୁନ୍‌ରୁ ଲାଗୁ କରିବାକୁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ରାଜ୍ୟର ଲକ୍ଷାଧିକ ବୟସ୍କ ଓ ଦିବ୍ୟାଙ୍ଗ ବିଶେଷ ଭାବେ ଉପକୃତ ହୋଇପାରିଛନ୍ତି। ସେହିପରି ପ୍ରାୟ ୬ ଲକ୍ଷରୁ ଅଧିକ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ୨୦୩୬ରେ ସରକାରଙ୍କ ବିକଶିତ ଓଡ଼ିଶାର ସଂକଳ୍ପକୁ ପୂରଣ କରିବାରେ ଏହାର ପ୍ରାସଙ୍ଗିକତା ଅଧିକ ରହିଛି।

## ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପୁନର୍ଜୀବିତ



ପୂର୍ବରୁ ଯେଉଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖାଁ ଖାଁ ଦିଶୁଥିଲା ଏବଂ ନିର୍ବାଚନ ସମୟରେ କେବଳ ଦଳୀୟ କାର୍ଯ୍ୟାଳୟରେ ପରିଣତ ହୋଇଥିଲା, ଏବେ ସେଠାରେ ଗରିବ, ଅସହାୟ ଏବଂ ଦିବ୍ୟାଙ୍ଗଙ୍କ ସୁଅ ଛୁଟୁଛି। ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଲୋକମାନେ ଆନନ୍ଦିତ ହେବା ସହ ସେମାନଙ୍କ ଗୁହାରି ମଧ ଲାଘବ ହେଉଛି। ଲୋକଙ୍କ ଆଶା ଅସୁମାରୀ ହୋଇଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବର୍ଗଙ୍କ ଆଶା ଗୋଟିଏ ପରେ ଗୋଟିଏ ପୂରଣ କରି ଚାଲିଛନ୍ତି। ନିର୍ବାଚନ ପୂର୍ବରୁ ଲୋକଙ୍କୁ ଦେଇଥିବା ୨୧ ପ୍ରତିଶ୍ରୁତି ମଧ୍ୟରୁ ୧୧ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ମୋହର ବାଜି ସାରିଥିବାବେଳେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍‌ରେ ଐତିହାସିକ ନିଷ୍ପତ୍ତି ନିଆଯାଉଛି।

## ଚାକିରି ବୟସସୀମା ୪୨କୁ ବୃଦ୍ଧି

ସରକାରକୁ ଆସିବା ପରେ ବେକାର ଏବଂ ଶିକ୍ଷିତ ଯୁବତୀଯୁବକମାନଙ୍କ ପାଇଁ ବର୍ଷକ ମଧ୍ୟରେ ମୋହନ ସରକାର ବହୁ ବଡ଼ ପଦକ୍ଷେପ ଗ୍ରହଣ କରିସାରିଛନ୍ତି। ସରକାରୀ ଚାକିରି ବୟସସୀମା ୪୨ବର୍ଷକୁ ବୃଦ୍ଧି କରି ମୋହନ ସରକାର ସମସ୍ତଙ୍କ ବିଶ୍ୱାସ ଜିତିପାରିଛନ୍ତି। ଏଥିଲାଗି ବହୁଦିନରୁ ଦାବି ହେଇଆସୁଥିଲେ ମଧ ଏହାକୁ କାର୍ଯ୍ୟକାରୀ କରି ରାଜ୍ୟରୁ ବେକାରି ସମସ୍ୟା ଦୂର କରିବା ଲାଗି ମୋହନ ସରକାର କେତେ ଚିନ୍ତିତ ତା’ର ପ୍ରମାଣ ଦେଇଛନ୍ତି। ୫ବର୍ଷରେ ଦେଢ଼ ଲକ୍ଷ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମୋହନ ସରକାର ଇତିମଧ୍ୟରେ ୬୫ ହଜାର ପଦବୀ ପୂରଣ ଦିଗରେ ପଦକ୍ଷେପ ନେଇସାରିଛନ୍ତି। ସରକାରୀସ୍ତରରେ ଖାଲି ପଡ଼ିଥିବା ୮୫ ହଜାର ୪୩୪ ସରକାରୀ ପଦବୀ ଭିତରୁ ଏବେ ସୁଦ୍ଧା ୨୭ ହଜାର ୩୮୨ଟି ପଦବୀ ପୂରଣ କରାଯାଇଛି। ବର୍ଷକ ମଧ୍ୟରେ ପ୍ରାୟ ୪୦ ହଜାର ପଦବୀ ପୂରଣ ହେବାକୁ ଯାଉଛି। ସବୁଠାରୁ ବଡ କଥା ହେଉଛି, ୫ ବର୍ଷ ଭିତରେ ଆଇଟିଏସ୍ ଏବଂ ଆଇଟି କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ସୁଯୋଗ ଦେବା ପାଇଁ ସରକାର ଆଗକୁ ବଢ଼ିଛନ୍ତି।

## ପଛୁଆବର୍ଗଙ୍କୁ ସଂରକ୍ଷଣ

ରାଜ୍ୟର ଭାଜପା ସରକାରର ପ୍ରଥମବର୍ଷ ପୂର୍ତ୍ତିର କିଛିଦିନ ପୂର୍ବରୁ ଅର୍ଥାତ୍ ଗତ ମେ’ ୧୪ରେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା। ଉଚ୍ଚଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କୁ ୧୧.୨୫% ସଂରକ୍ଷଣ ଦେଇ ମୋହନ ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳନ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚମାଧ୍ୟମିକ(+୨), ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବି.ପି.ଏଡ୍/ଏମ.ପି.ଏଡ୍ ପାଠ୍ୟକ୍ରମରେ ଲାଗୁ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

## ମହିଳା ସଶକ୍ତୀକରଣରେ ‘ସୁଭଦ୍ରା’

ସୁଭଦ୍ରା

ଓଡ଼ିଶାରେ ଭାଜପା ସରକାରକୁ ଏକ ବର୍ଷ ପୂରିଛି। ବର୍ଷେ ତଳେ ଯେତେବେଳେ ଭାଜପା ସରକାର ଗଠନ କରିଥିଲା, ସେହି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ କ୍ୟାବିନେଟ୍‌ରେ ୪ଟି ବଡ଼ ନିଷ୍ପତ୍ତି ନେଇଥିଲେ। ସେଥିମଧ୍ୟରୁ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଏକ ବଡ ନିଷ୍ପତ୍ତି ଥିଲା। ଏହି ଯୋଜନା ମାଧ୍ୟମରେ ଏବେ ରାଜ୍ୟ ସରକାର ଓଡିଶାର ୧କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦୁଇଟି କିସ୍ତି ବାବଦରେ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିସାରିଛନ୍ତି। ତୃଣମୂଳସ୍ତରକୁ ଯାଇ ମହିଳାମାନଙ୍କୁ ଯେପରି ଏହି ଯୋଜନାରେ ଯୋଡା ଯାଇପାରିବ ଏହା ଉପରେ ମୋହନ ମାଝୀଙ୍କ ସରକାର କାର୍ଯ୍ୟ କରିଛନ୍ତି। ଅନ୍ୟପଟେ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ଦେଶରେ ଏବେ ଶୀର୍ଷ ସ୍ଥାନ ହାସଲ କରିପାରିଛି। ଏବେ ସୁଦ୍ଧା ରାଜ୍ୟରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇସାରିଥିବା ବେଳେ ଆସନ୍ତା ୨ ବର୍ଷ ମଧ୍ୟରେ ଏହି ସଂଖ୍ୟା ୨୫ ଲକ୍ଷରେ ପହଞ୍ଚିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ସୁଭଦ୍ରା ଯୋଜନା ମହିଳାମାନଙ୍କ ସଶକ୍ତୀକରଣ ଦିଗରେ ଏକ ବଡ଼ ସଫଳତା ଆଣିଦେବାର ସମ୍ଭାବନା ସୃଷ୍ଟି କରିଛି।




## ଦ୍ରୁତ ଶିଳ୍ପାୟନର ଅନ୍ୟ ନାମ ଓଡ଼ିଶା

‘ଦ୍ରୁତ ଶିଳ୍ପାୟନ’ କହିଲେ ଏବେ ଓଡ଼ିଶାକୁ ବୁଝାଯାଉଛି। ଯଦିଓ ଓଡ଼ିଶାରେ ଶିଳ୍ପାୟନ ପାଇଁ ସବୁପ୍ରକାର ଅନୁକୂଳ ଉପାଦାନ ରହିଥିଲା, ତଥାପି ପୂର୍ବ ସରକାରଙ୍କ ଆନ୍ତରିକତା ଅଭାବରୁ ତାହା ସମ୍ପୂର୍ଣ୍ଣ ଉପଯୋଗୀ ହୋଇପାରି ନାହିଁ। ମୋହନ ସରକାରଙ୍କ ପ୍ରଥମ ବର୍ଷରେ ଦ୍ରୁତ ଶିଳ୍ପାୟନ ପାଇଁ ଉତ୍କର୍ଷ ଓଡ଼ିଶା ଆୟୋଜନ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ୟାରେଣ୍ଟି ଦେବା ପରେ ଶିଳ୍ପୋଦ୍ୟୋଗୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଫଳରେ ୧୬.୭୩ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହି ପୁଞ୍ଜି ନିବେଶହେଲେ ପ୍ରାୟ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ରୋଜଗାର ସୃଷ୍ଟିହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବ ସରକାର କେବଳ ଶିଳ୍ପୋଦ୍ୟୋଗୀଙ୍କ ସହ ବୁଝାମଣାକରି ରହି ଯାଉଥିବାବେଳେ ମୋହନ ସରକାର ଏହି ଅବଧି ମଧ୍ୟରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ୫୬ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।



-ରିପୋର୍ଟ: ରବି ନାରାୟଣ ଜେନା, ସୁନିତ୍ ମିଶ୍ର

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୨/୨୦୨୫ Bhubaneswar, Thursday, June 12/ 2025




# କାଗିଶୋ ରାବାଡ଼ାଙ୍କ ଘାତକ ବୋଲିଂ

## ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ

■ ପ୍ରଥମ ଦିବସରେ ୧୪ ଉଇକେଟ ପତନ

■ ଅଷ୍ଟ୍ରେଲିଆ ୨୧୨, ଦ. ଆଫ୍ରିକା ୪୩/୪

ଲର୍ଡ୍ସ, ୧୧।୬

ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ବୁଧବାର ଏଠାରେ ଆରମ୍ଭ ହୋଇଛି। କାଗିଶୋ ରାବାଡା ଘାତକ ବୋଲିଂ କରି ୫ ଉଇକେଟ ସଫଳତା ହାସଲ କରିଥିବାବେଳେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ମାତ୍ର ୨୧୨ ରନ୍‌ରେ ସୀମିତ ରହିଛି। ଶେଷ ୫.୪ ଓଭରରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇଥିଲା। ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ଦକ୍ଷିଣ ଆଫ୍ରିକା ୪୩ ରନ ମଧ୍ୟରେ ୪ ଉଇକେଟ ହରାଇଛି। ଅର୍ଥାତ୍ ବୋଲରଙ୍କ ପ୍ରାଧାନ୍ୟ ବିଶିଷ୍ଟ ପ୍ରଥମ ଦିବସରେ ୧୪ ଉଇକେଟର ପତନ ଘଟିଛି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୨ଟି ଏବଂ ଅଧିନାୟକ ପ୍ୟାଟ୍ କୁମିନ୍ସ ଓ ଜୋଶ ହାଜେଲଉଡ୍ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଦକ୍ଷିଣ ଆଫ୍ରିକା ବ୍ୟାଟରଙ୍କ ମଧ୍ୟରେ ର୍‌ୟାନ ରିକେଲଟନ ୧୬ ରନ କରିଥିବାବେଳେ ଏଡେନ ମାରକ୍ରମ, ୱିଆନ ମୁଲ୍ଡର ଓ ଟ୍ରିଷ୍ଟନ ଷ୍ଟବ୍ସ ଦୁଇଅଙ୍କ ସ୍ପର୍ଶ କରିପାରି ନାହାନ୍ତି। ଆଇସିସି ଚେୟାରମ୍ୟାନ ଜୟ ଶାହା ବେଲ୍ ବଜାୟ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଅଷ୍ଟ୍ରେଲିଆ। ଉସ୍‌ମାନ ଖ୍ୱାଜାଙ୍କ ସହ ଇନିଂସ ଓପନ୍ କରିଥିଲେ ମାର୍ନସ ଲାବୁସେନ। ତେବେ ସ୍କୋର ମାତ୍ର ୧୨ ଥିବାବେଳେ ଖ୍ୱାଜା (୦)ଙ୍କୁ ଆଉଟ୍‌କରି ଅଷ୍ଟ୍ରେଲିଆକୁ ପ୍ରଥମ ଝଟ୍‌କା ଦେଇଥିଲେ କାଗିଶୋ ରାବାଡ଼ା। ତୃତୀୟ ସ୍ଥାନରେ ଆସିଥିବା କାମେରନ ଗ୍ରୀନ୍ ମାତ୍ର ୪ ରନ୍‌କରି ରାବାଡ଼ାଙ୍କ ଦ୍ୱିତୀୟ ଶିକାର ହେବାରୁ ୧୬ ରନ୍‌ରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଉଇକେଟ ହରାଇଥିଲା। ଷ୍ଟିଭ୍ ସ୍ମିଥ୍ ଗୋଟିଏ ପଟରେ ଲଢ଼େଇ ଜାରି ରଖିଥିବାବେଳେ ଅନ୍ୟପଟରେ ଲାବୁସେନ ୧୭ ଓ ବିପଜ୍ଜନକ ଟ୍ରାଭିସ ହେଡ୍ ୧୧ ରନ୍‌କରି ଆଉଟ ହେବାରୁ ପ୍ରତିପକ୍ଷ ଶିବିରରେ ଉତ୍ସାହ ଦେଖାଦେଇଥିଲା। ସ୍ମିଥ୍‌ଙ୍କ ସହ ବିଉ ୱେବ୍‌ଷ୍ଟର ଯୋଗଦେଇ ସତର୍କତାର ସହ ବ୍ୟାଟିଂ କରିବା ସହ ଅଷ୍ଟ୍ରେଲିଆ ଇନିଂସକୁ ଆଗେଇ ନେଇଥିଲେ। ଦୁହେଁ ୫ମ ଉଇକେଟରେ ୭୯ ରନ୍ ଯୋଗକରିବା ପରେ ମାର୍କୋ ଜାନସେନ ଏକ ଚମତ୍କାର କ୍ୟାଚ୍ ନେଇ ସ୍ମିଥ୍‌ଙ୍କୁ ପାଭିଲିୟନ ପଥ ଦେଖାଇଥିଲେ। ୧୧୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସ୍ମିଥ୍ ୧୦ ଚୌକା ସହାୟତାରେ ୬୬ ରନ୍ କରିଥିଲେ। ଏଡେନ ମାରାକ୍ରମଙ୍କ ଅଫ୍‌ସାଇଡ୍ ବାହାରର ବଲ୍‌କୁ ସ୍ମିଥ୍ କଭର ଡ୍ରାଇଭ୍ ମାରିବାକୁ ଉଦ୍ୟମ କରିଥିବାବେଳେ ବଲ୍ ଏଜ୍ ନେଇ ଶର୍ଟ ମିଡ୍ ଉଇକେଟ ଅଞ୍ଚଳକୁ ଯାଇଥିଲା। ସେଠାରେ ଥିବା ଜାନସେନ ୩ଟି ଉଦ୍ୟମରେ କ୍ୟାଚ୍ ଧରିବାକୁ ସକ୍ଷମ ହୋଇଥିଲେ। ଲଞ୍ଚ୍ ବେଳକୁ ଅଷ୍ଟ୍ରେଲିଆ ୪ ଉଇକେଟରେ ୬୭ ଏବଂ ଚା’ ବିରତି ବେଳକୁ ୫ ଉଇକେଟରେ ୧୯୦ ରନ୍ ସଂଗ୍ରହ କରିଥିଲା। ଅର୍ଥାତ୍ ପ୍ରଥମ ସେସନରେ ଦକ୍ଷିଣ ଆଫ୍ରିକା ପ୍ରଭାବୀ ରହିଥିବାବେଳେ ଦ୍ୱିତୀୟ ସେସନରେ ଅଷ୍ଟ୍ରେଲିଆ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ଏହାପରେ ଦକ୍ଷିଣ ଆଫ୍ରିକା ବୋଲର ଆଧିପତ୍ୟ ବିସ୍ତାର କରିଥିଲେ। ଚା’ ବିରତି ପର ଓଭରରେ କେଶବ ମହାରାଜଙ୍କ ଏକ ବଲ୍‌କୁ ରିଭର୍ସ ସୁଇପ୍ ଖେଳିବାକୁ ଯାଇ କ୍ଲିନବୋଲ୍ଡ ହୋଇଯାଇଥିଲେ ଆଲେକ୍ସ କାରେ। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା କାରେ ୨୩ ରନ୍ କରିଥିଲେ। ଅଧିନାୟକ ପ୍ୟାଟ୍ କୁମିନ୍ସଙ୍କ ସହ ଭଲ ଖେଳିଥିବା ୱେବ୍‌ଷ୍ଟରଙ୍କୁ ମଧ୍ୟ ପାଭିଲିୟନ ବାଟ ଦେଖାଇଥିଲେ ରାବାଡା। ୯୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ୱେବ୍‌ଷ୍ଟର ୧୧ ଚୌକା ମାରି ସର୍ବାଧିକ ୭୨ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ରାବାଡା ୫ଟି, ଜାନସେନ ୩ଟି ଏବଂ କେଶବ ମହାରାଜ ଓ ଏଡେନ ମାରାକ୍ରମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଉଲ୍ଲସିତ କାଗିଶୋ ରାବାଡ଼ା।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨/ଅଲ୍‌ଆଉଟ (ବିଉ ୱେବ୍‌ଷ୍ଟର-୭୨, ଷ୍ଟିଭ୍ ସ୍ମିଥ୍-୬୬, କାଗିଶୋ ରାବାଡା-୫/୫୧, ମାର୍କୋ ଜାନସେନ-୩/୪୯, କେଶବ ମହାରାଜ-୧/୧୯, ଏଡେନ ମାରାକ୍ରମ-୧/୫)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୩/୪।

# ଶ୍ରାବଣୀଙ୍କୁ ୨.୫ଲକ୍ଷ ପୁରସ୍କାର



ଆଥଲେଟ୍ ଶ୍ରାବଣୀ ନନ୍ଦଙ୍କୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୧।୬ (ତପନ ସ୍ୱାଇଁ)

ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍-୨୦୨୫ର ୪x୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଅର୍ଜନ କରି ଦେଶ ଓ ରାଜ୍ୟ ପାଇଁ ସୁନାମ ଅର୍ଜନ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦଙ୍କୁ ବୁଧବାର ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରାବଣୀଙ୍କୁ ୨.୫ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଶ୍ରାବଣୀଙ୍କୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି। ଶ୍ରାବଣୀଙ୍କ ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ ଏବଂ ବିଶେଷ ଭାବରେ ମହିଳା କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରିତ କରିବ ବୋଲି ସୂରଜ ପ୍ରକାଶ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜାତୀୟ ସିନିୟର ଉଶୁ ପାଇଁ ୪୨ ଜଣିଆ ଓଡ଼ିଶା ଦଳ

ଭୁବନେଶ୍ୱର, ୧୧।୬(ତପନ ସ୍ୱାଇଁ)

ଚଳିତ ମାସ ୧୪ରୁ ୧୯ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରଠାରେ ୩୪ତମ ଜାତୀୟ ସିନିୟର ଉଶୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ ୪୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୨ ଅଫିସିଆଲ ଓ ୩ ଟେକ୍ନିକାଲ ଅଫିସିଆଲଙ୍କୁ ମିଶାଇଲେ ମୋଟ ୪୭ ଜଣିଆ ପ୍ରତିନିଧି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। କୋଚ୍‌ଭାବେ ଯୁଧିଷ୍ଠିର ଗୁରୁହାଣ୍ଡି ଓ ପ୍ରସାଦ ନାଏକ ଦଳ ସହ ରହିବେ। ଓଡ଼ିଶା ଦଳ ଗୁରୁବାର ରାଜସ୍ଥାନ ଯାତ୍ରା କରିବ। ଉଶୁ ଆସୋସିଏଶନ ଅଫ୍ ଓଡ଼ିଶା ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି ଓ ବିକାଶ ପଟ୍ଟନାୟକ ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଜ୍ୟୋତିକା, ବିଶ୍ୱପ୍ରୀତ ଚାମ୍ପିୟନ

## ୧୫ ବର୍ଷରୁ କମ୍ ରାଜ୍ୟ ଚେସ୍

ଭୁବନେଶ୍ୱର, ୧୧।୬(ତପନ ସ୍ୱାଇଁ)

ଟ୍ରିପଲ ‘ସି’ ଚେସ୍ କ୍ଲବ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଏହାର ବାଳିକା ବିଭାଗରେ ଜ୍ୟୋତିକା ସାହୁ ଏବଂ ବାଳକରେ ବିଶ୍ୱପ୍ରୀତ୍ ରାୟ ଚାମ୍ପିୟନ ହୋଇଛନ୍ତି। ୮ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ଜ୍ୟୋତିକା ଏକାକୀ ୭.୫ ପଏଣ୍ଟ ହାସଲକରି ପ୍ରଥମ ସ୍ଥାନରେ ରହିଛନ୍ତି। ଶ୍ରଦ୍ଧା ସ୍ମରଣିକା ନନ୍ଦ ୭ ପଏଣ୍ଟ ସହିତ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରୀତିଶା ମିତ୍ର (୬.୫), ଇ. ରାଗିଣୀ, ନିହ୍ରିତା ପଟ୍ଟନାୟକ, ନୟନିକା ସାହୁ (ସମସ୍ତେ ୬ ପଏଣ୍ଟ), ସୃଷ୍ଟି ଶ୍ରେୟାସି, ଲବ୍‌ଧି ସ୍ୱାଇଁ, ତନ୍‌ଭି ମିଶ୍ର ଓ ଆରାଧ୍ୟା ବୁଡେକ (ସମସ୍ତେ ୫.୫) ଟପ୍-୧୦ରେ ରହିଛନ୍ତି। ସେହିପରି ବାଳକ ବର୍ଗରେ ବିଶ୍ୱପ୍ରୀତଙ୍କ ସମେତ ଲଳିତ ରଞ୍ଜନ ସାହୁ, ସାତ୍ତ୍ୱିକ ସ୍ୱାଇଁ ଓ ଆଦିତ୍ୟ ଜେନା ୭ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଟାଇବ୍ରେକରରେ ଏହି ୪ ଖେଳାଳି ଯଥାକ୍ରମେ ୧ମରୁ ୪ର୍ଥ ସ୍ଥାନ ପାଇଥିଲେ। ସାଇଶକ୍ତି ପଣ୍ଡା, ଆଦିତ୍ୟ ବିକ୍ରମ ମିଶ୍ର, ମନୀଷ ମିଶ୍ର (ସମସ୍ତେ ୬.୫), ଦେବପ୍ରିୟ ବିଶ୍ୱାଳ, ସାର୍ଥକ ମହାନ୍ତି ଓ ଆଦିତ୍ୟ କୁମାର ସ’(ସମସ୍ତେ ୬ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ସାମାଜିକ କର୍ମୀ ଲଲାଟେନ୍ଦୁ ବସ୍ତୁ, କଟକ ଡିଏସ୍‌ଓ ଅଜୟ କୁମାର ବେହେରା, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟକାରିଣୀ ସଦସ୍ୟ ରିତେଶ ରଥ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଉଭୟ ବର୍ଗର ୨ ଜଣ ଲେଖାଏ ଶ୍ରେଷ୍ଠ ପ୍ରତିଯୋଗୀ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ୨୦ ଜିଲାରୁ ମୋଟ ୨୬୦ ପ୍ରତିଯୋଗୀ ଭାଗନେଇଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ରଙ୍କ ସହିତ ସୂରଜ କୁମାର ମହାରଣା, ସତ୍ୟଜିତ୍ ବାରିକ ଓ ଚନ୍ଦ୍ରଶେଖର ପଣ୍ଡା ଖେଳ ପରିଚାଳନା କରିଥିଲେ।




କୃତୀ ଚେସ୍ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଭାରତର କ୍ରମାଗତ ୩ୟ ପରାଜୟ

ଆମଷ୍ଟେଲଭିନ୍, ୧୧।୬ (ପି.ଟି.): ଡିଫେନ୍ସ ବିଭାଗରେ ତ୍ରୁଟି ଯୋଗୁ ଭାରତୀୟ ପୁରୁଷ ହକି ଦଳ ୩-୪ ଗୋଲରେ ଆର୍ଜେଣ୍ଟିନାଠାରୁ ପରାଜିତ ହୋଇଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପିଆନ ଲେଗ୍‌ରେ ଏହା ଭାରତର କ୍ରମାଗତ ତୃତୀୟ ପରାଜୟ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ୧-୨ ଓ ୨-୩ ଗୋଲରେ ନେଦରଲାଣ୍ଡସଠାରୁ ପରାସ୍ତ ହୋଇଥିଲା। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ଅଧିନାୟକ ମାଟିଆସ ରେଙ୍କ ଗୋଲ ବଳରେ ଆର୍ଜେଣ୍ଟିନା ଖାତା ଖୋଲିଥିଲା। ମ୍ୟାଚ୍‌ର ୧୨ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଅଧିନାୟକ ହରମନପ୍ରୀତ ସିଂ ଗୋଲରେ ପରିଣତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଲୁକାସ ମାର୍ଟିନେଜ (୧୭ତମ)ଙ୍କ ଯୋଗୁ ଆର୍ଜେଣ୍ଟିନା ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୩୩ତମ ମିନିଟ୍‌ରେ ହରମନପ୍ରୀତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ହେଲେ ଏହାର ୧ ମିନିଟ୍ ପରେ ସାଣ୍ଟିଆଗୋ ଟାରାଜୋନା (୩୪ତମ) ଆର୍ଜେଣ୍ଟିନା ପାଇଁ ତୃତୀୟ ଗୋଲ କରିଥିଲେ। ୪୨ତମ ମିନିଟ୍‌ରେ ଅଭିଷେକଙ୍କ ଗୋଲ ବଳରେ ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା ସ୍କୋର ଲାଇନ୍ ୩-୩ ଗୋଲରେ ବରାବର ସ୍ଥିତିରେ ପହଞ୍ଚିଥିଲା। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରରେ ଲୁସିଓ ମେଣ୍ଡେଜ (୪୬ତମ) ଆର୍ଜେଣ୍ଟିନା ପାଇଁ ଚତୁର୍ଥ ଗୋଲ କରିଥିଲେ। ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଗୁରୁବାର ଖେଳାଯିବ।

# ଆନ୍ଧ୍ରକୁ ହରାଇ ଓଡ଼ିଶା ଚାମ୍ପିୟନ

## ଆନ୍ତଃ ରାଜ୍ୟ ଦୃଷ୍ଟିବାଧିତ ମହିଳା ଟି୨୦

ଭୁବନେଶ୍ୱର, ୧୧।୬(ତପନ ସ୍ୱାଇଁ)

ବିଶାଖାପାଟଣାରେ ଅନୁଷ୍ଠିତ ଆନ୍ତଃ ରାଜ୍ୟ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୨୯ ରନ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ବର୍ଷା ଯୋଗୁ ମ୍ୟାଚ୍‌କୁ ୧୫ ଓଭରବିଶିଷ୍ଟ କରାଯାଇଥିଲା। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ୧୫ ଓଭରରେ ୬ ଉଇକେଟ ହରାଇ ୧୦୯ ରନ୍ କରିଥିଲା। ଅଧିନାୟିକା ଫୁଲ ସୋରେନ ସର୍ବାଧିକ ୩୯ ରନ୍‌କରି ଅପରାଜିତ ରହିଥିଲେ। ୧୧୦ ରନ୍ ବିଜୟ ଲକ୍ଷ୍ୟରେ ଆନ୍ଧ୍ରପ୍ରଦେଶ ୧୩.୫ ଓଭରରେ ୮୦ ରନ୍‌କରି ଅଲ୍‌ଆଉଟ୍ ହୋଇ ଯାଇଥିଲା। ଚମତ୍କାର ଫିଲ୍ଡିଂ କରି ଆନ୍ଧ୍ରର ୪ ବ୍ୟାଟରଙ୍କୁ ରନ୍‌ଆଉଟ କରିଥିବା ଓଡ଼ିଶାର ବାସନ୍ତି ହାଁସ୍‌ଦା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବି-୧ ବର୍ଗରେ ଯମୁନାରାଣୀ ଟୁଡ୍ଡୁ, ବି-୨ରେ ସୁକାନ୍ତି ଦଳପତି ଓ ବି-୩ ବର୍ଗରେ ଝିଲି ବିରୁଆ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଓଡ଼ିଶାରେ ଦୃଷ୍ଟିବାଧିତ କ୍ରିକେଟ ପରିଚାଳନା ଅନୁଷ୍ଠାନ(ସିଏବିଆଇ) ସଭାପତି ମହମ୍ମଦ ଜାଫର ଇକ୍‌ବାଲ, ସନ୍ନ୍ୟାସୀ କୁମାର ବେହେରା, ଦେବାଶିଷ ଜେନା, ସୁଖରାମ ମାଝି ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




ଅତିଥିଙ୍କ ସହ ଚାମ୍ପିୟନ ଦୃଷ୍ଟିବାଧିତ ଓଡ଼ିଶା ମହିଳା କ୍ରିକେଟ ଦଳ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ